READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୯ ସଂଖ୍ୟା-୨୪ ୨୩ - ୨୯ ଜୁନ୍, ୨୦୨୫ ଭୁବନେଶ୍ୱର Monday Weekly VOL-9 ISSUE-24 23rd - 29th JUNE, 2025 BHUBANESWAR ₹ 5/- (8 Pages)

## ଓଡ଼ିଶା ହେବ ଦେଶର ଶିଳ୍ପ ହବ୍ : ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, (ପିଆଇବି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟସ୍ତରୀୟ ସମାରୋହରେ ଅଧ୍ୟକ୍ଷତା କରିଛନ୍ତି। ଓଡ଼ିଶାର ସାମଗ୍ରିକ ବିକାଶ ପ୍ରତି ତାଙ୍କର ପ୍ରତିବଦ୍ଧତା ଅନୁଯାୟୀ, ପ୍ରଧାନମନ୍ତ୍ରୀ ପାନୀୟ ଜଳ, ଜଳସେଚନ, କୃଷି ଭିତ୍ତିଭୂମି, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମୀଣ ରାସ୍ତା ଏବଂ ସେତୁ, ଜାତୀୟ ରାଜପଥର କେତେକ ଖଣ୍ଡ ଏବଂ ଏକ ନୂତନ ରେଳ ଲାଇନ ସମେତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ୧୮,୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଥିଲେ ଯେ, ଜୁନ୍ ୨୦ ତାରିଖ ହେଉଛି ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଦିନ।



ଏହି ଦିନରେ ଓଡ଼ିଶାର ପ୍ରଥମ ବିଜେପି ସରକାରଙ୍କର ଗୋଟିଏ ବର୍ଷ ପୂରଣ ହେଉଛି। ଏହି ବାର୍ଷିକୀ ପାଳନ କେବଳ ଏକ ସରକାରଙ୍କର ନୁହେଁ, ବରଂ ଜନସେବା ଏବଂ ଜନ ବିଶ୍ୱାସ ପ୍ରତି ଉତ୍ସର୍ଗୀକୃତ ସୁଶାସନ ପ୍ରତିଷ୍ଠାର ବାର୍ତ୍ତା ଦେଉଛି। ସରକାର ଓଡ଼ିଶାର କୋଟି କୋଟି ମତଦାତାଙ୍କ ଆଶା ପୂରଣ କରିବା ପାଇଁ ଆନ୍ତରିକ ପ୍ରୟାସ କରିଛନ୍ତି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ମୋଦୀ ଓଡ଼ିଶାବାସୀଙ୍କର ସମର୍ଥନ ଏବଂ ବିଶ୍ୱାସକୁ ସ୍ୱୀକାର କରି ସେମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ସେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ସହଯୋଗୀ ଦଳକୁ ସେମାନଙ୍କର ପ୍ରଶଂସନୀୟ କାର୍ଯ୍ୟ ପାଇଁ ଅଭିନନ୍ଦନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଏମାନଙ୍କର ପ୍ରୟାସ ଓଡ଼ିଶାର ବିକାଶକୁ ନୂତନ ଗତି ଦେଇଛି। ଶ୍ରୀ ମୋଦୀ କହିଥିଲେ, ଓଡ଼ିଶା କେବଳ ଏକ ରାଜ୍ୟ ନୁହେଁ, ବରଂ ଭାରତର ସମୃଦ୍ଧ ଐତିହ୍ୟର ଏକ ଉଜ୍ଜ୍ୱଳ ନକ୍ଷତ୍ର। ଶହ ଶହ ବର୍ଷ ଧରି ଓଡ଼ିଶା ଭାରତୀୟ ସଭ୍ୟତା ଏବଂ ସଂସ୍କୃତିକୁ ସମୃଦ୍ଧ କରିଆସିଛି। ସେ ଆହୁରି ଉଲ୍ଲେଖ କରିଥିଲେ ଯେ ବର୍ତ୍ତମାନ ସମୟରେ, ଯେତେବେଳେ ବିକାଶ ଏବଂ ଐତିହ୍ୟର ମନ୍ତ୍ର ଭାରତର ପ୍ରଗତି ପାଇଁ ମୂଳଦୁଆ ପାଲଟିଛି, ଓଡ଼ିଶାର ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗତ ଏକ ବର୍ଷ ମଧ୍ୟରେ ଓଡ଼ିଶା ଏହାର ଐତିହ୍ୟକୁ ସଂରକ୍ଷଣ କରିବା ସହିତ ବିକାଶର ମନ୍ତ୍ରକୁ ଆନ୍ତରିକତାର ସହିତ ଗ୍ରହଣ କରିଛି। ରାଜ୍ୟ ଏହି ପଥରେ ଦ୍ରୁତ ଗତିରେ ଆଗକୁ ବଢ଼ିଛି ବୋଲି ସେ ଜୋର୍ ଦେଇ କହିଥିଲେ। ଓଡ଼ିଶାରେ ତାଙ୍କ ସରକାରର ପ୍ରଥମ ବର୍ଷ ପୂରଣ ହେବା ସହିତ ଲୋକମାନେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତିରେ ନିୟୋଜିତ ହେବା ଏକ ପବିତ୍ର ସଂଯୋଗ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ। ସେ କହିଥିଲେ, ମହାପ୍ରଭୁ ଜଗନ୍ନାଥ ଏକ ବିଶାଳ ପ୍ରେରଣାର ଉତ୍ସ। ମହାପ୍ରଭୁଙ୍କ ଆଶୀର୍ବାଦରେ ଶ୍ରୀମନ୍ଦିର ସହ ଜଡିତ ସମସ୍ୟାର ମଧ୍ୟ ସମାଧାନ ହୋଇଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରି କହିଥିଲେ। କୋଟି କୋଟି ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେବା ପାଇଁ ଶ୍ରୀ ମୋହନ ମାଝୀ ଏବଂ ତାଙ୍କ ସରକାରଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ ସରକାର ଗଠନ ହେବା ପରେ ତୁରନ୍ତ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲାଯାଇଥିଲା। ଶ୍ରୀମନ୍ଦିରର ରତ୍ନ ଭଣ୍ଡାର ମଧ୍ୟ ଖୋଲାଯାଇଛି। ଏହା ରାଜନୈତିକ ➤ ପୃ-୬

### ସବୁଠାରୁ ବଡ଼ ଡାଟା ଲିକ୍

## ୧୬ ବିଲିୟନ ଲଗ୍ଇନ ତଥ୍ୟ ଲିକ୍



**ନୂଆଦିଲ୍ଲୀ :** ଇତିହାସର ସବୁଠାରୁ ବଡ଼ ଡାଟା ଲିକ୍। ୧୬ ବିଲିୟନ ଲଗଇନ ତଥ୍ୟ ଲିକ୍ ହୋଇଥିବା ଜଣାପଡିଛି। ଯେଉଁଥିରେ ପାସୱାର୍ଡ ଏବଂ ଅନ୍ୟ ଡାଟା ଲିକ୍ ହୋଇଥିବା ନିଶ୍ଚିତ କରିଛନ୍ତି ସାଇବର ସୁରକ୍ଷା ଗବେଷକ। ଏକ ରିପୋର୍ଟ ଅନୁଯାୟୀ, ଏହି ତଥ୍ୟ ଲିକ୍ ଆପଲ୍, ଫେସବୁକ୍, ଗୁଗଲ୍, ଗିଟହବ୍, ଟେଲିଗ୍ରାମ୍ ଏବଂ ବିଭିନ୍ନ ସୋସିଆଲ ମିଡିଆ ସେବା ଭଳି ପ୍ରାୟ ସମସ୍ତ ଅନଲାଇନ୍ ସେବାକୁ ବିପଦରେ ପକାଇପାରେ। ➤ ପୃ-୬

## ‘ଧାମ’ ପରେ ତେଜିଲା ‘ପ୍ରସାଦ’ ବିବାଦ

**କୋଲକାତା :** ଆସନ୍ତାବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବଡ଼ ପଲିଟିକାଲ ଷ୍ଟଣ୍ଟ୍। ଦୀଘା ଜଗନ୍ନାଥ ମନ୍ଦିରରେ ଖୁଆ ପୂଜା କରି ଏହାକୁ ମହାପ୍ରସାଦ ନାଁରେ ପୁରା ରାଜ୍ୟରେ ଘରେ ଘରେ ବାଣ୍ଟୁଛନ୍ତି ମମତା ସରକାର। କୁହାଯାଉଛି, ବିଜେପିର ହିନ୍ଦୁତ୍ୱ କାର୍ଡକୁ କଡ଼ା ଟକ୍କର ଦେବା ଏବଂ ନିର୍ବାଚନ ପୂର୍ବରୁ ନିଜ ହିନ୍ଦୁ ବିରୋଧୀ ଭାବମୂର୍ତ୍ତି ବଦଳାଇବାକୁ ଏଭଳି ଯୋଜନାର ସାହାରା ନେଇଛନ୍ତି ମମତା। ଯାହାକୁ ରାଜନୈତିକ ଚାଲ କହି କଡ଼ା ନିନ୍ଦା କରିଛି ପଶ୍ଚିମବଙ୍ଗ ବିଜେପି। ଏପଟେ ପ୍ୟାକେଟରେ ପେଡ଼ା ଓ ଗଜା ବାଣ୍ଟି ଏହାକୁ ମହାପ୍ରସାଦ ବୋଲି କହୁଥିବାରୁ ତାକୁ ନେଇ ବର୍ଷିଛନ୍ତି ଶ୍ରୀମନ୍ଦିର ସେବାୟତ। ପ୍ରଥମେ ‘ଧାମ’ ଏବେ, ପୁଣି



‘ମହାପ୍ରସାଦ’! ପୁରୀ ଶ୍ରୀମନ୍ଦିର, ଶ୍ରୀଜିଉ ଏବଂ ସାରା ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭକ୍ତି ଓ ଭାବାବେଗ ସହ ପୁଣି ଖେଳ। ପଶ୍ଚିମବଙ୍ଗ ଦୀଘାରେ କିଛି ଦିନ ତଳେ ପ୍ରତିଷ୍ଠା ହୋଇଥିବା ଜଗନ୍ନାଥ ମନ୍ଦିରରେ ଖୁଆ ପୂଜା କରି ଏହାକୁ ମହାପ୍ରସାଦ କହି ରାଜ୍ୟବାସୀଙ୍କୁ ବାଣ୍ଟୁଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଗତ ୧୦ ତାରିଖ ଦିନ ➤ ପୃ-୬

## ବିଜେପି କରିଛି ବିପୁଳ ବ୍ୟୟ

**ନୂଆଦିଲ୍ଲୀ :** ବିଜେପି ୨୦୨୪ ଲୋକସଭା ନିର୍ବାଚନ ଜିତିବା ପାଇଁ ପାଖାପାଖି ୧୪୯୪ କୋଟି ଟଙ୍କା ଖର୍ଚ୍ଚ କରିଛି। ଯାହା ମୋଟ ନିର୍ବାଚନ ଖର୍ଚ୍ଚର ୪୪.୫୬% ବୋଲି

### ଏଡିଆର ରିପୋର୍ଟ

କୁହାଯାଇଛି। ନିର୍ବାଚନ ସଂସ୍କାର ପାଇଁ କାର୍ଯ୍ୟ କରୁଥିବା ‘ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମସ୍’ (ଏଡିଆର) ଏହି ସୂଚନା ଦେଇଛି। ବିଜେପି ପଛକୁ ୬୨୦ କୋଟି ଟଙ୍କା ବ୍ୟୟ ସହ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି। କଂଗ୍ରେସ ମୋଟ ନିର୍ବାଚନ ଖର୍ଚ୍ଚର ୧୮.୫% 



ବ୍ୟୟ କରିଛି। ଗତ ଲୋକସଭା ନିର୍ବାଚନରେ ରାଜନୈତିକ ଦଳମାନଙ୍କ ବ୍ୟୟ ସମୀକ୍ଷା କରିଛି ଏଡିଆର। ଏଥିରେ ୩୨ଟି ଜାତୀୟ ଓ ଆଞ୍ଚଳିକ ଦଳଙ୍କ ବ୍ୟୟ ବିଶ୍ଳେଷଣ କରାଯାଇଛି। ଏହି ପାର୍ଟିମାନେ ୧୬ ମାର୍ଚ୍ଚରୁ ୬ଜୁନ ୨୦୨୪ ମଧ୍ୟରେ ଲୋକସଭା ତଥା ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଓଡିଶା ଏବଂ ସିକ୍କିମରେ ଏକସଙ୍ଗରେ ହୋଇଥିବା ବିଧାନସଭା ନିର୍ବାଚନ ପାଇଁ ମୋଟ ୩୩୫୨.୮୧ କୋଟି ଟଙ୍କା ବ୍ୟୟ କରିଛନ୍ତି। ଏହି ବ୍ୟୟରେ ଜାତୀୟ ଦଳଙ୍କ ଅଂଶ ୨୨୦୪ କୋଟି ଟଙ୍କା ଅର୍ଥାତ ୬୫.୭୫%ରୁ ଅଧିକ ରହିଛି। ରିପୋର୍ଟରେ କୁହାଯାଇଛି ଯେ ଏକତ୍ର ହୋଇଥିବା ମୋଟ ରାଶିରେ ଜାତୀୟ ଦଳମାନେ ୬୯୩୦.୨୪୬ କୋଟି ଟଙ୍କା ଅର୍ଥାତ ୯୩.୦୮% ସଂଗ୍ରହ କରିଥିବା ବେଳେ ଆଞ୍ଚଳିକ ଦଳମାନଙ୍କୁ ୫୧୫.୩୨ କୋଟି ଟଙ୍କା ଅର୍ଥାତ ୬.୯୨% ମିଳିଥିଲା। ଏହି ବିଶ୍ଳେଷଣ ବାଧ୍ୟତାମୂଳକ ବ୍ୟୟ ବିବରଣୀ ଆଧାରିତ, ➤ ପୃ-୬

## ଏଣିକି ଅନ୍‌ଲାଇନ ବୁକିଂରେ ଆମ୍ବୁଲାନ୍ସ

**ଭୁବନେଶ୍ୱର :** ଓଡ଼ିଶା ଯାତ୍ରୀ ଆପରେ ଯୋଡ଼ିହେବ ଆମ୍ବୁଲାନ୍ସ ସେବା। ମିଳିବ ହାତ ପାଆନ୍ତାରେ। ଅଟୋ କିମ୍ବା ଟ୍ୟାକ୍ସି ଭଳି ଯେକୌଣସି ସ୍ଥାନରୁ ସ୍ୱତନ୍ତ୍ର ମୋବାଇଲ ଆପରେ ଅତି ସହଜରେ ବୁକ୍ କରିହେବ ରୋଗୀ ପରିବହନ କ୍ଷେତ୍ରର ଅତି ଗୁରୁତ୍ୱପୂର୍ଣ୍ଣ ଆମ୍ବୁଲାନ୍ସ ସେବା। କାରଣ ରାଜ୍ୟରେ ପ୍ରଥମ ଥର ପାଇଁ ଖୁବଶୀଘ୍ର ଏହି ସେବା ପ୍ରଚଳନ ହେବାକୁ ଯାଉଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ପରିବହନ ଏବଂ ନଗର ଉନ୍ନୟନ ବିଭାଗ ଅଧିନରେ ଥିବା କୁଟର ମିଳିତ ସହଯୋଗରେ ଏହି ସେବା ଆରମ୍ଭ ହେଉଥିବା ପରିବହନ ମନ୍ତ୍ରୀ କହିଛନ୍ତି। ସେ ସରକାରୀ ଆମ୍ବୁଲାନ୍ସ ହେଉ ଅବା ଘରୋଇ। ଗୋଟିଏ ପ୍ଲାଟଫର୍ମରେ ଏବଂ ଗୋଟିଏ କ୍ଲିକରେ ଏହି ସେବା ଉପଲବ୍ଧ ହେବ। ➤ ପୃ-୬

### ୨୦୨୭ରେ ଜାତି ଜନଗଣନା

## ପ୍ରଭାବିତ ହେବ ସାମାଜିକ, ଆର୍ଥିକ ନୀତି

**ନୂଆଦିଲ୍ଲୀ :** ଭାରତରେ ୨୦୨୭ରେ ଜାତି ଜନଗଣନା କରାଯିବ। ଏହି ଜନଗଣନା ପରେ ଦେଶରେ ଅନେକ ପରିବର୍ତ୍ତନ ଆସିବ। ଏହାଦ୍ୱାରା ଅନେକ କିଛି ପରିବର୍ତ୍ତନ ଆସିବ। ଏହା ସାମାଜିକ-ଆର୍ଥିକ ନୀତିକୁ ପ୍ରଭାବିତ କରିବା ସହ ସୀମା ନିର୍ଦ୍ଧାରଣ, ମହିଳା ସଂରକ୍ଷଣ ଓ ସଂସଦର ସିଟ୍ ସଂଖ୍ୟାର ପୁନର୍ଗଠନ ମଧ୍ୟ କରିବ। ଜନଗଣନା ୨୦୨୭ ଓ ଜାତି ଜନଗଣନା ଭାରତର ରାଜନୀତିକ ଓ ସାମାଜିକ ସଂରଚନାରେ ଏକ ଐତିହାସିକ ମୋଡ଼ ପ୍ରମାଣିତ ହୋଇପାରେ। ଏହାଦ୍ୱାରା ମହିଳା ସଶକ୍ତିକରଣ, କ୍ଷେତୀୟ ସନ୍ତୁଳନ, ସାମାଜିକ ନ୍ୟାୟ ଓ ଲୋକତାନ୍ତ୍ରିକ ପ୍ରତିନିଧିତ୍ୱର ନୂଆ ଅଧ୍ୟାୟ ଆରମ୍ଭ ହେବ।



ଜନଗଣନା କେବଳ ଅଙ୍କର ପ୍ରକ୍ରିୟା ନୁହେଁ, ବରଂ ଆଗାମୀ ଦଶକର ରାଜନୀତି ଓ ନୀତିର ଆଧାର ଶିଳା ଅଟେ। ଭାରତରେ ଜନଗଣନା ୨୦୨୭ ଓ ତା ସହିତ ପ୍ରସ୍ତାବିତ ଜାତି ଆଧାରିତ ଜନଗଣନା ସାମାଜିକ-ଆର୍ଥିକ ନୀତିକୁ ପ୍ରଭାବିତ କରିବା ସହ ରାଜନୈତିକ ବ୍ୟବସ୍ଥାରେ ମଧ୍ୟ ଅନେକ ବଡ଼ ବଡ଼ ପରିବର୍ତ୍ତନ ଆଣିପାରେ। ଏହା ମୁଖ୍ୟତଃ ସୀମାନିର୍ଦ୍ଧାରଣ, ମହିଳା ସଂରକ୍ଷଣ ଓ ➤ ପୃ-୬

## ଦେଶରେ ଲାଗୁ ହେବ ‘ଏକ ରାଷ୍ଟ୍ର ଏକ ସମୟ’

**ନୂଆଦିଲ୍ଲୀ :** ପୂରା ଦେଶକୁ ଏକ ସମାନ, ସଠିକ ଓ ସୁରକ୍ଷିତ ସମୟ ଦେବା ଲାଗି କେନ୍ଦ୍ର ସରକାର ‘ଏକ ରାଷ୍ଟ୍ର ଏକ ସମୟ’ (ୱାନ୍ ନେସନ ୱାନ୍ ଟାଇମ) ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ଜାତୀୟ ସ୍ତରରେ ଏକ ଷ୍ଟାଣ୍ଡାର୍ଡ ଟାଇମ୍ ଲାଗି ସରକାର ସବୁ ଅଧିକାରୀକ ଓ କମର୍ସିଆଲ ପ୍ଲାଟଫର୍ମରେ ଭାରତୀୟ ଷ୍ଟାଣ୍ଡାର୍ଡ ଟାଇମ ଉପଯୋଗକୁ ଅନିବାର୍ଯ୍ୟ କରିବା ପାଇଁ ଚିଠା ପ୍ରସ୍ତାବ ପ୍ରସ୍ତୁତ କରିଛନ୍ତି। ଏହା ଲାଗୁ ହେବା ପ୍ରକ୍ରିୟାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ ଯେ ଏ ପର୍ଯ୍ୟନ୍ତ ଭାରତର ସମୟ ଡାଟା ଆମେରିକା ଓ ଅନ୍ୟ ଦେଶଙ୍କ ସାଟେଲାଇଟ ପ୍ରଣାଳୀ ଉପରେ ନିର୍ଭରଶୀଳ। ନୂଆଦିଲ୍ଲୀରେ ସମୟ ପ୍ରସାର(ଟାଇମ୍ ଡିସମିନେସନ) ଉପରେ ଆୟୋଜିତ



ସମ୍ମିଳନୀରେ ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି ଯେ ଭାରତୀୟ ଷ୍ଟାଣ୍ଡାର୍ଡ ଟାଇମକୁ ଦେଶର ଆଇନ, ପ୍ରଶାସନିକ ଏବଂ ବାଣିଜ୍ୟିକ କାର୍ଯ୍ୟ ନିମନ୍ତେ ଏକମାତ୍ର ଅଧିକାରୀକ ସମୟ ତିଆରି କରାଯିବ। ଖୁବ୍ ଶୀଘ୍ର ଭାରତୀୟ ଷ୍ଟାଣ୍ଡାର୍ଡ ଟାଇମ ନିୟମ-୨୦୨୫ ଲାଗୁ କରାଯିବ। ଏହା ପରେ ଅନ୍ୟ ସମୟ ପ୍ରଣାଳୀର ଆଉ ଉପଯୋଗ ହେବ ନାହିଁ। ମନ୍ତ୍ରୀ କହିଛନ୍ତି ଯେ ନୂଆ ସମୟ ପ୍ରଣାଳୀ ଯୋଗୁ ବିଦେଶୀ ସମୟ ସ୍ରୋତ (ଜିପିଏସ୍) ଉପରେ ନିର୍ଭରଶୀଳତା ହ୍ରାସ ହେବ। ସମୟ ନିର୍ଦ୍ଧାରଣରେ ଦେଶ ଡିଜିଟାଲ ରୂପେ ସ୍ୱାବଲମ୍ବୀ ହୋଇ ପାରିବ। ଏହା ଦ୍ୱାରା ସାଇବର ସୁରକ୍ଷା ବ୍ୟବସ୍ଥା ମଧ୍ୟ ଦୃଢ଼ ହେବ। ଏବେ ଜିପିଏସ୍ ଆଧାରିତ ସମୟ ପ୍ରଣାଳୀ ଆମେରିକା ନିୟନ୍ତ୍ରଣରେ ରହିଛି। ଏଣୁ ଗୋପନୀୟତା ଓ ଆତ୍ମନିର୍ଭରଶୀଳତା ପ୍ରଭାବିତ ହେଉଛି। ଷ୍ଟାଣ୍ଡାର୍ଡ ଟାଇମ ନିମନ୍ତେ ଦେଶର ପାଞ୍ଚ ସହର ଅହମଦାବାଦ, ବେଙ୍ଗାଲୁରୁ, ➤ ପୃ-୬

### ବକ୍ରବାଣୀ



ମୁନୀରଙ୍କୁ ଟ୍ରମ୍ପ୍ ନିଓତା ଦେଲେ
ମିଳିମିଶି ଦୁହେଁ ଭୋଜି ଖାଇଲେ
ପାକିସ୍ତାନକୁ ସେ ପାଆନ୍ତି ଭଲ
ଭାରତ ସାଙ୍ଗରେ କରନ୍ତି ଖେଳ
ଇଂଲିସି ଚୋବେଇ ଶଶୀ ଥରୁର
ଦେଇଥିଲେ କାଳେ ଗୁରୁ ମନ୍ତର
ମୋଦି କାଳେ ଟ୍ରମ୍ପକୁ ଫୋନ୍ କଲେ
ଭାରତ ବାରତା ବୁଝେଇ ଥିଲେ
ମୋଦି ଟ୍ରମ୍ପଙ୍କର କଥାର ମିଷ୍ଟି
ଛପି ଶୁଣୁଥିଲେ ବିକ୍ରମ ମିଶ୍ରୀ।

— ଟୁଟୁ

### ବେସରକାରୀ ସଂସ୍ଥାକୁ ଦିଆଯାଉଛି ସରକାରୀ ପ୍ରକଳ୍ପର ସର୍ଭେ, ଡିପିଆର ପ୍ରସ୍ତୁତି କାର୍ଯ୍ୟ

## ସରକାରୀ ସଂସ୍ଥା ଓ ଯନ୍ତ୍ରୀ ଅପାରଗ !

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ନିଜସ୍ୱ ଇଞ୍ଜିନିୟରିଂ ବିଭାଗ ଗୁଡ଼ିକରେ ଦକ୍ଷ ଇଞ୍ଜିନିୟରମାନେ କାର୍ଯ୍ୟରତ ଥାଇ ମଧ୍ୟ କାହିଁକି ବିଭିନ୍ନ ସରକାରୀ ପ୍ରକଳ୍ପଗୁଡ଼ିକର ସର୍ଭେଠୁ ଆରମ୍ଭ କରି ଡିପିଆର ପ୍ରସ୍ତୁତି ଭଳି କାର୍ଯ୍ୟଗୁଡ଼ିକ ଆଉଟସୋର୍ସିଂ ସଂସ୍ଥାକୁ ଟେକି ଦିଆଯାଉଛି? ଏଭଳି ଏକ ଅସୁସ୍ଥ ପରମ୍ପରା ନା କେବଳ ସରକାରୀ ପ୍ରକଳ୍ପଗୁଡ଼ିକର ବ୍ୟୟଭାର ବୃଦ୍ଧି କରୁଛି ବରଂ ସରକାରୀ ସଂସ୍ଥାରେ କାର୍ଯ୍ୟରତ ଦକ୍ଷ ଇଞ୍ଜିନିୟରମାନଙ୍କ କାର୍ଯ୍ୟଦକ୍ଷତା ଓ ଅଭିଜ୍ଞତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଉ ବିଗତ ୧୦ ବର୍ଷ ମଧ୍ୟରେ କେଉଁସବୁ ବେସରକାରୀ ଆଉଟସୋର୍ସିଂ ସଂସ୍ଥା ମାଧ୍ୟମରେ କେତେ ଟଙ୍କାର କି ପ୍ରକାରର କାର୍ଯ୍ୟ ସମ୍ପାଦନ କରାଯାଇଛି ତଥା ଏହି କାର୍ଯ୍ୟ ପାଇଁ ବିଭାଗ ଓ ସରକାରଙ୍କ କୌଣସି ସଂସ୍ଥା ସକ୍ଷମ ନଥିଲା କି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରି ମୁଖ୍ୟ ସଚିବଙ୍କୁ ବିସ୍ତୃତ ରିପୋର୍ଟ ତଲବ କରିବା ପରେ ରାଜ୍ୟର ୫ଟି ଇଞ୍ଜିନିୟରିଂ ବିଭାଗରେ କମ୍ପନ ସୃଷ୍ଟି ହୋଇଛି। ବିଭାଗୀୟ ଶୀର୍ଷ ଅଧିକାରୀମାନଙ୍କ ପ୍ରିୟାପ୍ରୀତି ତୋଷଣରେ ଚାଲିଥିବା ଆଉଟସୋର୍ସିଂରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଏବେ ଏକ ପ୍ରକାର ନିଶ୍ଚିତ ହୋଇଥିବାବେଳେ ଜଳସମ୍ପଦ, ପୂର୍ତ୍ତ, ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ




ଏବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ କେଉଁ ଢଙ୍ଗରେ ବୁଝାଇବେ ଏବଂ କିଭଳି ନିଜକୁ ଅପାରଗ ବୋଲି ଲିଖିତ ଭାବେ ଜଣାଇବେ ତାକୁ ନେଇ ବିଭାଗଗୁଡ଼ିକ ଅଡୁଆରେ ପଡ଼ିଥିବା ଜଣାପଡ଼ିଛି। ରାଜ୍ୟର ଇଞ୍ଜିନିୟରିଂ ବିଭାଗଗୁଡ଼ିକ ବିଭିନ୍ନ ପ୍ରକଳ୍ପର ସର୍ଭେ, ଅନୁସନ୍ଧାନ, ଡିଜାଇନ, ଏଷ୍ଟିମେଟ ଓ ଡିପିଆର ପ୍ରସ୍ତୁତି ଆଦି ପ୍ରାରମ୍ଭିକ କାର୍ଯ୍ୟ ନିଜେ କିମ୍ବା ସରକାରୀ ସଂସ୍ଥା ଦ୍ୱାରା ନକରାଇ ବେସରକାରୀ ଆଉଟସୋର୍ସିଂ ସଂସ୍ଥା ଦ୍ୱାରା କରାଇବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦବେଗ ପ୍ରକାଶ କରିଛନ୍ତି। କିଛିବର୍ଷ ପୂର୍ବରୁ ଯଦି ଆମର ସରକାରୀ ଯନ୍ତ୍ରୀମାନେ ଏ ସମସ୍ତ ପ୍ରକାରର କାର୍ଯ୍ୟ ସୁଚାରୁ ରୂପେ କରୁଥିଲେ ତା’ହେଲେ ଏହି ‘ଆଉଟସୋର୍ସିଂ ବ୍ୟବସ୍ଥା’ର ଅଭ୍ୟୁଦୟ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ସରକାରୀ ପ୍ରକଳ୍ପଗୁଡ଼ିକର ବ୍ୟୟଭାର ବଢୁଛି। ଆଉ ଆମ ସରକାରୀ ବିଭାଗ ଓ ସଂସ୍ଥାରେ ଦକ୍ଷ ଇଞ୍ଜିନିୟରମାନଙ୍କ କାର୍ଯ୍ୟଦକ୍ଷତା ଓ ଅଭିଜ୍ଞତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ବହୁ ଛୋଟଛୋଟ ପ୍ରକଳ୍ପର ଡିଜାଇନଠୁ ଡିପିଆର ପର୍ଯ୍ୟନ୍ତ କାର୍ଯ୍ୟ ଆଉଟସୋର୍ସିଂ କରିବା ଏକ ଅସୁସ୍ଥ ପରମ୍ପରା ସୃଷ୍ଟି କରିଚାଲିଛି ବୋଲି କହିଛନ୍ତି। ଏସବୁର ଅନୁସନ୍ଧାନ ଓ ନିରାକରଣ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ନିଜେ ଅନୁଭବ କରିବା ସହ ବିଗତ ୧୦ ବର୍ଷ ମଧ୍ୟରେ କେଉଁ ବିଭାଗଗୁଡ଼ିକ କେଉଁ ବେସରକାରୀ ସଂସ୍ଥାକୁ କେଉଁସବୁ କାର୍ଯ୍ୟ ପାଇଁ କେତେ ଟଙ୍କା ଦେଇଛନ୍ତି ଓ ସେହି ବିଭାଗ ଅବା ସରକାରଙ୍କ ଅନ୍ୟ କେଉଁ ସଂସ୍ଥା ଉକ୍ତ କାର୍ଯ୍ୟ କରିବା ନିମନ୍ତେ ଦକ୍ଷ ଥିଲେ କି ନାହିଁ ତା’ର ତଥ୍ୟ ସଂଗ୍ରହ କରି ଏକ ଗଭୀର ସମୀକ୍ଷା କରିବାକୁ ➤ ପୃ-୬

ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ବ୍ୟବସାୟରେ ଉନ୍ନତ, ମାତାଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେବ। ଜମି ଓ ଗାଡି କ୍ରୟ କରିପାରନ୍ତି। ଛାତି ଓ ପେଟରେ ଯନ୍ତ୍ରଣା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ। ପ୍ରତିକାର : ଶୁଦ୍ଧ ଘିଅ ଦିପ ଭଗବାନ ଶିବଙ୍କ ଆଗରେ ଜାଳନ୍ତୁ।

**ବୃଷ** ସ୍ୱାସ୍ଥ୍ୟରେ ଯଥା ଗଳା ଓ ପେଟରେ ସମସ୍ୟା ଦେଖା ଦେଇପାରେ। ଋଣ ନିଅନ୍ତୁ ନାହିଁ। ସଠିକ ନିର୍ଣ୍ଣୟ ନିଅନ୍ତୁ। ଧନହାନୀ ହୋଇପାରେ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ପ୍ରତିକାର : ପ୍ରତିଦିନ ଘରୁ ବାହାରିବା ବେଳେ ମଥାରେ ଟିକେ ଘିଅ ଲଗାନ୍ତୁ।

**ମିଥୁନ** ଅନେକ ଦିଗରୁ ଧନପ୍ରାପ୍ତି ଯୋଗ ଅଛି। ସମ୍ପର୍କରେ ସୁଧାର ହେବ। ସନ୍ତାନଙ୍କର ଶୁଭଖବର ପାଇବେ। ବିବାହର ସମ୍ବାଦ ପାଇବେ। ବିବାଦରୁ ଦୂରେଇ ରହନ୍ତୁ। ପ୍ରତିକାର : ଓଁ ଗଣପତୟେ ନମଃ ଜପ କରନ୍ତୁ।

**କର୍କଟ** ନୂଆ ଚାକିରି ଓ ସମ୍ମାନ ମିଳିପାରେ। ଘର ବାହାନ କିଣିପାରନ୍ତି। ପିତାମାତାଙ୍କ ସହଯୋଗ ପାଇବେ। ପାଠ ପାଇଁ ସମୟ ପ୍ରତିକୂଳ। ଜଗିରଖି ଖର୍ଚ୍ଚ କରନ୍ତୁ। ପ୍ରତିକାର : ଭଗବାନ ଶିବଙ୍କୁ ଖିରୀ ଭୋଗ କରନ୍ତୁ।

**ସିଂହ** ମନବଳରେ ବୃଦ୍ଧି ହେବ। ଋଣ ପରିଶୋଧ ହୋଇପାରେ। ପଦୋନ୍ନତି ପାଇବାରେ ବିବାଦ ହୋଇପାରେ। ମାଆଙ୍କ ସହ ମତଭେଦ ହୋଇପାରେ। ରକ୍ତଚାପ ବଢ଼ିବାରେ। ପ୍ରତିକାର : ଗାଧୋଇବା ପାଣିରେ କିଛି କ୍ଷୀର ମିଶାନ୍ତୁ

**କନ୍ୟା** ଧନପ୍ରାପ୍ତି ଯୋଗ ଅଛି। ବିବାହ ପ୍ରସ୍ତାବ ଆସିପାରେ। ବ୍ୟବସାୟରେ ଉନ୍ନତି ହେବ। ଗଳାରେ ରୋଗ ହୋଇପାରେ। ଭାଇଙ୍କ ସହ ବିବାଦ ହୋଇପାରେ। ପ୍ରତିକାର : ଧଳା ଚନ୍ଦନ ଟିକା ଲଗାଇ ଘରୁ ବାହାରକୁ ଯାଆନ୍ତୁ।

**ତୁଳା** ଆଖି, ଚର୍ମ ରୋଗରୁ ମୁକ୍ତି ମିଳିବ। ଜୀବନସାଥୀଙ୍କ ସହଯୋଗ ପାଇବେ। ନୂଆ ଚାକିରି ମିଳିପାରେ। ଚିଡଚିଡା ହୁଅନ୍ତୁ ନାହିଁ। ବାଣୀରେ ଲଗାମ ଦିଅନ୍ତୁ। ଦୁର୍ଘଟଣା ହୋଇପାରେ। ପ୍ରତିକାର : ପ୍ରତିଦିନ ମାତା ଲକ୍ଷ୍ମୀଙ୍କୁ ମିଶ୍ରି ଭୋଗ ଲଗାନ୍ତୁ।

**ବିଛା** ବ୍ୟବସାୟରେ ଧନ ଲଗାନ୍ତୁ ନାହିଁ। ମୁଣ୍ଡ ବିନ୍ଧା ହୋଇପାରେ। ଧୈର୍ଯ୍ୟ ରଖନ୍ତୁ। ଲୋକ ବଦନାମ କରିପାରନ୍ତି। ଧନପ୍ରାପ୍ତି ଯୋଗ ଅଛି। ନିଜ ବୁଦ୍ଧ ବଳରେ ସଫଳତା ପାଇବେ। ପ୍ରତିକାର : ମିଶ୍ରି ଓ ଦହି ଶିବଙ୍କୁ ଅର୍ପଣ କରନ୍ତୁ।

**ଧନୁ** ଚାରିଆଡୁ ଧନପ୍ରାପ୍ତି ଯୋଗ ଅଛି। ପୁରୁଣା ମକଦମାରେ ସଫଳ ହେବେ। ଶତ୍ରୁ ଦମନ ହୋଇପାରନ୍ତି। ରୋକିଥିବା କାମ ସଫଳ ସହ ପୁରା ହେବ। ପ୍ରତିକାର : ପ୍ରତିଦିନ ଭଗବାନ ବିଷ୍ଣୁଙ୍କୁ ଗୁଡ ଭୋଗ ଲଗାନ୍ତୁ।

**ମକର** ନୂଆ ଚାକିରି ଓ ବ୍ୟବସାୟ ପାଇଁ ସମୟ ଅନୁକୂଳ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ମିଳିବ। ଜମି କିଣି ପାରନ୍ତି। ବିବାଦରେ ପଡିପାରନ୍ତି। ପ୍ରତିକାର : ପ୍ରତିଦିନ ମାତା ଲକ୍ଷ୍ମୀଙ୍କୁଆଖୁରସ ଅର୍ପଣ କରନ୍ତୁ।

**କୁମ୍ଭ** ଧନପ୍ରାପ୍ତି ଯୋଗ ଅଛି। ପାଦରେ ଆଘାତ ଲାଗିପାରେ। ପରିବାରରେ ସାମାନ୍ୟ ବିବାଦ ହୋଇପାରେ। ବିବାହ ପାଇଁ ପ୍ରସ୍ତାବ ଆସିପାରେ। କ୍ରୋଧ ତ୍ୟାଗ କରନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ରହିବ। ପ୍ରତିକାର : ଭଗବାନ ଗଣେଶଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**ମୀନ** ପାଦ ଓ ପେଟରେ କଷ୍ଟ ହୋଇପାରେ। ପ୍ରେମରେ ଝଗଡା ହୋଇପାରେ। ସଞ୍ଚୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ମତଭେଦ ବଢ଼ିବ। ବନ୍ଧୁଙ୍କ ସହଯୋଗ ବଢ଼ିବ। ନୂଆ ସାମାନ କିଣିବେ। ଦମ୍ପତିମାନଙ୍କ ସହଯୋଗ ବଢ଼ିବ। ପ୍ରତିକାର : ହଳଦିଆ ଚନ୍ଦନଟିକା ଲଗାନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

## ପାକିସ୍ତାନକୁ ଚୀନ୍ ଦେବ ୪୦ ଷ୍ଟିଲଥ୍ ଫାଇଟର ଜେଟ୍ସ

**ନୂଆଦିଲ୍ଲୀ :** ଭାରତୀୟ ବାୟୁସେନା (ଆଇଏଏଫ୍)ର ଦକ୍ଷ ସୈନିକମାନେ ଏହା ଉପରେ ଚିନ୍ତା ପ୍ରକଟ କରିଛନ୍ତି ଯେ, ଚୀନ ପାକିସ୍ତାନକୁ ୪୦ ଶେନୟାଙ୍ଗ ଜେ-୩୫ ୫ମ ପିଢିର ଷ୍ଟିଲଥ୍ ଫାଇଟର ବିମାନ (ଫାଇଟର ଜେଟ୍ସ) ଦେବ। ବ୍ଲୁମବର୍ଗର ରିପୋର୍ଟ ଅନୁସାରେ, ଏହି ମାସର ଆରମ୍ଭରେ ପାକିସ୍ତାନ ସରକାର ସୋସିଆଲ ମିଡ଼ିଆରେ ଏକ ପୋଷ୍ଟରେ କହି ଥିଲା ଯେ , ସେ ୪୦ଟି ଜେ-୩୫ ୫ମ ପିଢିର ଲଢୁଆ ବିମାନ, କେଜେ-୫୦୦ ଏୟାରବୋର୍ନ ଅର୍ଲି ୱାର୍ଣ୍ଣି ଆଣ୍ଡ କଣ୍ଟ୍ରୋଲ ଏୟାରକ୍ରାଫ୍ଟ ଓ ଏଚକ୍ୟୁ-୧୯ ବାଲିଷ୍ଟିକ୍ ମିସାଇଲ ଡିଫେନ୍ସ ସିଷ୍ଟମ କିଣିବ। ପାକିସ୍ତାନକୁ ଜେ-୩୫ର ବିକ୍ରି ଚୀନ ଦ୍ୱାରା ୫ମ ପିଢିର ଜେଟ୍ର ପ୍ରଥମ ରପ୍ତାନୀ ହେବ। ଏହି ଫାଇଟର ଜେଟ୍ସରେ ମଡର୍ଣ୍ଣ ଷ୍ଟିଲଥ୍ କ୍ଷମତା ସବୁ ରହିଛି। ଫାଇଟର ଜେଟକୁ ଶେନୟାଙ୍ଗ ଏୟାରକ୍ରାଫ୍ଟ କର୍ପୋରେସନ ତିଆରି କରିଛି ଏବଂ ଏହାକୁ ୨୦୨୪ର ଝୁହାଇ ଏୟାର ଶୋ'ରେ ସାର୍ବଜନିକ ଭାବେ ପ୍ରଥମଥର ପ୍ରଦର୍ଶିତ କରାଯାଇ ଥିଲା। ଭାରତୀୟ ବାୟୁସେନାର ପୂର୍ବତନ ଫାଇଟର ପାଇଲଟ ଓ ପ୍ରତିରକ୍ଷା ବିଶ୍ଳେଷକ ଗ୍ରୁପ୍ କ୍ୟାପଟେନ (ରିଟାୟର୍ଡ )ଅଜୟ ଅହଲାୱତ କହିଛନ୍ତି ଯେ , ଏହା ଚିନ୍ତାଜନକ ଖବର।

## 'ଦେଶର ଇଂରାଜୀ କହୁଥିବା ଲୋକମାନେ ନିଜକୁ ଲଜ୍ଜିତ ଅନୁଭବ କରିବେ'



**ନୂଆଦିଲ୍ଲୀ :** ଭାରତୀୟ ଭାଷାଗୁଡ଼ିକ ଦେଶର ଆତ୍ମା ଏବଂ ସାଂସ୍କୃତିକ ପରିଚୟର ପ୍ରତୀକ ଏବଂ ଏବେ ଆମର ଭାଷାଗତ ଐତିହ୍ୟକୁ ପୁନଃ ଗ୍ରହଣ କରିବା ଏବଂ ବିଶ୍ୱ ସମ୍ମୁଖରେ ଗର୍ବର ସହିତ ଆଗକୁ ବଢ଼ିବାର ସମୟ ଆସିଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ପୂର୍ବତନ ଆଇଏଏସ ଅଧିକାରୀ ଆଶୁତୋଷ ଅଗ୍ନିହୋତ୍ରୀଙ୍କ ଦ୍ୱାରା ଲିଖିତ ପୁସ୍ତକ 'ମୈଁ ବୁନ୍ଦ ସ୍ୱୟଂ, ଖୁଦ ସାଗର ହୁଁ' ଉନ୍ମୋଚନ କରି ଅମିତ ଶାହା କହିଛନ୍ତି, ଭାରତରେ ଖୁବଶୀଘ୍ର ଏପରି ଏକ ସମାଜ ସୃଷ୍ଟି ହେବ। ଏଥିରେ ଇଂରାଜୀ ଭାଷାଭାଷୀମାନେ ନିଜକୁ ଲଜ୍ଜିତ ଅନୁଭବ କରିବା ଆରମ୍ଭ କରିବେ। ଯେଉଁମାନେ ଭାବନ୍ତି ଯେ, ପରିବର୍ତ୍ତନ ଘଟିପାରିବ ନାହିଁ, ସେମାନେ ଭୁଲି ଯାଉଛନ୍ତି ଯେ ପରିବର୍ତ୍ତନ କେବଳ ଦୃଢ଼ ଲୋକଙ୍କ ଦ୍ୱାରା ଅଣାଯାଇପାରିବ। ଆମର ଭାଷାଗୁଡ଼ିକ ଆମ ସଂସ୍କୃତିର ମଣି, ଏବଂ ସେମାନଙ୍କ ବିନା ଆମେ ଭାରତୀୟ ରହିପାରିବୁ ନାହିଁ। ଶାହା କହିଛନ୍ତି, ଭାରତ, ଏହାର ଇତିହାସ, ଏହାର ସଂସ୍କୃତି ଏବଂ ଧର୍ମକୁ ବୁଝିବା ପାଇଁ ବିଦେଶୀ ଭାଷା କେବେ ବି ଯଥେଷ୍ଟ ହୋଇପାରିବ ନାହିଁ। ସମ୍ପୂର୍ଣ୍ଣ ବିଦେଶୀ ଭାଷା ମାଧ୍ୟମରେ ଭାରତକୁ ସମ୍ପୂର୍ଣ୍ଣ ଭାବରେ ବୁଝିହେବ ନାହିଁ। ମୁଁ ଜାଣେ ଏହି ସଂଘର୍ଷ ସହଜ ନୁହେଁ, କିନ୍ତୁ ମୁଁ ସମ୍ପୂର୍ଣ୍ଣ ବିଶ୍ୱାସୀ ଯେ ଭାରତୀୟ ସମାଜ ନିଶ୍ଚିତ ଭାବରେ ଏହି ଯୁଦ୍ଧରେ ବିଜୟୀ ହେବ। ଆମେ ଆତ୍ମସମ୍ମାନର ସହିତ ନିଜ ଭାଷାରେ ଦେଶକୁ ପରିଚାଳନା କରିବୁ ଏବଂ ବିଶ୍ୱକୁ ମଧ ନେତୃତ୍ୱ ଦେବୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉପସ୍ଥାପିତ 'ପଞ୍ଚ ପ୍ରାଣ' (ପାଞ୍ଚଟି ସଂକଳ୍ପ) ବିଷୟରେ ଉଲ୍ଲେଖ କରି ଅମିତ ଶାହା କହିଛନ୍ତି, ଆଜି ଏହା ୧୩୦ କୋଟି ଭାରତୀୟଙ୍କ ସଂକଳ୍ପ ପାଲଟିଛି। ଏକ ବିକଶିତ ଭାରତର ଲକ୍ଷ୍ୟ, ଦାସତ୍ୱର ପ୍ରତ୍ୟେକ ମାନସିକତାରୁ ମୁକ୍ତି, ଆମର ଗୌରବମୟ ଅତୀତରେ ଗର୍ବ, ଏକତା ଏବଂ ଅଖଣ୍ଡତା ପ୍ରତି ସମର୍ପଣ ଏବଂ ନାଗରିକମାନଙ୍କ ମଧ୍ୟରେ କର୍ତ୍ତବ୍ୟବୋଧ – ଏହି ପାଞ୍ଚଟି ପ୍ରତିଜ୍ଞା ସହିତ, ଆମେ ୨୦୪୭ ସୁଦ୍ଧା ବିଶ୍ୱର ଶୀର୍ଷରେ ରହିବୁ। ଆମର ଭାଷା ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପୁସ୍ତକର ଲେଖକ ଆଶୁତୋଷ ଅଗ୍ନିହୋତ୍ରୀଙ୍କ ଅଭିଜ୍ଞତା ବିଷୟରେ ଆଲୋଚନା କରି ଶାହା କହିଛନ୍ତି, ପ୍ରଶାସନିକ ଅଧିକାରୀଙ୍କ ତାଲିମ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଅଛି। ଆଜି ମଧ ଆମର ପ୍ରଶାସନିକ ତାଲିମରେ ସହାନୁଭୂତିର କୌଣସି ସ୍ଥାନ ନାହିଁ, ହୁଏତ ଏହା ବ୍ରିଟିଶ ଯୁଗର ଚିନ୍ତାଧାରାର ପ୍ରଭାବ। ଯଦି ଜଣେ ପ୍ରଶାସକ ସହାନୁଭୂତି ବିନା ଶାସନ କରନ୍ତି, ତେବେ ସେ କେବେବି ଶାସନର ପ୍ରକୃତ ଉଦ୍ଦେଶ୍ୟ ହାସଲ କରିପାରିବେ ନାହିଁ। ଅମିତ ଶାହା ମଧ ସାହିତ୍ୟର ଭୂମିକା ଉପରେ ଗୁରୁତ୍ୱାରୋପ କରି କହିଥିଲେ, ଯେତେବେଳେ ଦେଶ ଅନ୍ଧକାରରେ ବୁଡ଼ି ରହିଥିଲା, ସେତେବେଳେ ସାହିତ୍ୟ ଆମର ଧର୍ମ, ସ୍ୱାଧୀନତା ଏବଂ ସଂସ୍କୃତିର ଜ୍ୱାଳାକୁ ଜଳାଇ ରଖିଥିଲା। ସରକାର ପରିବର୍ତ୍ତନ ହେଉଥିଲା, କିନ୍ତୁ ଯେତେବେଳେ କେହି ଆମର ସଂସ୍କୃତି ଏବଂ ସାହିତ୍ୟକୁ ସ୍ପର୍ଶ କରିବାକୁ ଚେଷ୍ଟା କରୁଥିଲେ, ସମାଜ ଏହାର ବିରୋଧ କରିଥିଲା। ସାହିତ୍ୟ ହେଉଛି ସମାଜର ଆତ୍ମା।

## ଅମରନାଥ ଯାତ୍ରା ରାସ୍ତା 'ନୋ ଫ୍ଲାଇଙ୍ଗ ଜୋନ୍' ଘୋଷିତ



**ନୂଆଦିଲ୍ଲୀ :** ଅମରନାଥ ଯାତ୍ରା ଲାଗି ଉଦ୍ଦିଷ୍ଟ ଦୁଇଟି ରାସ୍ତାକୁ 'ନୋ ଫ୍ଲାଇଙ୍ଗ ଜୋନ୍' ଘୋଷଣା କରାଯାଇଛି। ଯାତ୍ରା ପାଇଁ ଚିହ୍ନଟ ଦୁଇଟି ରାସ୍ତା ହେଲା ପହଲଗାଓଁ (୪୬ କିମି) ଓ ବାଲତାଲ୍ (୧୪ କିମି)। ଜୁଲାଇ ୧ରୁ ଏହି ଦୁଇ ରାସ୍ତା ଉପରେ କୌଣସି ପ୍ରକାର ଡ୍ରୋନ, ବିମାନ, ହେଲିକପ୍ଟର ଆଦି ଉଡାଣ କରିପାରିବ ନାହିଁ। ରାସ୍ତା ଉପରେ ଯଦି କୌଣସି ପ୍ରକାର ଉଡନ୍ତା ଯାନ ବା ବସ୍ତୁକୁ ଦେଖିବାକୁ ମିଳେ ତେବେ ଏହାକୁ ଗୁଳିକରି ଖସାଇ ଦେବାକୁ ସୁରକ୍ଷାବାହିନୀକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟି କୋଣରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏପରି ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ସମ୍ପର୍କରେ ଜାମ୍ମୁ-କାଶ୍ମୀର ପୁଲିସ, ସିଆରପିଏଫ୍, ବିଏସ୍ଏଫ୍ ଓ ସ୍ଥଳ ସେନାକୁ ଅବଗତ କରାଯାଇଛି। ପହଲଗାଓଁ ଆତଙ୍କବାଦୀ ଆକ୍ରମଣ ପରେ ଅମରନାଥ ତୀର୍ଥଯାତ୍ରୀଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜୁଲାଇ ୩ରୁ ଅମରନାଥ ଯାତ୍ରା ଆରମ୍ଭ ହୋଇ ଅଗଷ୍ଟ ୯ରେ ଶେଷ ହେବ।

## ୬.୫% ହାରରେ ବଢିବ ଦେଶର ଅର୍ଥନୀତି



**ନୂଆଦିଲ୍ଲୀ :** ଚଳିତ ଆର୍ଥିକ ବର୍ଷ (୨୦୨୫-୨୬) ପାଇଁ ଭାରତର ବାସ୍ତବିକ ଘରୋଇ ଉତ୍ପାଦ (ଜିଡିପି) ବୃଦ୍ଧି ହାର ୬.୫ ପ୍ରତିଶତରୁ ଅଧିକ ରହିବ। ପ୍ରତିଷ୍ଠିତ ରେଟିଂ ଏଜେନ୍ସି ଇକ୍ରା ଏହି ଅନୁମାନ କରିଛି। ଏଜେନ୍ସି ନିଜ ଆଉଟ୍‌ଲୁକରେ କହିଛି ଯେ ଏହି ଅବଧିରେ ଦେଶର ଜିଭିଏ ବୃଦ୍ଧି ୬.୩ ପ୍ରତିଶତରୁ ଅଧିକ ରହିବ। ଜିଡିପି ଦେଶ ଭିତରେ ଉତ୍ପାଦିତ ବସ୍ତୁ ଓ ସେବାର ମୋଟ ମୂଲ୍ୟକୁ ନିର୍ଦ୍ଧାରିତ କରୁଛି, ଅନ୍ୟପଟେ ଜିଭିଏ ଉତ୍ପାଦିତ ବସ୍ତୁ ଓ ସେବାର ମୋଟ ମୂଲ୍ୟରେ ମଧ୍ୟବର୍ତ୍ତୀ ବସ୍ତୁ ଓ ସେବାର ଖର୍ଚ୍ଚ ହ୍ରାସ ପରେ ମିଳିଥାଏ। ରିପୋର୍ଟରେ ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ଦରବୃଦ୍ଧି ହାର ୪.୨ ପ୍ରତିଶତରୁ ଅଧିକ ରହିବା ନେଇ ଅନୁମାନ ରହିଛି। ଅନ୍ୟପଟେ ହୋଲସେଲ୍ ମୂଲ୍ୟ ସୂଚକାଙ୍କ (ଡବ୍ଲୁପିଆଇ) ଚଳିତ ଆର୍ଥିକ ବର୍ଷ ପାଇଁ ୨.୭ ପ୍ରତିଶତରୁ ଅଧିକ ରହିବ। ସେହିପରି ରାଜସ୍ୱ ନିଅଣ୍ଟ ଜିଡିପିର ୪.୪ ପ୍ରତିଶତ ରହିପାରେ। ଇକ୍ରା ଅନୁସାରେ, ରବିରେ ନଗଦ ପ୍ରବାହ ଓ ଜଳାଶୟରେ ସ୍ୱାଭାବିକଠାରୁ ଅଧିକ ପାଣି ଯୋଗୁ ଗ୍ରାମୀଣ ଚାହିଦା ଅଧିକ ରହିବା ସମ୍ଭାବନା ରହିଛି। ରେଟିଂ ଏଜେନ୍ସି କହିଛି ଯେ ୨୦୨୫-୨୬ ପାଇଁ କେନ୍ଦ୍ରୀୟ ବଜେଟରେ ଆୟକରରେ ଆଶ୍ୱସ୍ତି, ଇଏମଆଇ ହ୍ରାସ ଓ ଖାଦ୍ୟ ମୁଦ୍ରାସ୍ଫୀତିରେ ସ୍ଥିରତା ଘରୋଇ ଖର୍ଚ୍ଚ ଯୋଗ୍ୟ ଆୟକୁ ବୃଦ୍ଧି କରିବ। ରିପୋର୍ଟରେ କୁହାଯାଇଛି ଯେ ଭାରତର ଦ୍ରବ୍ୟ ରପ୍ତାନୀରେ ମନ୍ଥରତା ଭବିଷ୍ୟତରେ ବି ଜାରି ରହିବ। ଇକ୍ରା ଅନୁମାନ ଅନୁସାରେ, ସେବା ରପ୍ତାନୀରେ ବୃଦ୍ଧି ଦେଖିବାକୁ ମିଳିପାରେ। କେନ୍ଦ୍ର ଦ୍ୱାରା ପୁଞ୍ଜିଗତ ବ୍ୟୟ ୨୦୨୫-୨୬ରେ ୧୦.୧ ପ୍ରତିଶତ ବଢିବା ନେଇ ଅନୁମାନ ରହିଛି, ଯାହା ଦ୍ୱାରା ନିବେଶ ଗତିବିଧି ବୃଦ୍ଧି ପାଇବ। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଆରବିଆଇ ଜିଡିପି ବୃଦ୍ଧି ଅନୁମାନକୁ ୬.୫ ପ୍ରତିଶତରେ ସ୍ଥିର ରଖିଛି। ଜିଡିପି ବୃଦ୍ଧି ହାର ଆର୍ଥିକ ବର୍ଷ ୨୦୨୪-୨୫ରେ ୬.୫ ପ୍ରତିଶତ ରେକର୍ଡ କରାଯାଇଥିଲା।

## ଭାରତରେ ତେଲ ଖଣି !



**ନୂଆଦିଲ୍ଲୀ :** ଦେଶର ଆଣ୍ଡାମାନ ନିକୋବର ଦ୍ୱୀପ ପୁଞ୍ଜରେ ମିଳିଲା ବଡ଼ ଅଶୋଧିତ ତେଲ ଭଣ୍ଡାର। ଏହାର କ୍ଷମତା ୨ ଲକ୍ଷ କୋଟି ଲିଟର ରହିପାରେ ବୋଲି ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂ ପୁରୀ ସୂଚନା ଦେଇଛନ୍ତି। ଶ୍ରୀ ପୁରୀ କହିଛନ୍ତି, ଏହି ଅନୁମାନ ଠିକ୍ ହେଲେ ଦେଶର ଜିଡିପି ୫ ଗୁଣ ବୃଦ୍ଧି ହେବାର ଢେର ସମ୍ଭାବନା ରହିଛି। ଅଣ୍ଡାମାନ ତୈଳ ଭଣ୍ଡାରରୁ ଉତ୍ପାଦନ କରିବା ଲାଗି କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହା କାର୍ଯ୍ୟକ୍ଷମ ହେଲେ ଦେଶର ଶକ୍ତି ବୃଦ୍ଧି ପାଇବ। ଏହି ପେଟ୍ରୋଲିୟମ ଭଣ୍ଡାର ଗୁଏନାରେ ମିଳିଥିବା ୧୧.୬ ବିଲିୟନ ବ୍ୟାରେଲ ଭଣ୍ଡାର ସହ ସମାନ ହୋଇପାରେ। ଏହି ଅନୁମାନ ଠିକ୍ ହେଲେ ଜିଡିପି ୩.୭ ଟ୍ରିଲିୟନ ଡଲାରରୁ ୨୦ ଟ୍ରିଲିୟନ ଡଲାରକୁ ବୃଦ୍ଧି ହୋଇପାରେ। ନୂଆ ଭଣ୍ଡାର ଲାଗି ଅଏଲ ଇଣ୍ଡିଆ ଏବଂ ଓଏନ୍ସି ଡ୍ରିଲିଂ ଏବଂ ଅନୁସନ୍ଧାନ କାମ ଜାରି ରଖିଛନ୍ତି। ଶ୍ରୀ ପୁରୀ କହିଛନ୍ତି, ଅଏଲ ଡ୍ରିଲ୍ ଖୋଜିବାରେ ବୃହତ ନିବେଶ ହୋଇଥାଏ। ଗୁଏନାରେ ୪୩ରୁ ୪୬ ତେଲ କୂପ ଖୋଲାଯାଇଥିଲା। ପ୍ରତ୍ୟେକଟିରେ ହାରାହାରି ୧୦୦ ନିୟୁତ ଡଲାର ଖର୍ଚ୍ଚ ହୋଇଥିଲା। ୪୭ତମ କୂପରେ ତେଲ ଭଣ୍ଡାର ମିଳିଥିଲା। ଓଏନ୍ଜିସି ଏ ବର୍ଷ ଖୋଳିଥିବା ତେଲ କୂପ ୩୭ ବର୍ଷରେ ସର୍ବାଧିକ। ଆର୍ଥିକ ବର୍ଷ ୨୦୨୪-୨୫ରେ ଏଭଳି ୫୪୧ କୂପ ଖନନ କରାଯାଇଥିଲା। ଯାହାର ମୂଲ୍ୟ ପ୍ରାୟ ୩୭ ହଜାର କୋଟି। ଏହା କମ୍ପାନି ଇତିହାସରେ ସର୍ବାଧିକ। ଅଣ୍ଡାମାନ ତୈଳ କୂପ ସଫଳ ଭାବେ କାର୍ଯ୍ୟକ୍ଷମ ହେଲେ ତେଲ ଆମଦାନି ବହୁ ମାତ୍ରାରେ ହ୍ରାସ ହେବ। ଦେଶର ଆର୍ଥିକ ସ୍ଥିତି ମଜବୁତ ହେବ। ଦେଶ ଏହାର ୮୫% ତେଲ ଅମଦାନୀରୁ ପୂରଣ କରୁଛି। ଏକ୍ଷେତ୍ରରେ ଦେଶ ଆମେରିକା, ଚୀନ ପରେ ତୃତୀୟ ସ୍ଥାନରେ ରହିଛି। ଘରୋଇ ବଜାରରେ ଏବେ ଆସାମ, ଗୁଜରାଟ, ରାଜସ୍ଥାନ, ମୁମ୍ବାଇ ଏବଂ ଗୋଦାବରୀ ବେସିନରେ ଅଶୋଧତ ତୈଳ ଉତ୍ପାଦନ ହେଉଛି। ଅଶୋଧିତ ତେଲ ସହ ବିଶୋଧିତ ତେଲ ଭଣ୍ଡାର କ୍ଷେତ୍ରରେ ଭାରତରେ ବିଶାଳ ଭଣ୍ଡାର ରହିଛି। ଏହି ଭଣ୍ଡାର ଗୁଡ଼ିକ ବିଶାଖାପାଟଣା, ପୁଦୁର ଏବଂ ମାଙ୍ଗାଲୋର ଭଳି ସ୍ଥାନ ଗୁଡ଼ିକରେ ଅବସ୍ଥିତ। ଏହାବାଦ ଓଡ଼ିଶା ଏବଂ ରାଜସ୍ଥାନରେ ମଧ ଅଏଲ ରିଜର୍ଭ ସ୍ଥାପନ ହେଉଛି।

## ୯ ଦେଶ ପାଖରେ ୧୨ ହଜାର ପରମାଣୁ ଅସ୍ତ୍ର



**ନୂଆଦିଲ୍ଲୀ :** ବିଶ୍ୱର ୯ଟି ଦେଶ ନିକଟରେ ୧୨ ହଜାରରୁ ଅଧିକ ପରମାଣୁ ଅସ୍ତ୍ର ରହିଥିବା ଦି ଷ୍ଟକ୍‌ହୋମ ଇଣ୍ଟରନ୍ୟାସନାଲ୍ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍ଆଇପିଆରଆଇ) ତରଫରୁ ଜାରି ଏକ ରିପୋର୍ଟରେ ଦର୍ଶାଯାଇଛି। ତେହରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ସ୍ଥିତି ଲାଗି ରହିଥିବା ସମୟରେ ଏସ୍ଆଇପିଆରଆଇ ତରଫରୁ ଏହି ରିପୋର୍ଟ ଜାରି କରାଯାଇଛି। ସେହିପରି ୟୁକ୍ରେନ-ରୁଷ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଏହି ରିପୋର୍ଟକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ପରିଗଣିତ କରାଯାଉଛି। ଏସ୍ଆଇପିଆରଆଇ ରିପୋର୍ଟ ଅନୁଯାୟୀ ପରମାଣୁ ଅସ୍ତ୍ର ହାସଲ କରିବାକୁ ବିଶ୍ୱର ବିଭିନ୍ନ ଦେଶଙ୍କ ମଧ୍ୟରେ ଏକପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି ଫଳରେ ଏକ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି। ଆମେରିକା ନିକଟରେ ୫୧୭୭ଟି ପରମାଣୁ ଅସ୍ତ୍ର ଥିବା ବେଳେ ରୁଷ୍ ନିକଟରେ ୫୪୫୯ଟି ପରମାଣୁ ଅସ୍ତ୍ର ରହିଛି। ଅନ୍ୟପକ୍ଷରେ ଚୀନ୍ ନିକଟରେ ୬୦୦, ଫ୍ରାନ୍ସ ନିକଟରେ ୨୯୦, ୟୁନାଇଟେଡ୍ କିଙ୍ଗଡମ୍ ନିକଟରେ ୨୨୫, ଭାରତ ନିକଟରେ ୧୮୦, ପାକିସ୍ତାନ ନିକଟରେ ୧୭୦, ଇସ୍ରାଏଲ ନିକଟରେ ୯୦ ଓ ଉତ୍ତର କୋରିଆ ନିକଟରେ ୫୦ଟି ପରମାଣୁ ଅସ୍ତ୍ର ରହିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଦେଶ ନିଜ ପାଖରେ ଥିବା ପରମାଣୁ ଅସ୍ତ୍ରକୁ ଅଧିକ ଶକ୍ତିଶାଳୀ କରିବା ନେଇ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଗତ ଜାନୁଆରୀ ୧ ସୁଦ୍ଧା ୯ଟି ଦେଶ ନିକଟରେ ୧୨୨୪୧ଟି ପରମାଣୁ ଅସ୍ତ୍ର ରହିଥିବା ବେଳେ ସେଥିମଧ୍ୟରୁ ୩୯୧୨ଟି ପରମାଣୁ ଅସ୍ତ୍ର ବିଭିନ୍ନ କ୍ଷେପଣାସ୍ତ୍ର ଓ ଯୁଦ୍ଧବିମାନରେ ଖଞ୍ଜା ଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଚୀନ ଅନ୍ୟ ଦେଶଙ୍କ ତୁଳନାରେ ଅଧିକ ପରମାଣୁ ଅସ୍ତ୍ର ପ୍ରସ୍ତୁତ କରୁଥିବା ରିପୋର୍ଟରୁ ଜଣାପଡ଼ିଛି। ୨୦୨୩ରୁ ବର୍ତ୍ତମାନ ପର୍ଯ୍ୟନ୍ତ ରୁଷ ବିପୁଳ ପରିମାଣର ପରମାଣୁ ଅସ୍ତ୍ର ପ୍ରସ୍ତୁତ କରି ସାରିଥିବା ଏଥିରେ ଦର୍ଶାଯାଇଛି। ରୁଷ ଓ ଆମେରିକା ନିକଟରେ ବିଶ୍ୱର ପ୍ରାୟ ୯୦% ପରମାଣୁ ଅସ୍ତ୍ର ରହିଥିବା ବେଳେ ଏହି ଦୁଇ ଦେଶ କେତେକ ପୁରୁଣା ପରମାଣୁ ଅସ୍ତ୍ରକୁ ନିଷ୍କ୍ରିୟ କରିଥିବା ଜଣାପଡ଼ିଛି।

## ୧୫ ଅଗଷ୍ଟରୁ ନୂଆ ଫାସ୍ ଟ୍ୟାଗ୍ ନିୟମ

**ନୂଆଦିଲ୍ଲୀ :** ଟୋଲ୍ ଟ୍ୟାକ୍ସ ନିୟମରେ ଏକ ବଡ଼ ପରିବର୍ତ୍ତନ ଘୋଷଣା କରିଛନ୍ତି କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ । ଯାହା ସାଧାରଣ ଲୋକଙ୍କୁ ଦେବ ବହୁ ମାତ୍ରାରେ ଆଶ୍ୱସ୍ତି। କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଏନେଇ ସୋସିଆଲ ମିଡିଆ ମାଧ୍ୟମରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ୩୦୦୦ ଟଙ୍କାରେ ଏକ ଫାସଟ୍ୟାଗ୍ ପାସ୍ ତିଆରି କରାଯିବ ଯାହା ଆପଣଙ୍କ ଯାତ୍ରାକୁ ମାଗଣା କରିବ। କିନ୍ତୁ ଏହା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ହେବ। କେନ୍ଦ୍ରମନ୍ତ୍ରୀ ଗଡକରୀ ଟ୍ୱିଟରରେ ଲେଖିଛନ୍ତି, 'ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ୧୫ ଅଗଷ୍ଟ ୨୦୨୫ ଠାରୁ ୩,୦୦୦ ଟଙ୍କା ମୂଲ୍ୟର ଏକ ଋଇଫଞ୍ଚବଶ ଆଧାରିତ ବାର୍ଷିକ ପାସ୍ ପ୍ରଚଳନ କରାଯାଉଛି। ଏହି ପାସ୍ ସକ୍ରିୟ ହେବାର ତାରିଖରୁ ଗୋଟିଏ ବର୍ଷ ପାଇଁ କିମ୍ବା ୨୦୦ ଯାତ୍ରା ପର୍ଯ୍ୟନ୍ତ, ଯାହା ପୂର୍ବରୁ ହେବ, ବୈଧ ରହିବ। ଏହି ପାସ୍ ବିଶେଷ ଭାବରେ କେବଳ ନନ୍ କମର୍ସିଆଲ ଭେଇକିଲ୍ ବା ବ୍ୟକ୍ତିଗତ ଯାନ (କାର, ଜିପ୍, ଭ୍ୟାନ ଇତ୍ୟାଦି) ପାଇଁ ଡିଜାଇନ୍ କରାଯାଇଛି। ଏହା ସାରା ଦେଶରେ ଜାତୀୟ ରାଜପଥରେ ସୁଗମ ଯାତ୍ରାକୁ ସକ୍ଷମ କରିବ। ସେ ପୋଷ୍ଟରେ ଲେଖିଛନ୍ତି, ବାର୍ଷିକ ପାସ୍ ସକ୍ରିୟକରଣ / ନବୀକରଣ ପାଇଁ ହାଇୱେ ଟ୍ରାଭେଲ୍ ଆପ୍ ଏବଂ ଏନ୍ଏଚ୍ଏଆଇ / ମୋରଥ ୱେବସାଇଟରେ ଖୁବ୍ ଶୀଘ୍ର ଏକ ପୃଥକ ଲିଙ୍କ୍ ଉପଲବ୍ଧ କରାଯିବ। ଯାହା ପ୍ରକ୍ରିୟାକୁ ସରଳ ଏବଂ ସହଜ କରିବ। ଗଡକରୀ ପୋଷ୍ଟରେ ଏହା ମଧ ଲେଖିଛନ୍ତି ଯେ ଫାସଟ୍ୟାଗ୍ ପାସ୍ ଅପେକ୍ଷା ସମୟକୁ ହ୍ରାସ କରିବ। ସେ କହିଛନ୍ତି, ଅପେକ୍ଷା ସମୟ ହ୍ରାସ କରିବା ସହ ଭିଡ଼ ହ୍ରାସ କରିବ। ଟୋଲ୍ ପ୍ଲାଜାରେ ବିବାଦ ଦୂର କରିବାର ସହାୟକ ହେବ। ବାର୍ଷିକ ପାସ୍ ନୀତି ଲକ୍ଷ ଲକ୍ଷ ବ୍ୟକ୍ତିଗତ ଯାନବାହାନ ଚାଳକଙ୍କ ପାଇଁ ଏକ ଦ୍ରୁତ, ସୁଗମ ଓ ଉତ୍ତମ ଯାତ୍ରା ଅଭିଜ୍ଞତା ପାଇଁ ପ୍ରତିବଦ୍ଧ।

**ଭାରତରେ ବେକାରୀ ହାର ୫.୬%କୁ ବୃଦ୍ଧି**

## ଗ୍ରାମାଞ୍ଚଳରେ ହ୍ରାସ ପାଉଛି କୃଷି କାର୍ଯ୍ୟ



**ନୂଆଦିଲ୍ଲୀ :** ଭାରତର ବେକାରୀ ହାର ୨୦୨୫ ମେ' ମାସରେ ୫.୬%କୁ ବୃଦ୍ଧି ପାଇଛି, ଯାହା ଏପ୍ରିଲ୍ ୨୦୨୫ରେ ୫.୧% ଥିଲା। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରାଳୟ ଦ୍ୱାରା ପ୍ରକାଶିତ ଦ୍ୱିତୀୟ ମାସିକ ପିରିଓଡିକ୍ ଲେବର ଫୋର୍ସ ସର୍ଭେ (ପିଏଲ୍ଏଫ୍ଏସ୍) ଅନୁଯାୟୀ, ଫସଲ ସଂଗ୍ରହ ପରେ ଗ୍ରାମାଞ୍ଚଳରେ କୃଷି କାର୍ଯ୍ୟରେ ହ୍ରାସ ଏହି ବୃଦ୍ଧିର ମୁଖ୍ୟ କାରଣ। ଏହା ଦେଶରେ ଶ୍ରମ ବଜାରର ମୌସୁମୀ ପ୍ରକୃତିକୁ ପ୍ରତିଫଳିତ କରୁଛି। ମେ' ୨୦୨୫ରେ ଗ୍ରାମାଞ୍ଚଳରେ କୃଷି କ୍ଷେତ୍ରରେ କାମର ଅଭାବ ଦେଖାଦେଇଥିଲା, ଯେଉଁଥିରେ କୃଷକମାନେ ଫସଲ ସଂଗ୍ରହ ପରେ ଅନ୍ୟ କାମ ଖୋଜୁଥିଲେ। ସର୍ଭେ ଅନୁଯାୟୀ, କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ଅଂଶ ଏପ୍ରିଲ୍ରେ ୪୫.୯% ଥିବାବେଳେ ମେ'ରେ ୪୩.୫%କୁ ହ୍ରାସ ପାଇଛି। ଏହା ପରିବର୍ତ୍ତେ ଶ୍ରମିକମାନେ ଉତ୍ପାଦନ ଓ ସେବା କ୍ଷେତ୍ରକୁ ମୁହାଁଇଛନ୍ତି। ଗ୍ରାମାଞ୍ଚଳରେ ଯୁବକମାନଙ୍କ (୧୫-୨୯ ବର୍ଷ) ବେକାରୀ ହାର ୧୨.୩%ରୁ ବୃଦ୍ଧି ପାଇ ୧୩.୭%କୁ ପହଞ୍ଚିଛି। ସହରାଞ୍ଚଳରେ ବେକାରୀ ହାର ମଧ ବୃଦ୍ଧି ପାଇଛି, ଯେଉଁଥିରେ ଯୁବକମାନଙ୍କ (୧୫-୨୯ ବର୍ଷ) ବେକାରୀ ହାର ଏପ୍ରିଲ୍ରେ ୧୭.୨% ଥିବାବେଳେ ମେ'ରେ ୧୭.୯%କୁ ବୃଦ୍ଧି ପାଇଛି। ମହିଳାଙ୍କ ମଧ୍ୟରେ ବେକାରୀ ହାର ମେ'ରେ ୫.୮% ଥିବାବେଳେ ପୁରୁଷମାନଙ୍କ ପାଇଁ ଏହା ୫.୬% ରହିଛି। ଗ୍ରାମାଞ୍ଚଳରେ ମହିଳାଙ୍କ ଶ୍ରମ ଶକ୍ତି ଅଂଶଗ୍ରହଣ ହାର (ଏଲ୍ଏଫ୍ପିଆର) ୨୮.୮%ରୁ ହ୍ରାସ ପାଇ ୨୭.୮%କୁ ଆସିଛି, ଯାହା କୃଷି କାର୍ଯ୍ୟରେ ସୁଯୋଗ ହ୍ରାସକୁ ଇଙ୍ଗିତ କରୁଛି। ଏହି ବେକାରୀ ବୃଦ୍ଧି ସମୟରେ ଭାରତୀୟ ଅର୍ଥନୀତି ୨୦୨୫-୨୬ ଆର୍ଥିକ ବର୍ଷରେ ୬.୫% ହାରରେ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି, ଯାହା ଗତ ବର୍ଷର ୭.୪% ତୁଳନାରେ କମ୍। ଉତ୍ପାଦନ କ୍ଷେତ୍ରରେ ମନ୍ଦାଗତି, ମୂଲ୍ୟ ଚାପ ଏବଂ ଭୂ-ରାଜନୈତିକ ଉତ୍ତେଜନା ମଧ ଚାକିରି ସୃଷ୍ଟିରେ ବାଧା ସୃଷ୍ଟି କରୁଛି। ମେ' ମାସରେ ଉତ୍ପାଦନ ବୃଦ୍ଧି ତିନି ମାସର ନିମ୍ନତମ ସ୍ତରକୁ ଖସିଥିବା ଏକ ସର୍ଭେରୁ ଜଣାପଡ଼ିଛି। ପିଏଲ୍ଏଫ୍ଏସ୍ର ମାସିକ ରିପୋର୍ଟ ଶ୍ରମ ବଜାରରେ ଅଧିକ ସଠିକ୍ ଓ ସମୟୋପଯୋଗୀ ତଥ୍ୟ ଯୋଗାଇବା ପାଇଁ ଜାନୁଆରୀ ୨୦୨୫ରୁ ଆରମ୍ଭ ହୋଇଛି। ଏହା ନୀତିନିର୍ମାତାମାନଙ୍କୁ ମୌସୁମୀ ଓ ଅନ୍ୟାନ୍ୟ ଅର୍ଥନୈତିକ ପରିବର୍ତ୍ତନରେ ଦ୍ରୁତ ହସ୍ତକ୍ଷେପ କରିବାରେ ସାହାଯ୍ୟ କରୁଛି। ସରକାରୀ ଅଧିକାରୀମାନେ ଜଣାଇଛନ୍ତି ଯେ, ଗ୍ରାମାଞ୍ଚଳରେ ବିବିଧ ଚାକିରି ସୁଯୋଗ, ଦକ୍ଷତା ବିକାଶ ଏବଂ ଉତ୍ପାଦନ ଓ ସେବା କ୍ଷେତ୍ରରେ ବେସରକାରୀ ନିବେଶ ବୃଦ୍ଧି ଦ୍ୱାରା ଏହି ସମସ୍ୟାର ସମାଧାନ କରାଯାଇପାରିବ। ଯୁବ ବେକାରୀ ଏକ ଗୁରୁତର ଚିନ୍ତା ହୋଇ ରହିଛି, ବିଶେଷକରି ସହରାଞ୍ଚଳରେ। ମହିଳାଙ୍କ ମଧ୍ୟରେ ଉଚ୍ଚ ବେକାରୀ ହାର ଏବଂ ନିମ୍ନ ଶ୍ରମ ଶକ୍ତି ଅଂଶଗ୍ରହଣ ସାମାଜିକ ଓ ଅର୍ଥନୈତିକ ବାଧାକୁ ପ୍ରତିଫଳିତ କରୁଛି। ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ଯେ, ମହିଳାଙ୍କ ପାଇଁ ନମନୀୟ କାର୍ଯ୍ୟ ବ୍ୟବସ୍ଥା ଏବଂ ଯୁବକମାନଙ୍କ ପାଇଁ ଶିଳ୍ପ ଆବଶ୍ୟକତା ଅନୁଯାୟୀ ଦକ୍ଷତା ତାଲିମ ଏହି ସମସ୍ୟାକୁ ହ୍ରାସ କରିପାରିବ।

ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାରଙ୍କୁ  ସାକ୍ଷାତ କଲେ କେଭି ସିଂହଦେଓ

# ରାଜ୍ୟ ଶକ୍ତି ମନ୍ତ୍ରୀ ସମ୍ମିଳନୀର ନେତୃତ୍ୱ ନେବା ପାଇଁ ବୁଝାମଣାପତ୍ର



**ଭୁବନେଶ୍ୱର :** ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କେ ଭି ସିଂହଦେଓ ଆଜି ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜ (ଟିବିଆଇ)ର କାର୍ଯ୍ୟକାରୀ ଅଧକ୍ଷ ଟୋନି ବ୍ଲେୟାରଙ୍କୁ ଦିଲ୍ଲୀର ତାଜ ପ୍ୟାଲେସ ହୋଟେଲରେ ଭେଟିଛନ୍ତି। ଉଭୟ ନେତାଙ୍କ ଉପସ୍ଥିତିରେ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, କାନପୁର ଏବଂ ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜ ଦ୍ୱାରା ଏକ ତ୍ରିପାକ୍ଷିକ ଇଣ୍ଟେଣ୍ଟ ଲେଟର (ଏଲଓଆଇ) ସ୍ୱାକ୍ଷରିତ ହୋଇଛି। ଏଲଓଆଇରେ ହୋଇଥିବା ସହମତି ଅନୁଯାୟୀ, ଓଡ଼ିଶା ଭାରତର ବିଭିନ୍ନ ରାଜ୍ୟର ଶକ୍ତି ମନ୍ତ୍ରୀମାନଙ୍କର କମ୍ୟୁନିଟି ପ୍ରାକ୍ଟିସ ପାଇଁ ନେତୃତ୍ୱ ନେବ। ଏହି ବର୍ଷ ଶେଷରେ ଓଡ଼ିଶାରେ ବିଭିନ୍ନ ରାଜ୍ୟର ଶକ୍ତି ମନ୍ତ୍ରୀମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହେବ। ଟୋନି ବ୍ଲେୟାର ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ବିଦ୍ୟୁତ ସଂସ୍କାରରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ରାଜ୍ୟ ଗତ ଏକ ବର୍ଷ ମଧ୍ୟରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ଆକର୍ଷିତ କରିଛି। ଖଣିଜ ଆଧାରିତ ଶିଳ୍ପ ଏବଂ ତାପଜ ବିଦ୍ୟୁତ୍ କେନ୍ଦ୍ର ଯୋଗୁଁ ଓଡ଼ିଶା ସାଧାରଣତଃ ଅସୁବିଧାର ସମ୍ମୁଖୀନ ହେଉଛି। ଟୋନି ବ୍ଲେୟାର ସ୍ଥାୟୀ ଶକ୍ତି ସମାଧାନକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସହିତ ନିରନ୍ତର ସହଯୋଗ ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ପ୍ରକାଶ କରିଛନ୍ତି। ନେଟ୍ ଜିରୋ କାର୍ବନ ହାସଲ ପାଇଁ ଓଡ଼ିଶା ପ୍ରତିବଦ୍ଧ ଏବଂ ଏହାକୁ ହାସଲ କରିବା ପାଇଁ ଓଡ଼ିଶା ସର୍ବୋତ୍ତମ ଅନ୍ତର୍ଜାତୀୟ ମାନଦଣ୍ଡ ସହ ସମନ୍ୱିତ ଏକ ରଣନୈତିକ ଆଭିମୁଖ୍ୟ ଗ୍ରହଣ କରିବ ବୋଲି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ଏତଦବ୍ୟତୀତ, ବିଶେଷକରି ଓଡ଼ିଶାର ପଶ୍ଚିମାଞ୍ଚଳରୁ ଦାଦନ ଖଟିବାକୁ ଯାଉଥିବା ପ୍ରବାସୀ ପ୍ରସଙ୍ଗ ଉପରେ ମଧ୍ୟ ବୈଠକରେ ଶ୍ରୀ ସିଂହଦେଓ ଆଲୋଚନା କରିଥିଲେ। ଓଡ଼ିଶା ସରକାରଙ୍କ କ୍ୟାବିନେଟ ଅନୁମୋଦିତ କୃତ୍ରିମ ବୁଦ୍ଧିମତା ନୀତିକୁ ଟୋନି ବ୍ଲେୟାର ପ୍ରତିଷ୍ଠାନ ସମର୍ଥନ କରିବା ସହ ପ୍ରଶଂସା ମଧ୍ୟ କରିଛନ୍ତି। ଟିବିଆଇର ପ୍ରାଦେଶିକ ନିର୍ଦ୍ଦେଶକ ବିବେକ ଅଗ୍ରୱାଲ ମନ୍ତବ୍ୟ ଦେଇଛନ୍ତି ଯେ, ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟାରେ ଓଡ଼ିଶାର ନେତୃତ୍ୱ ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଏକ ନୂତନ ମାନକ ସ୍ଥାପନ କରୁଛି। ଶକ୍ତି ମନ୍ତ୍ରୀଙ୍କ କମ୍ୟୁନିଟି ପ୍ରାକ୍ଟିସର ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ ଏବଂ ଟିବିଆଇ ଏହି ଯାତ୍ରାର ଏକ ଅଂଶୀଦାର ହୋଇ ଗର୍ବିତ। ଭାରତ ପକ୍ଷରୁ ଟିବିଆଇର ଦେଶ ନିର୍ଦ୍ଦେଶକ ଶ୍ରୀ ବିବେକ ଅଗ୍ରୱାଲ, ଆଇଆଇଟି କାନପୁରର ଡିନ୍, ପ୍ରଫେସର ସଚ୍ଚିଦାନନ୍ଦ ତ୍ରିପାଠୀ ଓ ଓଡ଼ିଶା ଶକ୍ତି ବିଭାଗର ବିତ୍ତୀୟ ପରାମର୍ଶଦାତା-ତଥା-ଅତିରିକ୍ତ ଶାସନ ସଚିବ ଶ୍ରୀ ଦେବୀଦତ୍ତ ତ୍ରିପାଠୀ, ଇଣ୍ଟେଣ୍ଟ ଲେଟରରେ ସ୍ୱାକ୍ଷର କରିଛନ୍ତି।

## ଓଡ଼ିଶାର ନାଟ୍ୟ ପରମ୍ପରା କାଳଜୟୀ : ସୂର୍ଯ୍ୟବଂଶୀ



**ଭୁବନେଶ୍ୱର :** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ହେଉଥିବା ନାଟକ ସନ୍ଧ୍ୟା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶାର ନାଟ୍ୟ ପରମ୍ପରା କାଳଜୟୀ। ଆମ ବରପୁତ୍ରମାନଙ୍କର ଜୀବନୀ ଉପରେ ଆଧାରିତ ନାଟକ କାର୍ଯ୍ୟକ୍ରମ ଆମ ସମସ୍ତଙ୍କୁ ବେଶ୍ ପ୍ରଭାବିତ କରିବା ସହ ବିଶେଷ ଭାବରେ ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିଛି ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ। ଏହି ନାଟକ ସନ୍ଧ୍ୟା କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ 'ଘୁମୁସରା ବିପ୍ଳବର କର୍ଣ୍ଣଧାର ଚକରା ବିଷୋୟୀ' ନାଟକ ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ମନ୍ମଥ ଶତପଥୀ ନାଟକ ରଚନା କରିଥିବା ବେଳେ ନିର୍ଦ୍ଦେଶକ ଦିନେଶ ଦାସ ନିର୍ଦ୍ଦେଶନା ଦେଇଥିଲେ। ପ୍ରକାଶଯୋଗ୍ୟ ଯେ, ଜୁନ୍ ୧୨ ତାରିଖରୁ ଜୁନ୍ ୧୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପ ଠାରେ ପ୍ରତ୍ୟେକ ଦିନ ନାଟକ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଓଡ଼ିଶାର ବରପୁତ୍ରମାନଙ୍କର ଜୀବନୀକୁ ନେଇ ଏହି ନାଟକ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# କିସମ ବଦଳାଇ ସରକାରୀ ଜମି ଆତ୍ମସାତ




**ଭୁବନେଶ୍ୱର :** ଶିଳ୍ପ, ବ୍ୟବସାୟ ଏବଂ ଅନ୍ୟ ଉଦ୍ଦେଶ୍ୟରେ ସରକାରୀ ଜମି ଲିଜ୍ ସୂତ୍ରରେ ଦିଆଯାଉଛି। କିନ୍ତୁ ଦୁର୍ନୀତିଖୋର କର୍ମଚାରୀଙ୍କୁ ହାତବାରିଶି କରି ଅନେକ ଜମିର କିସମ ବଦଳାଇ ଦେଉଛନ୍ତି। ସରକାରଙ୍କ ପକ୍ଷରୁ ଲିଜ୍ ସୂତ୍ରରେ ଦିଆଯାଇଥିବା ଜମି ରେକର୍ଡରେ କିସମରେ ପଟ୍ଟାଧାର ଉଲ୍ଲେଖ ରହିବା ବଦଳରେ ସ୍ଥିତିବାନ ବୋଲି ଲେଖାଇ ନେଉଛନ୍ତି। ସରକାରୀ ଜମି ଆତ୍ମସାତ କରାଯାଉଛି। ଭୁଲ କରିଥିବା ଲିଜ୍ ଧାରୀ ଅଯଥାରେ ସରକାରଙ୍କୁ ଅଦାଲତି ମାମଲାରେ ଫସାଉଛନ୍ତି। ସାରା ରାଜ୍ୟରେ ଲିଜ୍ ଜମିରେ ଏପରି ଜାଲିଆତି ହୋଇଥିବା ସରକାରଙ୍କ ନଜରକୁ ଆସିଛି। ଏହାକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ଯେଉଁ ଲିଜ୍ ଜମିର ପଟ୍ଟାରେ ପଟ୍ଟାଧାର ବଦଳରେ ସ୍ଥିତିବାନ୍ ଉଲ୍ଲେଖ ଥିବା ତାହା ବାତିଲ କରାଯିବ। ଅତିରିକ୍ତ ଜିଲ୍ଲାପାଳଙ୍କ ନେତୃତ୍ୱରେ ତହସିଲଦାରମାନେ ତଦନ୍ତ କରି କିସମ ପରିବର୍ତ୍ତନ ଜାଲିଆତି ଉପରୁ ପରଦା ହଟାଇବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ଜିଲାରେ ସରକାର ଶିଳ୍ପ ସଂସ୍ଥା, ବିଭିନ୍ନ ଅନୁଷ୍ଠାନ, ସଂଗଠନ, କମ୍ପାନୀ, ସରକାରୀ ଉଦ୍ୟୋଗ, ନିଗମକୁ ଜମି ଲିଜ୍ ସୂତ୍ରରେ ପ୍ରଦାନ କରିଥାନ୍ତି। ସରକାରଙ୍କ ନିୟମ ଅନୁସାରେ ଲିଜ୍ ଜମିରେ ପଟ୍ଟାଧାର କିସମ ବୋଲି ଉଲ୍ଲେଖ ରହିବା ଜରୁରୀ। କେବଳ କୃଷି କିମ୍ବା ଆନୁସଙ୍ଗିକ କୃଷି କାମ ପାଇଁ ଜମି ଦିଆଯାଇ ଥିଲେ ପଟ୍ଟାରେ ସ୍ଥିତିବାନ୍ ଅବା ରୟତ ବୋଲି ଉଲ୍ଲେଖ ରହିବ। ଅଣ-ଚାଷ ଉଦ୍ଦେଶ୍ୟରେ ଦିଆଯାଇ ଥିବା ଜମିରେ ସ୍ଥିତିବାନ୍ ସତ୍ତ୍ୱ ମିଳେ ନାହିଁ। ଏ ସବୁ ସ୍ଥଳରେ କେବଳ ଲିଜ୍ ଦଲିଲ ସମ୍ପାଦନ କରାଯାଏ। ଏହା ପରେ ଲିଜ୍ ନେଇଥିବା ବ୍ୟକ୍ତି ଅବା ପଟ୍ଟାଦାରଙ୍କ ନାମରେ ସ୍ୱତନ୍ତ୍ର ଖାତା ପ୍ରସ୍ତୁତ କରାଯାଇ ସତ୍ତ୍ୱ ପଟ୍ଟାଦାର ବୋଲି ଉଲ୍ଲେଖ ରହିଥାଏ ଏବଂ ପଟ୍ଟାର ଅବଧି/ଲିଜ୍ ସମୟ କେତେ ତାହା ସେଠାରେ ଦର୍ଶାଯାଇଥାଏ। ହେଲେ ଯଦି ତାହା ସ୍ଥିତିବାନ୍ ତା ହେଲେ ଜମିର ଦୁରୁପଯୋଗ ହେବା ବେଶ୍ ସହଜ। ଆଉ ତାହା ହିଁ ହୋଇଛି। ଏହା ଜଣା ପଡିବା ପରେ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦେଓରଞ୍ଜନ କୁମାର ସିଂ ଗୁରୁବାର ସମସ୍ତ ଜିଲାପାଳଙ୍କୁ ପତ୍ର ଲେଖି କହିଛନ୍ତି ଯେ କିଛି ଅସାଧୁ ଅଧିକାରୀ, କର୍ମଚାରୀଙ୍କ ପାଇଁ ଜମିର କିସମ ପରିବର୍ତ୍ତନ କରାଯାଇଛି ।ତେଣୁ ତହସିଲଦାରଙ୍କ ଜରିଆରେ ଏପରି ତ୍ରୁଟିପୂର୍ଣ୍ଣ କିସମ ପରିବର୍ତ୍ତନକୁ ଯାଞ୍ଚ କରାଯାଇ ରେକର୍ଡରେ ସେଗୁଡିକ ସଂଶୋଧନ କରାଯିବ। ଏହି ତଦନ୍ତ ଠିକ୍ ଭାବେ ଚାଲୁଛି କି ନାହିଁ ତାହା ସ୍ଥାନୀୟ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁନିଶ୍ଚିତ କରାଇବେ। କାମ ଶେଷ ହେବା ପରେ ଜିଲାପାଳଙ୍କ ଦସ୍ତଖତ ସମ୍ବଳିତ ରିପୋର୍ଟ ବିଭାଗକୁ ଏକ ମାସ ମଧ୍ୟରେ ପ୍ରଦାନ କରିବା ଜରୁରୀ ବୋଲି ଶ୍ରୀ ସିଂ କହିଛନ୍ତି।

# ରାଜ୍ୟର ସମସ୍ତ ଜିଲ୍ଲାରେ ବାର୍ଷିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ





**ଭୁବନେଶ୍ୱର :** ପ୍ରତିବର୍ଷ ପରି ଜୁନ୍ ୧୮ ଓ ୧୯ ତାରିଖରେ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ବାର୍ଷିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଆୟୋଜିତ ହୋଇଯାଇଛି। ଏହି ଅଭ୍ୟାସର ମୂଳ ଉଦ୍ଦେଶ୍ୟ ଥିଲା ପ୍ରସ୍ତୁତିର ପରୀକ୍ଷା, ଯାଞ୍ଚ, ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ସୁରକ୍ଷିତ ବ୍ୟବସ୍ଥା ସୁନିଶ୍ଚିତ କରିବା ସହ ଭବିଷ୍ୟତରେ ଆପଦକାଳୀନ ସ୍ଥିତିର ମୁକାବିଲା ପ୍ରସ୍ତୁତି ତ୍ୱରାନ୍ୱିତ କରିବା। ୨୦୨୫ ଜୁନ୍ ୧୮ରେ ସମସ୍ତ ୩୦ଟି ଜିଲ୍ଲାର ଜିଲ୍ଲା ମୁଖ୍ୟାଳୟ ଏବଂ ସମସ୍ତ ବ୍ଲକ୍ ଏବଂ ପୌର ପରିଷଦ ସ୍ତରରେ ଏହି ଅଭ୍ୟାସ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ, ଉଚ୍ଚ ପ୍ରତିନିଧି, ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ, ଅଣ-ସରକାରୀ ସଂଗଠନ ଇତ୍ୟାଦିଙ୍କୁ ନେଇ କରାଯାଇଥିଲା। ଅଭ୍ୟାସ ସମୟରେ ଘୂର୍ଣ୍ଣିବାତ୍ୟା, ପ୍ରବଳ ବର୍ଷା, ବନ୍ୟା, ଭୂଳନ, ସାପକାମୁଡ଼ା, ବଜ୍ରପାତ, ମରୁଡ଼ି ଏବଂ ସୁନାମି ସହ ଜଡ଼ିତ ବିଭିନ୍ନ ପରିସ୍ଥିତି ଉପରେ ଆଲୋଚନା କରାଯାଇଥିଲା ଏବଂ ବୈଠକରେ ବିଭିନ୍ନ ବିଭାଗ ଏବଂ ସଂଗଠନର ଭୂମିକା, ଦାୟିତ୍ୱ ଓ ପ୍ରସ୍ତୁତି ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା। ୨୦୨୫ ଜୁନ୍ ୧୯ରେ ଓଡ଼ିଶାର ସମସ୍ତ ୯୦୯ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କରାଯାଇଥିଲା। ଭାରତ ପାଣିପାଗ ବିଭାଗରୁ ଘୂର୍ଣ୍ଣିଝଡ଼ ଏବଂ ସମ୍ବନ୍ଧିତ ପ୍ରବଳ ବର୍ଷା, ବନ୍ୟା ଏବଂ ଭୂଳନ ଓ ସୁନାମି ଉପରେ ସୂଚନା ସବୁ ରାଜ୍ୟ ଜରୁରୀକାଳୀନ କେନ୍ଦ୍ର ଦ୍ୱାରା ସଂପୃକ୍ତ ଜିଲ୍ଲା ଜରୁରୀକାଳୀନ କେନ୍ଦ୍ରକୁ ପ୍ରେରଣ କରାଯାଇଥିଲା। ବହୁମୁଖ୍ୟ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ଥିବା ଗ୍ରାମସ୍ତରରେ ସ୍ଥାନାନ୍ତର ଆରମ୍ଭ କରାଯାଇଥିଲା। ଆଶ୍ରୟସ୍ଥଳ ସ୍ତରରେ ଗ୍ରାମବାସୀ, ନିର୍ବାଚିତ ପ୍ରତିନିଧି, ଆଶା, ଅଙ୍ଗନବାଡ଼ି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଟାସ୍କଫୋର୍ସ, ସ୍ୱେଚ୍ଛାସେବୀ, ଆପଦମିତ୍ର, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କମିଟିର ସଦସ୍ୟ ଓ ସଂଗଠନ ଇତ୍ୟାଦି ଅଂଶଗ୍ରହଣ କରିଥିଲେ। ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା, ଏନ୍‌ଡିଆରଏଫ୍ ଏବଂ ଓଡ୍ରାଫର ଦଳଗୁଡ଼ିକ ମଧ୍ୟ ବିଭିନ୍ନ ଆଶ୍ରୟସ୍ଥଳରେ ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ। ସ୍ୱତନ୍ତ୍ର ରିଲିଫ୍ କମିଶନଙ୍କ କାର୍ଯ୍ୟାଳୟ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଅଧିକାରୀମାନଙ୍କ ସହିତ ଭାରତୀୟ ପାଣିପାଗ ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱରର ଅଧିକାରୀମାନେ, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ନୋଡ଼ାଲ ଅଧିକାରୀମାନେ ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ୧୮ ଓ ୧୯ ଜୁନ୍ ୨୦୨୫ରେ ଏହି ପ୍ରସ୍ତୁତି ଓ ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ।

## ଏଣିକି ପଞ୍ଚାୟତରେ ଖୋଲିବ ତହସିଲ

**ଭୁବନେଶ୍ୱର :** ରାଜସ୍ୱ ଆଇନରେ ସଂସ୍କାର। କମିଲା ରାଜ୍ୟର ଜମି କିସମ ସଂଖ୍ୟା। ୭୦୦୦ ଜମି କିସମ କମି ୨୭ରେ ରଖାଯିବ। ଏନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। ଏ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ପ୍ରଦାନ କରିଛନ୍ତି। ସେହିଭଳି ଜମି ସତ୍ତ୍ୱର ପରିବର୍ତ୍ତନ ହେବ। ରାଜ୍ୟରେ ରାଜସ୍ୱ ଆଇନରେ ୩୦୦୦ ସତ୍ତ୍ୱର ପରିବର୍ତ୍ତନ କରାଯାଇ ଏହାକୁ ଦୁଇ ଅଙ୍କରେ ସୀମିତ ରଖିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଆଜିକାଲି ଏତେ ପ୍ରକାରର ସତ୍ତ୍ୱର କୌଣସି ଆବଶ୍ୟକତା ନାହିଁ। ଆବଶ୍ୟକତା ନଥିବା ସତ୍ତ୍ୱକୁ ସରକାର ଉଚ୍ଛେଦ କରିବେ। ଜମି କିସମକୁ ନେଇ ସବୁବେଳେ ଦ୍ୱନ୍ଦ୍ୱ ଉପୁଜୁଥିବାରୁ ବ୍ରିଟିଶ ଅମଳର ଏହି ଧାରାକୁ ବଦଳାଯାଉଛି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ସେପଟେ ଏଣିକି ପଞ୍ଚାୟତରେ ତହସିଲ ଖୋଲିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ମାସରେ ଦୁଇ ଦିନ ପଞ୍ଚାୟତକୁ ଯିବେ ରାଜସ୍ୱ ଅଧିକାରୀ। ତହସିଲଦାର, ଆଡିସନାଲ ତହସିଲଦାର ପାଞ୍ଚୟତକୁ ଯିବେ। ରାଜସ୍ୱ ଅଫିସରେ ଲୋକଙ୍କ ଜମିଜମା ସମସ୍ୟାର ସମାଧାନ ଅନ୍ ସ୍ପଟ୍ ହେବ। 'ମୋ ପାଞ୍ଚୟତ ମୋ ତହସିଲ' ନାମରେ କାର୍ଯ୍ୟକ୍ରମ ହେବ। ତହସିଲ ଅଫିସ ନଆସି ଘରେ ବସି ଲୋକେ ପାଇବେ ସବୁ ସୁବିଧା। ମୋବାଇଲରେ ୧୮ଟି ରାଜସ୍ୱ ସୁବିଧା ପାଇବେ ଲୋକେ। ଲୋକଙ୍କ ପାଖକୁ ରାଜସ୍ୱ ସେବା ଯିବ ବୋଲି ମନ୍ତ୍ରୀ କହିଛନ୍ତି।

## 'ପେଟ୍ରୋଲିୟମ ହବ୍ ହେବ ଓଡ଼ିଶା'

**ଭୁବନେଶ୍ୱର :** ରାଜ୍ୟ ବିଜେପି ସରକାରର ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାଜଧାନୀରେ କଲେ ରୋଡ ଶୋ' । କହିଲେ, ଓଡ଼ିଶାକୁ କରାଯିବ ପେଟ୍ରୋଲିୟମ ହବ। ବିକଶିତ ଓଡ଼ିଶା ୨୦୩୬ ଲାଗି ଭିଜନ ପ୍ରସ୍ତୁତ ହୋଇଛି। ମାଓବାଦର ଅନ୍ତ ହେବ ଓ ଓଡ଼ିଶା ବିକାଶର ଇଞ୍ଜିନ ହେବ। ଏହାସହ ୧୯ ହଜାର କୋଟି ଟଙ୍କାର ୧୦୫ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ। ଜନତା ମୈଦାନରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଓଡ଼ିଶାକୁ ଭାରତର ପେଟ୍ରୋଲିୟମ ହବ୍ ଭାବେ ପରିଣତ କରାଯିବ। ପେଟ୍ରୋଲିୟମ କ୍ଷେତ୍ର ଲାଗି ୧ ଲକ୍ଷ କୋଟି ଟଙ୍କା ନିବେଶ ହୋଇଛି। ପାରାଦୀପରୁ ଝାରସୁଗୁଡା ଶିଳ୍ପ କରିଡର ହେବ। ଚଣ୍ଡିଖୋଲରେ ହେବ ଅଶୋଧିତ ତୈଳ ଗଚ୍ଛିତ ଭଣ୍ଡାର। ଗୋପାଳପୁରରେ ହେବ ଏଲଏନଜି ଟର୍ମିନାଲ। ରାଜ୍ୟର ଔଦ୍ୟୋଗିକ କ୍ଷେତ୍ର, ଖଣିର ବିକାଶ ସାଧନ କରାଯିବ। ଓଡ଼ିଶାକୁ ବୃହତ ଶିଳ୍ପଭିତ୍ତିକ ରାଜ୍ୟ ଭାବେ ଗଠନ କରିବା ଲାଗି ପଦକ୍ଷେପ ନିଆଯିବ।

୪୧ତମ ଉଚ୍ଚ-ସ୍ତରୀୟ କ୍ଲିୟରାନ୍ସ ପ୍ରାଧିକରଣ ବୈଠକ

# ୮ ପରିବର୍ତ୍ତନକାରୀ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ



**ଭୁବନେଶ୍ୱର :** ଓଡ଼ିଶା ଶିଳ୍ପକୁ ଶକ୍ତି । ରାଜ୍ୟର ଅର୍ଥନୀତିକୁ ଏକ ପ୍ରମୁଖ ପ୍ରୋତ୍ସାହନ। ନିକଟରେ ଅନୁଷ୍ଠିତ ହୋଇଥିବା ୪୧ତମ ଉଚ୍ଚ-ସ୍ତରୀୟ କ୍ଲିୟରାନ୍ସ ପ୍ରାଧିକରଣ ବୈଠକରେ ୮ଟି ପରିବର୍ତ୍ତନକାରୀ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଯାହା ୬୦ ହଜାର ୨୦୦ ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ରଖିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ନିଷ୍ପତ୍ତି, ଦ୍ରୁତ ଶିଳ୍ପ ଅଭିବୃଦ୍ଧି, ବୃହତ ନିବେଶ ଆକର୍ଷିତ କରିବା ଏବଂ ଓଡ଼ିଶାର ଯୁବପିଢ଼ି ପାଇଁ ବଡ଼ ପରିମାଣର ନିଯୁକ୍ତି ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ସକ୍ରିୟ ଆଭିମୁଖ୍ୟର ପ୍ରତିଫଳନ। ଢେଙ୍କାନାଳ, ଗଞ୍ଜାମ, ଯାଜପୁର, କେଉଁଝର, ଖୋର୍ଦ୍ଧା ଏବଂ ସମ୍ବଲପୁର ଭଳି ଛଅଟି ଜିଲ୍ଲାରେ ବିସ୍ତାରିତ ଏହି ପ୍ରକଳ୍ପଗୁଡ଼ିକ ଆଲୁମିନିୟମ, ରାସାୟନିକ ପଦାର୍ଥ, ଇସ୍ପାତ, ବୟନଶିଳ୍ପ ଏବଂ ଧାତୁ କ୍ଷେତ୍ରରେ ସହାୟକ ହେବ। ଆଲୁମିନିୟମ କ୍ଷେତ୍ରରେ, ବେଦାନ୍ତ ଲିମିଟେଡ୍ ଢେଙ୍କାନାଳରେ ୧ ଲକ୍ଷ ୨୮ ହଜାର କୋଟିର ଐତିହାସିକ ନିବେଶ କରିବ। ଏଥି ସହିତ ୩ ଏମ୍‌ଟିପିଏ ଆଲୁମିନିୟମ ସ୍ମେଲ୍ଟର ଏବଂ ୪ ହଜାର ୯୦୦ ଗଡ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରିବାରେ ନେତୃତ୍ୱ ନେଉଛି। ଏହି ଏକମାତ୍ର ମେଗା ପ୍ରକଳ୍ପ ୩୦ ହଜାର ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଯାହା ବିଶ୍ୱ ଆଲୁମିନିୟମ ହବ୍ ଭାବରେ ଓଡ଼ିଶାର ସ୍ଥିତିକୁ ମଜବୁତ କରିବ। ଏସ୍‌ଆରଏଫ୍ ଲିମିଟେଡ୍ ଗଞ୍ଜାମରେ ୧୦ ହଜାର କୋଟି ନିବେଶ କରିବ। ବାର୍ଷିକ ୨ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏକ ସ୍ୱତନ୍ତ୍ର ରାସାୟନିକ ଏବଂ ରେଫ୍ରିଜରେଣ୍ଟ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଯାହା ୧୦ ହଜାର କୋଟି ନିବେଶ ସହିତ ୨୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଇସ୍ପାତ ଏବଂ ଧାତୁ କ୍ଷେତ୍ରରେ, ଜିନ୍ଦଲ ଇଣ୍ଡିଆ ଷ୍ଟିଲ୍ ଟେକ୍ ଲିମିଟେଡ୍ ଢେଙ୍କାନାଳରେ ୩ ହଜାର ୬୦୦ କୋଟି ନିବେଶ କରିବ। ୧.୨୬ ଏମ୍‌ଟିପିଏ ସ୍ପେଶାଲିଟି ଇସ୍ପାତ ପ୍ରକ୍ରିୟାକରଣ ସୁବିଧା ସ୍ଥାପନ କରିବ। ଯାହା ୩ ହଜାର ୬୦୦ କୋଟି ନିବେଶ ସହିତ ୨ ହଜାର ନିଯୁକ୍ତି ସୃଷ୍ଟି କରିବ। ଶ୍ୟାମ ଷ୍ଟିଲ୍ ମାନୁଫାକ୍ଚରିଂ ଲିମିଟେଡ୍ କେଉଁଝରରେ ୨ ହଜାର ୪୯୦ କୋଟିରେ ଇସ୍ପାତ ପ୍ଲାଣ୍ଟ, ଡିଆଇ ପାଇପ୍ ୟୁନିଟ୍ ପ୍ରସ୍ତାବ ଦେଇଛି, ଯାହା ୨ ହଜାର ୩୭୦ ଜଣଙ୍କୁ ନିଯୁକ୍ତି ଦେବ।

## ରଥଯାତ୍ରା ପାଇଁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ



**ଭୁବନେଶ୍ୱର :** ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ସମୟ ପାଖେଇ ଆସୁଛି। ଆସନ୍ତା ୨୭ ତାରିଖ ଦିନ ପୁରୀରେ ରଥଯାତ୍ରାର ଆୟୋଜନ ହେବ। ଏହି ଅବସରରେ ରାଜ୍ୟପାଳ ଡ଼ଃ ହରିବାବୁ କମ୍ଭମପାଟିଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନକ ଡ. ଅରବିନ୍ଦ କୁମାର ପାଢ଼ୀ ଆଜି ଭେଟି ରଥଯାତ୍ରାରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି। ତାଙ୍କୁ ନିମନ୍ତ୍ରଣ କରାଯାଇଥିବା ନେଇ ରାଜ୍ୟପାଳ ଏହି ସୂଚନା ଦେଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ ସୂଚନା ଦେଇ ରାଜ୍ୟପାଳ କହିଛନ୍ତି, ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ କୁମାର ପାଢ଼ୀ ରାଜଭବନରେ ମୋ ସହିତ ସାକ୍ଷାତକରି ଆସନ୍ତା ପବିତ୍ର ରଥଯାତ୍ରା ପାଇଁ ନିମନ୍ତ୍ରଣ ଦେଇଛନ୍ତି। ରଥଯାତ୍ରା ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ ଐତିହ୍ୟର ଏକ ଜ୍ୱଳନ୍ତ ଚିହ୍ନ। ଏହି ଅବସରରେ ଲକ୍ଷ-ଲକ୍ଷ ଭକ୍ତ ଏକତ୍ରିତ ହୋଇ ମହାପ୍ରଭୁଙ୍କ ଦିବ୍ୟ ଯାତ୍ରାକୁ ଭକ୍ତି, ଶ୍ରଦ୍ଧା ଓ ଉତ୍ସାହ ସହ ପାଳନ କରନ୍ତି। ମୁଁ ଏହି ପବିତ୍ର ଅବସରରେ ଅଂଶଗ୍ରହଣ କରିବାକୁ ଅପେକ୍ଷା କରୁଛି।

# ଜନଜାତି କଲ୍ୟାଣ ପାଇଁ ଆମେ ପ୍ରତିବଦ୍ଧ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବାରିପଦାର ଛଉ ପଡ଼ିଆ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଓଡ଼ିଶା ସାଂସ୍କୃତିକ ବୈଭବ ଚିତ୍ରପଟରେ ଜନଜାତି ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି ତେଣୁ ଏହି ସଂସ୍କୃତିର ବିକାଶ ପାଇଁ ଆଗାମୀ ୨୦୩୬ ସୁଦ୍ଧା ଓଡିଶାକୁ ସମୃଦ୍ଧ ଓଡିଶାରେ ପରିଣତ କରିବାକୁ ହେବ। ଆଗାମୀ ୧୧ ବର୍ଷ ଭିତରେ ଏହି ଲକ୍ଷ୍ୟକୁ ସାକାର କରିବାକୁ ହେଲେ ରାଜ୍ୟର ୪୦ ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ବିକାଶ କରିବାକୁ ହେବ। ଏହି "ଆଦିବାସୀ ଶକ୍ତି ସମାବେଶ" ରେ ସଂସ୍କୃତି ଓ ପରମ୍ପରାର ଏକ ଅପୂର୍ବ ମିଳନ ହେଉଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ମେଳା ରାଜ୍ୟର ସମସ୍ତ ଆଦିବାସୀ ସମ୍ପ୍ରଦାୟଙ୍କୁ ଏକାଠି କରିବାର ଓ ସେମାନଙ୍କୁ ପରସ୍ପରର ସଂସ୍କୃତି ସହ ପରିଚିତ କରାଇବାର ଏକ ସୁଯୋଗ ସୃଷ୍ଟି କରି ଆସୁଛି। ଏହି ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଦିବାସୀ ସମ୍ପ୍ରଦାୟର ସମସ୍ତ ସମସ୍ୟା ଓ ଆବଶ୍ୟକତାକୁ ସୁନିଶ୍ଚିତ କରିବା। ଆମେ ତାଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଓ ସାମାଜିକ ସୁରକ୍ଷାରେ ଉନ୍ନତି କରିବା ପାଇଁ ପ୍ରତିବଦ୍ଧ ବୋଲି ସେ କହିଥିଲେ। ଓଡିଶାର ପ୍ରାଣ ହେଉଛନ୍ତି ଏହାର ଜନଜାତି । ରାଜ୍ୟର ପ୍ରାୟ ଏକ ଚତୁର୍ଥାଂଶ ହେଉଛନ୍ତି ଆଦିବାସୀ ସଂପ୍ରଦାୟ ।ଆଦିବାସୀ ଜନଜାତି ଆଜି ଭାରତର ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଛନ୍ତି ଏବଂ ମୟୂରଭଞ୍ଜରୁ ୭ ଜଣ ଆଦିବାସୀ ସମ୍ପ୍ରଦାୟର ବିଧାୟକ ମାନେ ଏହି ଜିଲ୍ଲାର ପ୍ରତିନିଧିତ୍ୱ କରୁଛନ୍ତି, ଏହା ଆମ ପାଇଁ ଗୌରବର ବିଷୟ । ଯେତେବେଳେ ସମ୍ମାନର କଥା ଆସେ ଏଇ ମୟୂରଭଞ୍ଜ ମାଟିର ଜଣେ ସାଧାରଣ ପରିବାରର ଝିଅ ବହୁ ବାଧାବିଘ୍ନ ସତ୍ତ୍ୱେ ଆଜି ଦେଶରା ପ୍ରଥମ ନାଗରିକ, ମହାମହିମ ରାଷ୍ଟ୍ରପତି ପଦରେ ଦେଶକୁ ଗୌରବାନ୍ୱିତ କରୁଛନ୍ତି। କେବଳ ମୟୂରଭଞ୍ଜ ନୁହେଁ ସାରା ଦେଶର ଜନଜାତି ଝିଅ, ପ୍ରତ୍ୟେକ ମହିଳାଙ୍କ ପାଇଁ ପ୍ରାରଣାର ଉତ୍ସ। ଭାରତୀୟ ସଂସ୍କୃତି ଓ ପରମ୍ପରା ଜନଜାତିଙ୍କ ବିନା କଳ୍ପନା କରିବା ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି। ସେ କହିଛନ୍ତିଯେ, କେନ୍ଦ୍ର ସରକାରଙ୍କ ସହିତ ଓଡିଶା ରାଜ୍ୟ ସରକାର ଜନଜାତି କଲ୍ୟାଣ ପାଇଁ ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧିନରେ ରାଜ୍ୟର ଜନଜାତି ସମୁଦାୟର ଜୀବିକା ବିକାଶକୁ ପ୍ରୋତ୍ସାହନ କରାଯାଉଛି । କୃଷି, ଜଳସେଚନ ଓ ପଶୁପାଳନ ମାଧ୍ୟମରେ ୧.୪୫ ଲକ୍ଷ ଜନଜାତି ପରିବାରର ଜୀବିକା ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆସିଛି। ୫ ହଜାର ଆଦିବାସୀ ଯୁବକ ଓ ଯୁବତୀମାନେ ପ୍ରତ୍ୟେକେ ୧ ଲକ୍ଷ ଟଙ୍କା ସହଯୋଗ ରାଶି ପାଇ ଲଘୁ ଉଦ୍ୟୋଗ ଆରମ୍ଭ କରି ଉପକୃତ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଆବାସିକ ଶିକ୍ଷାକୁ ସହଜ କରିବା ପାଇଁ ୨୦୨୪ ଆର୍ଥିକ ବର୍ଷରେ ୮୩ ଗୋଟି ନୂତନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରାବାସ, ୨୩ଟି ଅନ୍ୟାନ୍ୟ ପଛୁଆବର୍ଗ ଛାତ୍ରାବାସ ଏବଂ ୨୨୯ ଗୋଟି ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ପାଇଁ ମୋଟ ୭୩୨.୪୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।



କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୩ - ୨୯ ଜୁନ୍, ୨୦୨୫

# ଭୟରେ ପାକିସ୍ତାନ

କାହାଣୀର ଅଙ୍କା ବଙ୍କା ନଈ ପରି ଜୀବନର ଗତିପଥ ସ୍ଥିର ରଖିବା ଆଦୌ ସମ୍ଭବପର ନୁହେଁ । କେତେବେଳେ କେଉଁ ଦିଗକୁ ଯାତ୍ରା କଲେ ଶୁଭ ଫଳ ପ୍ରାପ୍ତି ହେବ ଏଥିରେ ସତ୍ୟତା ଥାଇପାରେ ମାତ୍ର ଏହା ପୂର୍ଣ୍ଣ ସତ୍ୟ ବୋଲି ମାନି ହେବନାହିଁ । ଅଥଚ ପରିସ୍ଥିତିର ମୁକାବିଲା କରି ଦିନ ପରେ ଦିନ କିଭଳି ଜୀବନ ଅତିବାହିତ କରିହେବ ତାହା ହେଉଛି ସମ୍ପୂର୍ଣ୍ଣ କାହାଣୀର ଅଂଶ ବିଶେଷ । ଆଜିକାଲି ଦେଶ-ଦେଶମଧ୍ୟରେ ସମ୍ପର୍କକୁ ନେଇ କେହି ଆଶାବାଦୀ ତ ଅନ୍ୟ କେହି ଯୁଦ୍ଧଖୋର ମାନସିକତା ନେଇ ନିଜକୁ ପ୍ରସ୍ତୁତ କରୁଛନ୍ତି । କିଛି ଦେଶ ତ ବୋଲି ନକହି ପାକିସ୍ତାନ ଭଳି ଆତଙ୍କୀ ଦେଶ ପାକିସ୍ତାନ କଥା କହିଲେ ଏତିକି ବୁଝିହୁଏ ଯେ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ବ୍ୟାକୁଳ ଦେଶଟିଏ କିଭଳି ସନ୍ତ୍ରାସ କାର୍ଯ୍ୟ ଦ୍ୱାରା ନିଜର ଆଧିପତ୍ୟ ବଜାୟ ରଖେ ତାହାର ଅନେକ କାହାଣୀ ରହିଛି । ପହେଲଗାଁ ଘଟଣା ପରେ ଭାରତ ସହ ପାକିସ୍ତାନର ସମ୍ପର୍କ ଏତେ ଖରାପ ହୋଇଯାଇଛି ଯାହା ତାଙ୍କ ଦେଶ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ସିନ୍ଧୁ ଜଳ ଚୁକ୍ତିକୁ ଭାରତ ରଦ୍ଦ କରିବା ପରେ ପାକିସ୍ତାନରେ ଉତ୍କଟ ଜଳ ସମସ୍ୟା ଦେଖା ଦେଇଛି । କୃଷି ହେଉ କି ପାନୀୟ ଜଳ ସବୁଥିରେ ପାକିସ୍ତାନ ସଙ୍କଟ ଭୋଗିବାକୁ ଯାଉଛି । ଯଦିଓ ପାକିସ୍ତାନ ଏନେଇ ଭାରତକୁ ୬ ଥର ଚିଠି ଲେଖି ଅନୁରୋଧ କରିସାରିଲାଣି ତଥାପି ଭାରତ ନିଜ ଜିଦରେ ଅଟଳ ରହିବାର ମୂଳ କାରଣ ହେଉଛି ପାକିସ୍ତାନ ନିଜ ଦେଶରେ ଆତଙ୍କୀବାଦୀଙ୍କୁ ପାଳିବା ପୋଷିବା ଛାଡ଼ି ପାରୁନାହିଁ । ଅନ୍ୟପକ୍ଷେ ଭାରତ ବିଶ୍ୱରେ ଅଧିକ ପରାକ୍ରମୀ ହେବା ସହିତ ବିଶ୍ୱ ଅର୍ଥନୀତିରେ ଯଦିଓ ଏବେ ଚତୁର୍ଥ ସ୍ଥାନରେ ରହିଛି ଏହା ତୃତୀୟ ସ୍ଥାନକୁ ଯିବା ପାଇଁ ଖୁବ ଅଳ୍ପଦିନ ଲାଗିପାରେ । ନିବେଶ ଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ମଜବୁତ ଭାରତ ନୂଆ ସନ୍ଧାନରେ ଲାଗିଥିଲା ବେଳେ କ୍ଷୁଧାର ସାମ୍ନା କରୁଛି ପାକିସ୍ତାନ । ସିଧା ଭାଷାରେ କହିଲେ ପାକିସ୍ତାନର ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଦୋହଲି ଯାଇଛି । ତ୍ରୁଟି ସୁଧାରିବା ବଦଳରେ ଭାରତ ବିରୋଧୀ ବୟାନରୁ ଓହରିପାରୁନି ପାକିସ୍ତାନ । ହେଲେ ପାକିସ୍ତାନ ଏଯାଏ ବୁଝିନି ଯେ ଭାରତ ଭଳି ପଡୋଶୀ ବିଶ୍ୱରେ ମିଳିବେନାହିଁ । ଦେଶ ବିଭାଜନ ପରେ ଭାରତ ଠାରୁ ପାକିସ୍ତାନ ଅଲଗା ହୋଇ କରିଛି କଣ ? ଆଜି ଭାରତ ପ୍ରତ୍ୟେକ କ୍ଷେତ୍ରରେ ଆତ୍ମନିର୍ଭର ହୋଇଥିଲା ବେଳେ ପାକିସ୍ତାନ ଭିକ ମାଗୁଛି । ଶିକ୍ଷା ଠାରୁ ଆରମ୍ଭ କରି ପ୍ରତିରକ୍ଷା ପର୍ଯ୍ୟନ୍ତ ସବୁଠି ଭାରତର ବିକାଶ ଘଟିଛି । ବିଶ୍ୱର ସର୍ବୋଚ୍ଚ ରେଳ ପୋଲ ନିର୍ମାଣ କରିପାରିଛି ଭାରତ । ବ୍ରହ୍ମୋସ ମିସାଇଲ ତିଆରି କରି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ଭାରତର କ୍ଷମତା ଆଗରେ ଆମେରିକା, ଚୀନ ମଧ୍ୟ ଚିନ୍ତା ପ୍ରକଟ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ କାଳରେ ଦେଶବାସୀ ଏକ ନୂଆ ଭାରତ ଦେଖୁଛନ୍ତି । ଅପରେସନ ସିନ୍ଦୂର ପରେ ପାକିସ୍ତାନ ଭୟ ଓ ଆଶଙ୍କାରେ ଥିଲା ବେଳେ ଇଜ୍ରାଏଲ ଏବଂ ଇରାନ ମଧ୍ୟରେ ଘମାଘୋଟ ଲଢେଇ ଜାରି ରହିଛି । ଏଥିରେ ପାକିସ୍ତାନ ଇରାନ ସପକ୍ଷରେ ଥିବା ନେଇ ଖବର ଆସିଲା ପରେ ପୁଣି ଥରେ ଭୟରେ ରହିଛି ପାକିସ୍ତାନ । କାରଣ ଇଜ୍ରାଏଲ ସାମରିକ ଶକ୍ତିରେ ଏତେ ମଜବୁତ ଯେ କ୍ଷଣକରେ ପାକିସ୍ତାନ ଭଳି ଏକ ଦେଶକୁ ଧ୍ୱଂସ କରିପାରିବ । ଭାରତର ବଡ଼ ବନ୍ଧୁ ଭାବେ ଜଣା ଇଜ୍ରାଏଲ ଯେକୌଣସି ମୁହୂର୍ତ୍ତରେ ପାକିସ୍ତାନ ଉପରେ ଆକ୍ରମଣ କରିପାରିବ । ଅନ୍ୟପକ୍ଷେ ଇଜ୍ରାଏଲ - ଇରାନ ଯୁଦ୍ଧରେ ପାକିସ୍ତାନର ଭୂମିକାକୁ ନେଇ ଯେଉଁ ଚର୍ଚ୍ଚା ହେଉଛି ସେଥିରେ ପାକିସ୍ତାନର ଦୋମୁହାଁ ନୀତି ସ୍ପଷ୍ଟ । ନିକଟରେ କାନାଡ଼ାରେ ଅନୁଷ୍ଠିତ ଜି ୭ ଦେଶ ବୈଠକରେ ପାକ ଆତଙ୍କବାଦୀ ସଂଗଠନ ବାବଦରେ ମୋଦି ପୁଣି ଥରେ ସ୍ପଷ୍ଟ କରିଛନ୍ତି ଯେ, ଆତଙ୍କବାଦର ବିଲୋପନ ହେବା ଦରକାର । ଅପରେସନ ସିନ୍ଦୂର ସ୍ଥଗିତ ରହିବା ପଛରେ ଆମେରିକା ରାଷ୍ଟ୍ରପତିଙ୍କ ଭୂମିକା ନଥିବା କହିଛନ୍ତି ମୋଦି । ସମାନ କଥାକୁ ପାକିସ୍ତାନ ଉପପ୍ରଧାନମନ୍ତ୍ରୀ ଇଶାକ ଦାର ସ୍ୱୀକାର କରିଛନ୍ତି । ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହେବାର କିଛିଦିନ ପରେ ମେ' ୭ ତାରିଖରେ ଭାରତ ଅପରେସନ ସିନ୍ଦୂର ସମୟରେ ପାକିସ୍ତାନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଏୟାରବେସ୍ ଉପରେ ଆକ୍ରମଣ କରିଥିଲା ।

ସମ୍ପାଦକୀୟ



ତାରକ ମହାନ୍ତି

# ଆମର ଉତ୍କଳୀୟ ପରମ୍ପରା ଏବଂ ଜଗନ୍ନାଥ ସଂସ୍କୃତି



ସୁଚରିତା ବେହେରା

ଆମର ଭୂସ୍ୱର୍ଗ ଭାରତବର୍ଷରେ ଚାରି ଗୋଟି ଧାମ ମଧ୍ୟରୁ ଆମ ଦେଶର ପୂର୍ବ ଦିଗରେ ଦେବଭୂମି ଉତ୍କଳର ପୁରୀ ଜିଲ୍ଲାରେ ଜଗନାଥ ଧାମ ଅବସ୍ଥିତ ଯାହାକୁ ଶ୍ରୀମନ୍ଦିର ମଧ୍ୟ କୁହାଯାଇଥାଏ । ଏହି ତୀର୍ଥ କ୍ଷେତ୍ର ହେଉଛି ପତିତପାବନ ଧାମ, ବଡ଼ଦାଣ୍ଡ ରେ ବଡ଼ଦେଉଳ ବା ଶ୍ରୀମନ୍ଦିର ଯେଉଁଠାରେ ସମଗ୍ର ବିଶ୍ୱରେ ଶ୍ରୀ ଜଗନାଥ ସଂସ୍କୃତି କୁ ଅଧିକ ମାହାତ୍ମ୍ୟ ଦେବାପାଇଁ ଚତୁର୍ଦ୍ଧା ମୂର୍ତ୍ତି ଅବା ଦାରୁବ୍ରହ୍ମ ପୁରୁଷୋତ୍ତମ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଯାହାଙ୍କର ଅନ୍ୟନାମ ବଡ଼ଠାକୁର, ଚକାଡୋଳା, ଚକାନୟନ, କାଳିଆ ସାଆନ୍ତ ଙ୍କର ରୂପରେ ଆବିର୍ଭାବ ହୋଇଅଛନ୍ତି ।

ଆମର ସ୍ୱରାଜ ଉତ୍କଳ ପ୍ରଦେଶ ରେ ଆମର ଉତ୍କଳୀୟ ପରମ୍ପରା ଏବଂ ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ସଂସ୍କୃତିର ସମନ୍ୱୟରେ ସମାଜକୁ ପ୍ରସ୍ଫୁଟିତ କରାଇ ଏକ ଶୃଙ୍ଖଳିତ ସମାଜ ଗଠନ କରିବା ସହିତ ଏକ ଐତିହ୍ୟ ଏବଂ ସଂସ୍କୃତି ସମ୍ପନ୍ନ ଭାରତ ବର୍ଷର ନିର୍ମାଣରେ ସର୍ବଦା ସହାୟକ ହୋଇଥାନ୍ତି । ଏତଦବ୍ୟତୀତ ଆମର ଜଗନ୍ନାଥ ସଂସ୍କୃତି ଜାତୀୟ ଐକ୍ୟତ୍ୟାକୁ ସୁଦୃଢ କରି ଉତ୍କଳର ସ୍ୱାଭିମାନକୁ ବିଶ୍ୱ ଦରବାରରେ ସର୍ବଦା ଉଜ୍ଜ୍ୱଳ ମୟ ଏବଂ ଦୀପ୍ତିମନ୍ତ କରି ଗଢି ତୋଳିଥାନ୍ତି । ବିଶ୍ୱର ସକଳ ଧର୍ମଶାସ୍ତ୍ର ମଧ୍ୟରେ ଆମ ଓଡିଶାର ସାରସ୍ୱତ ଶ୍ରୀଜଗନ୍ନାଥ ସଂସ୍କୃତି ଯାହାକି ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଏବଂ ଭାତୃତ୍ୱର ବାଣୀ ସହ ବିଶ୍ୱହିତୈଷିର ମନୋଭାବ ରଖି ଅତୀତ ବର୍ତ୍ତମାନ ଏବଂ ଭବିଷ୍ୟତର ସହଯୋଗକାରୀ ସେତୁ ହୋଇଥାନ୍ତି । ସେହି ଜଗନ୍ନାଥ ସଂସ୍କୃତି ବିଶ୍ୱହିତୈଷିର ପ୍ରେରଣା ଦେଇଥାନ୍ତି, ତାହା ହେଉଛି-

'ସର୍ବେ ଭବନ୍ତୁ ସୁଖିନଃ,
ସର୍ବେ ସନ୍ତୁ ନିରାମୟା,
ସର୍ବେ ଭଦ୍ରାଣି ପଶୟନ୍ତୁ,
ମା କଶ୍ଚିତ ଦୁଃଖ ଭାଗ ଭ୍ବେତ'

'ଦାରୁବ୍ରହ୍ମ ଜଗନ୍ନାଥ ଭଗବାନ ଶ୍ରୀ ପୁରୁଷୋତ୍ତମ'
କ୍ଷେତ୍ରେ ନୀଳାଚଳ କ୍ଷୀରାର୍ଣ୍ଣବତିରେ ବିରାଜିତେ'

ଅର୍ଥାତ ଦାରୁବ୍ରହ୍ମ ଜଗନ୍ନାଥ, ପରୁଷୋତ୍ତମ, ନୀଳାଚଳ କ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତି ଭାବରେ ରତ୍ନବେଦୀ ଉପରେ ବିରାଜମାନ ଅଛନ୍ତି । ଦାରୁବ୍ରହ୍ମ ପୁରୁଷୋତ୍ତମଙ୍କର ସହସ୍ର ନାମ ମଧ୍ୟରୁ ଶ୍ରୀଜଗନ୍ନାଥ ନାମଟି ସ୍ମରଣୀୟ, ଯାହାଙ୍କର ଉଚ୍ଚାରଣ ମାତ୍ରକେ ହୃଦୟରେ ବ୍ୟାକୁଳତା ଜାଗିଉଠେ ଓ ଭକ୍ତର ନୟନରେ ଭକ୍ତିର ଲୋତକ ଝରିଯାଏ । ସେଇ ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କର ନାମାର୍ଥ - 'ଶ୍ରୀ'ର ଅର୍ଥ ଲକ୍ଷ୍ମୀ ଏବଂ ଐଶ୍ୱର୍ଯ୍ୟ, 'ଜ' ର ଅର୍ଥ ଉତ୍ପତ୍ତି, 'ଗ'ର ଅର୍ଥ ଗଠନ ଓ ସର୍ବଗୁରୁ, 'ନ'ର ଅର୍ଥ ନିରାକାର ଓ ନିର୍ବିକାର, 'ଥ'ର ଅର୍ଥ 'ମଙ୍ଗଳ ଓ ରକ୍ଷଣ' ଶ୍ରୀଜଗନ୍ନାଥ ସଂସ୍କୃତି ର ମୂଳ ଆଦର୍ଶ ହେଉଛି

'ସବୁ ଅନେକ୍ୟ ମଧ୍ୟରେ ଐକତ୍ୟା'
'ଐକତ୍ୟା ମଧ୍ୟରେ ଅନୈକତା'

ଆମର ଶ୍ରୀମନ୍ଦିରର ଶୀର୍ଷ ରେ ଅବସ୍ଥିତ ନୀଳଚକ୍ର ଯାହାର ଉପରେ ଉଡୁଥିବା ଧ୍ୱଜାକୁ ପତିତପାବନ ବାନା ବୋଲି ଜଣାଯାଏ । ଏହି ବାନା ସାଧାରଣତଃ ଧଳା, ଲାଲ ଓ ହଳଦିଆ ରଙ୍ଗର ହୋଇଥାଏ । ସର୍ବାଧିକ ଲମ୍ବା ବାନାକୁ 'ପାଦୁକା ଖିଆବାନା' କୁହାଯାଇଥାଏ କ୍ଷପ୍ରାତଃ ସମୟରେ ନୀଳଚକ୍ର ଶ୍ୱେତ ବର୍ଣ, ମଧ୍ୟାହ୍ନ ରେ ଲୋହିତ ବର୍ଣ, ସନ୍ଧ୍ୟାରେ ନୀଳବର୍ଣ୍ଣ ଧାରଣ କରିଥାଏ । ଏହା ଲୁହା, ତମ୍ବା, ଏକ ଚତୁର୍ଥାଂଶ ସୁନା, ରୁପା, ପିତ୍ତଳ, ଦସ୍ତା, ସୀସା, ପାରଦ ଧାତୁରେ ନିର୍ମିତ ଏକ ୧୫ କିଗ୍ରା ଓଜନର ନୀଳ ଚକ୍ର । ଏହା ମନ୍ଦିରକୁ ବଜ୍ରପାତରୁ ରକ୍ଷା କରେ । ଦ୍ୱାଦଶ ଶତାବ୍ଦୀରେ ଚୋଡ଼ଗଙ୍ଗ ଦେବ ଶ୍ରୀମନ୍ଦିର ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ଅନଙ୍ଗ ଭୀମଦେବ ଏହି ମନ୍ଦିର ର ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ । ଏହି ମନ୍ଦିର ଦଶ ଏକର ଆୟତନ ବିଶିଷ୍ଟ ଭୂମି ଉପରେ ଅବସ୍ଥିତ । ଗଜପତି କପିଳେନ୍ଦ୍ର ଦେବ ଶ୍ରୀମନ୍ଦିର ଚାରିପାଖରେ ମେଘନାଦ ପାଚେରୀ ନିର୍ମାଣ କରିଥିଲେ ।

ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକ ୧୦ ମିଟର ଉଚ୍ଚ ଏକ କଳା ମୁଗୁନି ପଥରର ସ୍ତମ୍ଭ ରହିଅଛି । ଏହାକୁ ଅରୁଣ ସ୍ତମ୍ଭ କୁହାଯାଇଥାଏ । ସ୍ତମ୍ଭ ଉପରେ ସୂର୍ଯ୍ୟ ଦେବତା ଙ୍କୁ ପ୍ରାର୍ଥନା କରିବା ମୁଦ୍ରାରେ ଅରୁଣଙ୍କର ମୂର୍ତ୍ତି ରହିଛି । ଏହା ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ୨୦ ଫୁଟ ଦୂରରେ ଅବସ୍ଥିତ । ୧୩୦୦ ଖ୍ରୀଷ୍ଟାବ୍ଦରେ ପ୍ରଥମ ନରସିଂହ ଦେବ ଶ୍ରୀମନ୍ଦିର ସମ୍ମୁଖରେ ଅରୁଣ ସ୍ତମ୍ଭ ସ୍ଥାପନା କରିଥିଲେ । ଯାହାକି ସୂର୍ଯ୍ୟ ମନ୍ଦିର ପୂଜା ବିଧି ବନ୍ଦ ହୋଇଯାଇଥିବାରୁ ମୂଳ ମନ୍ଦିର ସମ୍ମୁଖରୁ ଶ୍ରୀମନ୍ଦିର ସମ୍ମୁଖକୁ ସ୍ଥାନାନ୍ତରିତ କରାଯାଇଛି ।

ଶ୍ରୀମନ୍ଦିରରେ ଚାରୋଟି ଦିଗରେ ଚାରୋଟି ଦ୍ୱାର ରହିଅଛି । ପୂର୍ବ ଦିଗ ରେ ପ୍ରବେଶ ଦ୍ୱାର କୁ ସିଂହ ଦ୍ୱାର, ପଶ୍ଚିମ ଦିଗରେ ବ୍ୟାଘ୍ର ଦ୍ୱାର, ଉତ୍ତର ଦିଗରେ ହସ୍ତୀଦ୍ୱାର, ଦକ୍ଷିଣ ଦ୍ୱାରକୁ ଅଶ୍ୱଦ୍ୱାର ମଧ୍ୟ କୁହାଯାଇଥାଏ । ଶ୍ରୀ ମନ୍ଦିର ବେଢା ମଧ୍ୟରେ ବିଭିନ୍ନ ମଣ୍ଡପ ମାନ ରହିଅଛି । ସେଗୁଡିକ ହେଉଛି ରତ୍ନ ମଣ୍ଡପ, ଭେଟ ମଣ୍ଡପ, ଚାହାଣି ମଣ୍ଡପ, ସ୍ନାନ ମଣ୍ଡପ, ପ୍ରସାଦ ମଣ୍ଡପ, ବୈକୁଣ୍ଠ ମଣ୍ଡପ, ବକୁଳ ମଣ୍ଡପ, ଭୋଗ ମଣ୍ଡପ, ମୁକ୍ତି ମଣ୍ଡପ, ମାଜଣା ମଣ୍ଡପ, ଜଳକ୍ରୀଡା ମଣ୍ଡପ, ନାଭିକଟା ମଣ୍ଡପ, ଦେବସଭା ମଣ୍ଡପ, ଅଚିନ୍ତା ମଣ୍ଡପ, ନାଟପା ମଣ୍ଡପ, ଆଡପ ମଣ୍ଡପ, ବଳି ମଣ୍ଡପ, ଦୋଳ ମଣ୍ଡପ ଓ ଯଜ୍ଞ ମଣ୍ଡପ । ଉତ୍କଳୀୟ ପରମ୍ପରା ଏବଂ ଜଗନ୍ନାଥ ସଂସ୍କୃତି ରେ ଉଲ୍ଲେଖ କରାଯାଇଛି ଯେ ଭଗବାନ ବିଷ୍ଣୁଙ୍କର ଦଶଗୋଟି ଅବତାର ମତ୍ସ୍ୟ, କଶ୍ୟପ, ବରାହ, ବାମନ, ନୃସିଂହ, ପର୍ଶୁରାମ, ରାମ, ବଳରାମ, ବୁଦ୍ଧ ଓ କଳ୍କୀ ଅବତାର । କଳିଯୁଗରେ ଭଗବାନ ଶ୍ରୀକୃଷ୍ଣ ମହାପ୍ରଭୁ, ଦାରୁବ୍ରହ୍ମ, ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ରୂପରେ ଉତ୍କଳ ପ୍ରଦେଶ ରେ ପୁରୀ ଜିଲ୍ଲାରେ ଜଗନ୍ନାଥ ଧାମ ରେ ଅବତରଣ କରିଛନ୍ତି । ପୌରାଣିକ ତଥ୍ୟ ଅନୁଯାୟୀ ଶବର ରାଜା ବିଶ୍ୱାବସୁ ଉତ୍କଳ ପ୍ରଦେଶ ର ପୁରାତନ ନାମ କଳିଙ୍ଗ ରାଜ୍ୟର ନୀଳଗିରି ପର୍ବତରେ ନୀଳମାଧବଙ୍କ ନାମରେ ଲୁକ୍କାୟିତ ଭାବରେ ପୂଜା ପାଉଥିଲେ । ସେହି ସମୟର ରାଜା ଇନ୍ଦ୍ରଦ୍ୟୁମ୍ନ ରାଜା ବିଦ୍ୟାପତିଙ୍କ ସହ ସେହି ସ୍ଥାନକୁ ଯାଇ ନୀଳମାଧବଙ୍କର ଦର୍ଶନ କରିଥିଲେ । ଏହା ପରେ ଦେବର୍ଷୀ ନାରଦ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ମହୋଦଧି କୂଳରେ ଭାସମାନ ଅବସ୍ଥାରେ ଆସିଥିବା ଦାରୁବ୍ରହ୍ମଙ୍କୁ ନେଇ ଶ୍ରୀଜୀଉ ଙ୍କର ବିଗ୍ରହ ନିର୍ମାଣ କରି ଏହାକୁ ଶ୍ରୀମନ୍ଦିର ରେ ପ୍ରତିଷ୍ଠା କରିବା ପାଇଁ ସ୍ୱପ୍ନାଦେଶ ଦେଇଥିଲେ । ସେହି ସ୍ୱପ୍ନାଦେଶ ଅନୁସାରେ ରାଜା ଇନ୍ଦ୍ରଦ୍ୟୁମ୍ନ ଯଜ୍ଞକର୍ମ ଅନୁଷ୍ଠାନ କରି ତିନି ବିଗ୍ରହ ଙ୍କର ନିର୍ମାଣ କାର୍ଯ୍ୟ ର ଆରମ୍ଭ କରିଥିଲେ । ଦେବଶିଳ୍ପୀ ବିଶ୍ୱକର୍ମା ସେଠାରେ କାରିଗର ରୂପରେ ଆବିର୍ଭାବ ହୋଇ ମହାପ୍ରଭୁ ଙ୍କର ବିଗ୍ରହଙ୍କର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଦେବଶିଳ୍ପୀ ବିଶ୍ୱକର୍ମା ବିଗ୍ରହ ନିର୍ମାଣ ଶେଷ ହେବା ପର୍ଯ୍ୟନ୍ତ ଦ୍ୱାର ନ ଖୋଲିବାକୁ ଆଦେଶ ଦେଇଥିଲେ । କିଛି ଦିନ ପରେ ମନ୍ଦିର ଭିତରୁ କିଛି ଶବ୍ଦ ନ ଶୁଣାଯିବାରୁ ରାଣୀ ଗୁଣ୍ଡିଚା ଚିନ୍ତିତ ହୋଇ ମନ୍ଦିରର ଦ୍ୱାର ଖୋଲିଦେଇଥିଲେ । ଦେବଶିଳ୍ପୀ ବିଶ୍ୱକର୍ମାଙ୍କର ଅନୁପସ୍ଥିତି ଏବଂ ନୂତନ ନିର୍ମିତ ତିନି ବିଗ୍ରହ ଶ୍ରୀଜଗନ୍ନାଥ, ତାଙ୍କର ବଡଭାଇ ଶ୍ରୀ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କର ଦର୍ଶନ କରି ରାଣୀ ଗୁଣ୍ଡିଚା ଏବଂ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଚକ୍ଷୁରେ ଭକ୍ତି, ଶ୍ରଦ୍ଧା, ଆସ୍ଥା ସହ ଶ୍ରୀଜଗନ୍ନାଥଙ୍କର ପ୍ରତି ବିଶ୍ୱାସ ଆହୁରି ସୁଦୃଢ ହୋଇଯାଇଥିଲା । ସେହି ଦିନଠାରୁ ରାଣୀ ଗୁଣ୍ଡିଚା ଆମର ବଡ଼ ଦେବତା ଏବଂ କଳି ଯୁଗର ସାକ୍ଷାତ ଭଗବାନ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ମାଉସି ରୂପରେ ସମଗ୍ର ବିଶ୍ୱରେ ପୂଜିତ । ପ୍ରତିବର୍ଷ ରାଣୀ ଗୁଣ୍ଡିଚାଙ୍କ ନାମ ଅନୁସାରେ ରଥଯାତ୍ରା, ଘୋଷ ଯାତ୍ରା ବା ଗୁଣ୍ଡିଚା ଯାତ୍ରା ପାଳନ କରାଯାଇଥାଏ । ପ୍ରତିବର୍ଷ ଜଗନ୍ନାଥ ଧାମ, ପତିତପାବନ ଧାମ ଶ୍ରୀଜଗନ୍ନାଥଙ୍କ ବଡ଼ମନ୍ଦିର ଶ୍ରୀମନ୍ଦିରରେ ବିଭିନ୍ନ ପର୍ବ ପର୍ବାଣି ପାଳନ କରାଯାଏ । ସେଗୁଡିକ ଚନ୍ଦନ ଯାତ୍ରା, ସ୍ନାନ ପୂର୍ଣିମା, ରଥଯାତ୍ରା, ହରିଶୟନ ଏକାଦଶୀ, କର୍କଟ ସଂକ୍ରାନ୍ତି, ଦୋଳ ଉତ୍ସବ, ଦମନ ଚୋରି, ହରି ଉତ୍ଥାପନ, ପ୍ରାବରଣ ଷଷ୍ଠୀ, ଦେବାଭିଷେକ, ବାହୁଡ଼ା ଯାତ୍ରା ।

ପ୍ରତିବର୍ଷ ଥରେ ଶ୍ରୀଜୀଉ ମାନଙ୍କର ବିଗ୍ରହ ପରିବର୍ତ୍ତନ କରାଯାଇଥାଏ ଯାହାକୁ ନବ କଳେବର କୁହଇଯାଇଥାଏ । ଏଥିରେ ମହାପ୍ରଭୁଙ୍କର ବ୍ରହ୍ମ ପଦାର୍ଥ ନୂତନ ବିଗ୍ରହରେ ସ୍ଥାପନା କରାଯାଏ । ଦଇତାପତି ମାନେ ଏହି କାର୍ଯ୍ୟ ସମ୍ପାଦନ କରନ୍ତି । ଯେଉଁ ବର୍ଷ ନବ କଳେବର ହୁଏ, ସେ ବର୍ଷ ଅଣସର ଦେଢମାସ ହୋଇଥିବାରୁ ଏହାକୁ ମହା ଅଣସର କୁହାଯାଇଥାଏ । ପ୍ରଥମେ ଭାଗରେ ମୂର୍ତ୍ତି ନିର୍ମାଣ, ବ୍ରହ୍ମ ସ୍ଥାପନ ଆଦି କର୍ମ, ଦ୍ୱିତୀୟ ଭାଗରେ ଶୁଦ୍ଧିକ୍ରିୟା, ତୃତୀୟ ଭାଗରେ ପ୍ରତିବର୍ଷ ପରି ଅଣସର ନୀତି ପାଳିତ ହୋଇଥାଏ । ଏହା ପରେ ଠାକୁର ମାନଙ୍କର ନବ ଯୌବନ ଦର୍ଶନ ଏବଂ ଆଶାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ବିଶ୍ୱବିଖ୍ୟାତ ଶ୍ରୀଗୁଣ୍ଡିଚା ବା ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ।

'ଦୋଳେ ଚ ଦୋଳଗୋବିନ୍ଦମ ଚାପେ ଚ ମଧୁସୂଦନମ'
ରଥେ ତୁ ବାମନଂ ଦୃଷ୍ଟ୍ୱା, ପୁନ୍ରଜନ୍ମ ନ ବିଦ୍ୟତେ'

ଅର୍ଥାତ ଗୁଣ୍ଡିଚା ମନ୍ଦିରଗାମୀ ରଥସ୍ଥ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଡଭାଇ ବଳଭଦ୍ର ଏବଂ ଭଗିନୀ ଦେବୀ ସୁଭଦ୍ରା ଙ୍କର ଦର୍ଶନ କରିଲେ ବିଷ୍ଣୁ ଲୋକ ପ୍ରାପ୍ତ ହୁଏ ବୋଲି ବ୍ରହ୍ମ ପୁରାଣରେ ଉଲ୍ଲେଖ ଅଛି ।
କବି ସାଲବେଗ ରଥଯାତ୍ରା ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ଯେ

'ରଥ ଚାରିପାଶେ ଲମ୍ବେ ମୁକୁତାର ଝରା
ଝଲମଲ ଦିଶୁଥାଇ ପ୍ରଭୁ ଚକାଡୋଳା'
'ଆଗେ ଚାଲ ବଳଭଦ୍ର ମଧ୍ୟେ ଚାନ୍ଦମୁହିଁ
ପଛେ ଆସୁଅଛି କାଳିଆ ଗହଳ ଲଗାଇ'

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଷୋହଳ ଚକ ବିଶିଷ୍ଟ ଜଗନ୍ନାଥଙ୍କର ରଥର ନାମ ନନ୍ଦିଘୋଷ, ତାଙ୍କର ବଡ଼ଭାଇ ବଳଭଦ୍ର ଙ୍କର ଚଉଦ ଚକ ବିଶିଷ୍ଟ ରଥର ନାମ ତାଳଧ୍ୱଜ ଏବଂ ସାନ ଭଉଣୀଙ୍କର ସୁଭଦ୍ରାଙ୍କର ବାରଚକ ବିଶିଷ୍ଟ ରଥର ନାମ ଦେବଦଳନ ବା ଦର୍ପ ଦଳନ । ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ରେ ଠାକୁରଙ୍କର ପରମ ସେବକ ରାଜା ଗଜପତି ରଥରେ ଚତୁର୍ପାଶ୍ୱ ରେ ସୁନାଖଡ଼ିକା ରେ ଉଳାଇ ଚନ୍ଦନ ପାଣି ଛିଞ୍ଚି ଦିଅନ୍ତି । ଏହାକୁ ଛେରା ପହଁରା କୁହନ୍ତି । ଛେରା ପହଁରା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥାଏ । ପୁରୀରେ ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା ସମୟରେ ରଥ ଦଉଡି ଟାଣିଲେ ବା ସ୍ପର୍ଶ କରିଲେ କୋଟି ଜନ୍ମର ପାପ ନାଶ ହୁଏ ।

ବଡ ଦାଣ୍ଡ ରେ ରଥ ଟଣା ହୋଇ ମାଉସି ମାତା ଅର୍ଦ୍ଧଶିନୀ ଦେବୀଙ୍କ ମନ୍ଦିର ନିକଟରେ କିଛି ସମୟ ଅଟକେ ଏବଂ ସେଠାରେ ଭୋଗ ଲଗାଯାଏ । ତିନି ଦିଅଁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କର ବଡ଼ଭାଇ ବଳଭଦ୍ର ଏବଂ ସାନ ଭଉଣୀ ଦେବୀ ସୁଭଦ୍ରା ଙ୍କର ସହିତ ରଥ ତ୍ରୟ ସନ୍ଧ୍ୟା ଶୁଦ୍ଧା ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚି ଯାଇଥାନ୍ତି । ପରଦିନ ଗୁଣ୍ଡିଚା ମନ୍ଦିର ରେ ରତ୍ନ ସିଂହାସନରେ ତିନି ଠାକୁର ବିଜେ ହୁଅନ୍ତି । ଦଶମୀ ଦିନ ତିନି ଠାକୁରଙ୍କୁ ରଥରେ ବସାଇ ଗୁଣ୍ଡିଚା ମନ୍ଦିର ର ଠାରୁ ଶ୍ରୀମନ୍ଦିରକୁ ସିଂହଦ୍ୱାର ନିକଟକୁ ଅଣାଯାଏ । ଏହାକୁ ବାହୁଡ଼ା ଯାତ୍ରା କୁହନ୍ତି । ଏକାଦଶୀ ଦିନ ରଥଯାତ୍ରା ରେ ରଥରେ ସୁନାବେଶ ହୋଇଥାଏ । ତା ପରେ ରତ୍ନସିଂହାସନରେ ଠାକୁର ମାନଙ୍କର ପୂଜାର୍ଚ୍ଚନା କରାଯାଏ । ଯୁଗେ ଯୁଗେ ରଥଯାତ୍ରା ମାନବ ସମାଜକୁ ସଂଯମତା, ସ୍ନେହସଦିଚ୍ଛା, ମମତା ଓ ବନ୍ଧୁତା ଅର୍ପଣ କରିଆସୁଛି । ୧୫୬ କୋଟି ବର୍ଷର ଅତୀତକୁ ସ୍ମରଣ କରିଲେ ଜଣାଯାଏ ଯେ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ମତରେ ବାସ୍ତବରେ ସ୍ୱୟଂଭବୁ ମନୁ କାଳରୁ ନେଲେ ଏହା ସ୍ମରଣାତୀତ । ଆଚାର୍ଯ୍ୟ ରାଜଦେବ ଓ ରାଜଗୁରୁ ଓ ତୃତୀୟ ଭାନୁଦେବଙ୍କ ସମୟରେ ସୁଲତାନ ଫିରୋଜ ଖାଁ ପ୍ରଥମେ ଜଗନ୍ନାଥ ମନ୍ଦିର ଆକ୍ରମଣ କରିଥିଲେ ଓ ଶ୍ରୀ ଜଗନ୍ନାଥଙ୍କର ମୂର୍ତ୍ତିକୁ ସ୍ପର୍ଶ କରିବା ପାଇଁ ଉଦ୍ଦେଶ୍ୟରେ ଆସୁଥିଲେ । ହେଲେ ସେ ମନ୍ଦିରରେ ପ୍ରବେଶ କରିବା ମାତ୍ରେ ସେ ଅନ୍ଧ ହୋଇଗଲେ ଓ ବଡ଼ ବିକଳ ହୋଇ ପଳେଇଲେ । ଏହା ପରେ ମୋଗଲ ସାମ୍ରାଜ୍ୟର ସୁଲତାନ ହୋସେନ ଶ୍ରୀଜଗନ୍ନାଥଙ୍କୁ ଛୁଇଁବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ପାରିନଥିଲେ । ଏହାପରେ ଶ୍ରୀ ଚୈତନ୍ୟ ଦେବଙ୍କ ଆଗମନ ପୂର୍ବରୁ ସୁରନାଥ ଗାଦି ଇସ୍ମାଇଲ ଶ୍ରୀଜଗନ୍ନାଥଙ୍କୁ ନେଇଯିବା ପାଇଁ ଉଦ୍ୟମ କରୁଥିଲେ । ମାତ୍ର ୧୦୦୯ ଖ୍ରୀଷ୍ଟାବ୍ଦରେ ଗୋଦାବର ରାଜଗୁରୁ ଆକ୍ରମଣର ଖବର ପାଇ ହୁଲୁହୁଲିଆ କୂଳରୁ ପ୍ରଭୁଙ୍କୁ ନେଇ ଚିଲିକାରେ ଏକ ଗୁମ୍ଫା ରେ ରଖିଥିଲେ । ମାତ୍ର ୧୫୨୨ ଖ୍ରୀଷ୍ଟାବ୍ଦରେ ଶ୍ରୀଚୟିତନ୍ୟ ଆସିବା ବେଳକୁ ମହାପ୍ରଭୁ ଫେରିଆସିଥିଲେ । ୧୫୬୮ ରେ କଳାପାହାଡ଼ ଜଗନ୍ନାଥଙ୍କୁ ନେବାକୁ ଆସି ବଟମାଧବ ନେଇଯାଇଥିଲେ । ଜଗନ୍ନାଥଙ୍କର ସେବକ ମାନେ ମନ୍ଦିର ମଧ୍ୟରେ ତାଙ୍କୁ ଲୁଚାଇ ରଖିଥିଲେ । ଔରଙ୍ଗଜେବଙ୍କର ଜିଦ ଥିଲା ସେ ଜଗନ୍ନାଥଙ୍କୁ ନିଶ୍ଚିତ ଅପବିତ୍ର କରିବେ ଓ ସେଥିପାଇଁ ସେ ଆପ୍ରାଣ ଉଦ୍ୟମ କରିଥିଲେ । ମାତ୍ର ସେ ପରେ ମଧ୍ୟ ଜଗନ୍ନାଥଙ୍କୁ ନିଜର ଇଷ୍ଟ ଦେବଙ୍କ ରୂପେ ଗ୍ରହଣ କରିଥିଲେ । ମାତ୍ର ସେବକ ମାନେ ପ୍ରଭୁଙ୍କୁ ଅତ୍ୟନ୍ତ ଅନ୍ତରଙ୍ଗ ମନେ କରୁଥିବାରୁ ତାଙ୍କୁ ନେଉ ଚଡେଇଗୁହା ପର୍ବତରେ ଏକରାମ ଗାଁ ରେ ଲୁଚାଇ ରଖିଥିଲେ ଓ ଭକ୍ତି ଓ ଶ୍ରଦ୍ଧାର ସହିତ ପ୍ରଭୁଙ୍କର କୃପାରୁ ଆକ୍ରମଣ ପ୍ରତିହତ କରିପାରିଥିଲେ ।

ଆମର ଉତ୍କଳୀୟ ପରମ୍ପରା ଏବଂ ଜଗନ୍ନାଥ ସଂସ୍କୃତି ଯାହାର ଆଦର୍ଶ ଓ ମହତ୍ୱ ଆକାଶ ପରି ଅନନ୍ତ ଏବଂ ସାଗର ପରି ଗଭୀର । ବିଶ୍ୱ କଲ୍ୟାଣ ଲାଗି ଜଗନ୍ନାଥ ଦାରୁବ୍ରହ୍ମ ରୂପରେ ଶ୍ରୀମନ୍ଦିରରେ ପତିତପାବନ ଧାମରେ ଶ୍ରୀଜଗନ୍ନାଥଙ୍କର ନାମରେ ଅବତାରଣ କରିଛନ୍ତି । ଉତ୍କଳ ରେ ପୁରୀ ରେ ଅବସ୍ଥିତ ଜଗନ୍ନାଥ ଧାମରେ ଶ୍ରୀ ଜଗନ୍ନାଥ ତାଙ୍କର ବଡ଼ଭାଇ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କର ଦର୍ଶନ ମାତ୍ରକେ ଜୀବନ ପୁଣ୍ୟମୟ ଏବଂ ପବିତ୍ରତାରେ ପରିପୂର୍ଣ ହୋଇ ସାର୍ଥକ ହୋଇଥାଏ । ଏହି ପାବନ କ୍ଷେତ୍ର ଶ୍ରୀକ୍ଷେତ୍ର, ପତିତପାବନ ଧାମ ଜଗନ୍ନାଥ ଧାମ ଈଶ୍ୱରଙ୍କର ଆମ ଉତ୍କଳ ବାସୀ ତଥା ସମଗ୍ର ବିଶ୍ୱ ବାସୀଙ୍କ ପାଇଁ ଏକ ସ୍ୱର୍ଗୀୟ ଉପହାର । ଏହି ଉତ୍କଳୀୟ ପରମ୍ପରା ଏବଂ ଜଗନ୍ନାଥ ସଂସ୍କୃତି ଆମର ସ୍ୱାଭିମାନ ଏବଂ ଗୌରବର ପ୍ରତୀକ ।

# ବିକଶିତ ରାଜ୍ୟ ପରିକଳ୍ପନାକୁ ସାକାର କରିବା ପାଇଁ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଜରୁରୀ



ସିତାଂଶୁ ଶେଖର ମିଶ୍ର

ଶିକ୍ଷା ଓ ସମାନତା ଯେଉଁଠି ରହିଛି । ସେଠାରେ ସମାଜର ଉନ୍ନତି ଦେଖିବାକୁ ମିଳିଥାଏ । କାହିଁକିନା ଏକ ଉନ୍ନତ ବିକଶିତ ସମାଜ ଗଠନର ଏହା ହେଉଛି ଦୁଇଟି ପ୍ରମୁଖ ଅଙ୍ଗ । ଉତ୍ତମ ଶିକ୍ଷାପ୍ରାପ୍ତ ବିନା ଉତ୍ତମ ସମାଜ ଗଠନର ପରିକଳ୍ପନା ଅବାସ୍ତବ ଅଟେ । ସମସ୍ତେ ଉପଯୁକ୍ତ ଶିକ୍ଷା ଲାଭ କରିବା ଫଳରେ ସମସ୍ତ ବିଷୟର ତର୍ଜମା ସହ ଭଲ ଓ ମନ୍ଦ ବିଚାର କରିବାର ସାମର୍ଥ୍ୟ ହାସଲ କରିଥାନ୍ତି । ଏହାଦ୍ୱାରା ଏକ ସୁନ୍ଦର ଜୀବନ ଅତିବାହିତ କରିବାକୁ ପ୍ରେରଣା ମିଳିଥାଏ । ଦ୍ୱିତୀୟରେ ସମାନତା ଜୀବନ ଜିଉଁ ଥିବା ସମାଜର ଏକ ବିକଶିତ ସମାଜ ଭାବରେ ଦେଖିବାକୁ ମିଳିଥାଏ । ସମାଜର ସବୁ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ସମାନ ଅଧିକାର ସମାନ ସୁଯୋଗ ସୃଷ୍ଟି କରିବାକୁ ହେବ ।

ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗଙ୍କ ମଧ୍ୟରେ ସମାନତା ଯେଉଁଠାରେ ଦେଖିବାକୁ ମିଳେ । ସେହି ସମାଜ ସେତିକି ବିକଶିତ ସମୃଦ୍ଧଶୀଳ ସମାଜ ଭାବେ ପରିଗଣିତ ହୁଏ । ଆମେ ଏକ ବିକଶିତ ରାଜ୍ୟ,ରାଷ୍ଟ୍ର ନିମନ୍ତେ ସ୍ୱପ୍ନକୁ ସାକାର କରିବା ପାଇଁ ଅନ୍ତତଃ ପକ୍ଷେ ସରକାରୀ ସ୍ତରର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଦିଗରେ ଅଗ୍ରସର ହେବାକୁ ହେବ । ବିଶେଷ କରି ପ୍ରାଥମିକ ଓ ମାଧ୍ୟମିକ ସ୍ତରର ସରକାରୀ ଶିକ୍ଷା ବ୍ୟବସ୍ଥାକୁ ବ୍ୟବସ୍ଥିତ ଢଙ୍ଗରେ ସଞ୍ଚାଳନ ସହ ଏହାର ସାମଗ୍ରିକ ଭିତ୍ତିଭୂମିକୁ ଜୋର ଦେବା ବାଞ୍ଛନିୟ ଅଟେ । ଏହା ସହ ସମସ୍ତ ଜିଲ୍ଲା ସ୍ତରରେ ଉଚ୍ଚ ଶିକ୍ଷା ପ୍ରାପ୍ତ ନିମନ୍ତେ ସାଧନ ଉପରେ ଗୁରୁତ୍ୱାରୋପ କରିବାକୁ ହେବ ।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ଅନେକ ଗୁଡ଼ିଏ ଜିଲ୍ଲାରେ ସରକାରୀ ମହାବିଦ୍ୟାଳୟ ନଥିବା ସୂଚନା ରହିଛି । ଯାହାକି ଏକ ବିକଶିତ ସମାଜ ଗଠନର ପରିପନ୍ଥୀ ଅଟେ । ଏପରିକି ଗଣତନ୍ତ୍ର ଶାସନ ହେଉଛି ଲୋକଙ୍କ ଶାସନ; କିନ୍ତୁ ଶାସକ ରାଜତନ୍ତ୍ର ଭଳିଆ ନିଷ୍ପତ୍ତି ଯୋଗୁଁ ଶିକ୍ଷା କ୍ଷେତ୍ରରେ ଆଜି ଅନେକ ଗୁଡ଼ିଏ ଜିଲ୍ଲାର ଦଶନ୍ଧି ଦଶନ୍ଧି ପାର କରି ସାରିଥିବା ମହାବିଦ୍ୟାଳୟ ଗୁଡ଼ିକ ସରକାରୀ ମାନ୍ୟତା ପାଇନାହାନ୍ତି । ବର୍ତ୍ତମାନ ସରକାର ଏ ଦିଗରେ ସକରାତ୍ମକ ଚିନ୍ତନ ସ୍ୱରୂପ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଠିକ୍ ହେବ । ତାହାହେଲେ ଏକ ଉତ୍ତମ ଓ ବିକଶିତ ସମାଜ, ରାଜ୍ୟର ସ୍ୱପ୍ନ ସାକାର ହୋଇପାରିବ ବୋଲି ଆଶା କରିବା । କାରଣ ଆମେ ବିଶ୍ୱରେ ଯେତିକି ବିକଶିତ ରାଷ୍ଟ୍ର ଗୁଡ଼ିକୁ ଦେଖୁଛେ ତାଙ୍କର ଏହି ବଳିଷ୍ଠ ଛବି ପଛର କାହାଣୀ ହେଉଛି ତାଙ୍କର ଉତ୍ତମ ସରକାରୀ ଶିକ୍ଷା ବ୍ୟବସ୍ଥା ।

ସୋନପୁର, ଶାନ୍ତି ନଗର
ଦୂରଭାଷ : ୮୧୪୪୮ ୭୦୭୨୯

# ପାଲା ଓଡିଶାର ସାଂସ୍କୃତିକ ଐତିହର ଏକ ଅବିଚ୍ଛେଦ୍ୟ ଅଙ୍ଗ !



ଅସିତ ମହାନ୍ତି

*(ପୂର୍ବପ୍ରକାଶ ଉତ୍ତାରୁ)*

ସହରୀକରଣ ଏବଂ ଆଧୁନିକୀକରଣ - ସମାଜ ଅଧିକ ସହରୀକରଣ ଏବଂ ଆଧୁନିକୀକରଣ ହେବା ସହିତ ଜୀବନଶୈଳୀ ଏବଂ ମନୋରଞ୍ଜନ ପସନ୍ଦରେ ପରିବର୍ତ୍ତନ ଆସିଛି । ପାଲା ପରି ପାରମ୍ପାରିକ ରୂପ ଯୁବ ପିଢ଼ିକୁ କମ୍ ଆକର୍ଷଣୀୟ ଲାଗିପାରେ, ଯେଉଁମାନେ ସିନେମା, ଟେଲିଭିଜନ ଏବଂ ଡିଜିଟାଲ୍ ମିଡିଆ ପରି ଆଧୁନିକ ମନୋରଞ୍ଜନ ବିକଳ୍ପ ପ୍ରତି ଅଧିକ ଆଗ୍ରହୀ । ଆର୍ଥିକ ଆହ୍ୱାନ - ପାରମ୍ପରିକ କଳାକାରମାନେ ପ୍ରାୟତଃ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି, କାରଣ ଏହି କଳା ରୂପଗୁଡ଼ିକ ଏକ ସ୍ଥିର କିମ୍ବା ଲାଭଜନକ ଆୟ ପ୍ରଦାନ କରିନପାରେ । ଏହା ଯୁବ ପିଢ଼ିକୁ ଆର୍ଥିକ ଦୃଷ୍ଟିରୁ ଅଧିକ ସୁରକ୍ଷିତ କ୍ୟାରିୟର୍ ପଥ ବାଛିବା ପାଇଁ ପ୍ରେରିତ କରିପାରେ, ଫଳସ୍ୱରୂପ ପରମ୍ପରାକୁ ଆଗକୁ ବଢାଇବା ପାଇଁ କମ୍ ଅଭ୍ୟାସକାରୀ ହୋଇପାରନ୍ତି । ସଂସ୍ଥାଗତ ସହାୟତାର ଅଭାବ - ପାରମ୍ପରିକ କଳାର ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ପର୍ଯ୍ୟାପ୍ତ ସଂସ୍ଥାଗତ ସହାୟତା ନଥାଇପାରେ । ଏଥିରେ ପାଣ୍ଠିର ଅଭାବ, ପ୍ରଦର୍ଶନ ପାଇଁ ଅପର୍ଯ୍ୟାପ୍ତ ପ୍ଲାଟଫର୍ମ ଏବଂ ନୂତନ କଳାକାରଙ୍କ ଡକିଉମେଣ୍ଟେସନ୍ ଏବଂ ତାଲିମରେ ସୀମିତ ପ୍ରୟାସ ଅନ୍ତର୍ଭୁକ୍ତ । ସାଂସ୍କୃତିକ ସମରୂପୀକରଣ - ବୈଶ୍ୱିକ ସଂସ୍କୃତିର ପ୍ରଭାବ ସାଂସ୍କୃତିକ ଅଭ୍ୟାସର ସମରୂପୀକରଣକୁ ନେଇପାରେ, ଯେଉଁଠାରେ ଅନ୍ୟାନ୍ୟ ସ୍ଥାନୀୟ ପରମ୍ପରା ଅଧିକ ବ୍ୟାପକ ସାଂସ୍କୃତିକ ଘଟଣା ଦ୍ୱାରା ଛାୟାବୃତ ହୁଏ । ଏହାର ପରିଣାମ ସ୍ୱରୂପ ପାରମ୍ପରିକ କଳାର କ୍ରମବର୍ଦ୍ଧିଷ୍ଣୁ ଅବକ୍ଷୟ ହୋଇପାରେ । ସାମାଜିକ ଗତିବିଧିରେ ପରିବର୍ତ୍ତନ- ସାମାଜିକ ଢାଞ୍ଚା ଏବଂ ମୂଲ୍ୟବୋଧରେ ପରିବର୍ତ୍ତନ ମଧ୍ୟ ପାରମ୍ପରିକ ରୂପର ପ୍ରାସଙ୍ଗିକତା ଏବଂ ଅଭ୍ୟାସକୁ ପ୍ରଭାବିତ କରିପାରେ । ଉଦାହରଣ ସ୍ୱରୂପ, ଏକଦା ପାଲା ଭଳି ପ୍ରଦର୍ଶନକୁ ସୁଗମ କରୁଥିବା ସାମ୍ପ୍ରଦାୟିକ ସମାବେଶ ସମସାମୟିକ ସମାଜରେ କମ୍ ସାଧାରଣ ହୋଇପାରେ । ତଥାପି, ସାଂସ୍କୃତିକ ଉତ୍ସବ, ଏକାଡେମିକ୍ ଅନୁସନ୍ଧାନ ଏବଂ ସରକାରୀ ପଦକ୍ଷେପ ମାଧ୍ୟମରେ ଏହି ପରମ୍ପରାଗୁଡ଼ିକର ସଂରକ୍ଷଣ ପାଇଁ ପ୍ରୟାସ କରାଯାଉଛି । ଉଦାହରଣ ସ୍ୱରୂପ, ସଂଗଠନ ଏବଂ ସାଂସ୍କୃତିକ ଉତ୍ସାହୀମାନେ ପାରମ୍ପାରିକ ଅଭ୍ୟାସକୁ ଡକିଉମେଣ୍ଟ ଏବଂ ପୁନର୍ଜୀବିତ କରିବାକୁ କାର୍ଯ୍ୟ କରୁଛନ୍ତି, ଏବଂ ସେମାନଙ୍କୁ ଶିକ୍ଷାଗତ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ପଦକ୍ଷେପ ନିଆଯାଇଛି । ଏହି ମୂଲ୍ୟବାନ ପରମ୍ପରାଗୁଡ଼ିକର ବିକାଶ ସୁନିଶ୍ଚିତ କରିବା ପାଇଁ ଆଧୁନିକତାକୁ ଗ୍ରହଣ କରିବା ଏବଂ ସାଂସ୍କୃତିକ ଐତିହର ସଂରକ୍ଷଣ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଜରୁରୀ । ଓଡ଼ିଶାରେ ପାଲାର ବର୍ତ୍ତମାନର ସ୍ଥିତି ହେଉଛି ସଂରକ୍ଷଣ ପ୍ରୟାସ ଏବଂ ଆହ୍ୱାନର ମିଶ୍ରଣ । ପାଲା ଓଡ଼ିଶାର ସାଂସ୍କୃତିକ ଐତିହର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଥିବାବେଳେ, ଏହା ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି ଯାହା ଏହାର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି ।

ପ୍ରତ୍ୟାଖ୍ୟାନ ଅଭ୍ୟାସକାରୀ - ଅତୀତ ତୁଳନାରେ ଆଜି ପାଲ ଅଭ୍ୟାସକାରୀମାନେ କମ୍ ଅଛନ୍ତି । ସରକାରୀ ରେକର୍ଡ ଅନୁଯାୟୀ, ରାଜ୍ୟରେ ପ୍ରାୟ ୯୦,୦୦୦ ପଞ୍ଜୀକୃତ ପାଲା କଳାକାର ଅଛନ୍ତି, କିନ୍ତୁ ସକ୍ରିୟ କଳାକାରଙ୍କ ସଂଖ୍ୟା ବହୁତ କମ୍ । ଆଧୁନିକ ମନୋରଞ୍ଜନ- ଟେଲିଭିଜନ, ସିନେମା ଏବଂ ଡିଜିଟାଲ ମିଡିଆ ଭଳି ଆଧୁନିକ ମନୋରଞ୍ଜନ ବିକଳ୍ପଗୁଡ଼ିକର ବୃଦ୍ଧି ଫଳରେ ପାଲା ଭଳି ପାରମ୍ପରିକ କଳା ପ୍ରତି ଦର୍ଶକଙ୍କ ଆଗ୍ରହ ହ୍ରାସ ପାଇଛି । ଆର୍ଥିକ ଆହ୍ୱାନ- ଅନେକ ପାଲ କଳାକାର ଆର୍ଥିକ ସ୍ଥିରତା ସହିତ ସଂଘର୍ଷ କରନ୍ତି, କାରଣ କଳାର ରୂପ ସର୍ବଦା ଏକ ସ୍ଥିର ଆୟ ପ୍ରଦାନ କରେ ନାହିଁ । ଏହି ଆର୍ଥିକ ଚାପ ପ୍ରାୟତଃ ଯୁବ ପିଢ଼ିକୁ ପାଲାକୁ କ୍ୟାରିୟର ଭାବରେ ଅନୁସରଣ କରିବାକୁ ନିରୁତ୍ସାହିତ କରେ । ସାଂସ୍କୃତିକ ସଂରକ୍ଷଣ ପ୍ରୟାସ- ଏହି ଆହ୍ୱାନଗୁଡ଼ିକ ସତ୍ତ୍ୱେ ପାଲାର ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି । ସାଂସ୍କୃତିକ ଉତ୍ସବ, ଏକାଡେମିକ୍ ଅନୁସନ୍ଧାନ, ଏବଂ ସରକାରୀ ପଦକ୍ଷେପଗୁଡିକ ପାରମ୍ପାରିକ ଅଭ୍ୟାସକୁ ଡକ୍ୟୁମେଣ୍ଟ ଏବଂ ପୁନର୍ଜୀବିତ କରିବାକୁ ଲକ୍ଷ ରଖିଛି । କେତେକ ସଙ୍ଗଠନ ପାଲାକୁ ଶିକ୍ଷା ପାଠ୍ୟକ୍ରମରେ ସାମିଲ କରିବା ଏବଂ ପ୍ରଦର୍ଶନ ପାଇଁ ମଞ୍ଚ ପ୍ରଦାନ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ଗୋଷ୍ଠୀ ସମର୍ଥନ - ଗୋଷ୍ଠୀ ସମାବେଶ ଏବଂ ସ୍ଥାନୀୟ ପର୍ବପର୍ବାଣୀ ଏପର୍ଯ୍ୟନ୍ତ ପାଲା ପ୍ରଦର୍ଶନ ପାଇଁ ସୁଯୋଗ ପ୍ରଦାନ କରେ, ପରମ୍ପରାକୁ ଜୀବନ୍ତ ରଖିବାରେ ସାହାଯ୍ୟ କରେ । ଏହି କାର୍ଯ୍ୟକ୍ରମଗୁଡ଼ିକ ସାଂସ୍କୃତିକ ପରିଚୟ ଏବଂ ଗୋଷ୍ଠୀଗତ ଯୋଗଦାନର ଭାବନାକୁ ପ୍ରୋତ୍ସାହିତ କରିଥାଏ । ପାଲା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହେଉଥିବାବେଳେ, ସାଂସ୍କୃତିକ ଉତ୍ସାହୀଙ୍କ ସମର୍ପଣ ଏବଂ ସମ୍ପ୍ରଦାୟର ସମର୍ଥନ ଏହାର ସଂରକ୍ଷଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହି ସଂସ୍କୃତୀଟିକୁ ଜୀବିତ ରଖିବାକୁ ହେଲେ ସରକାରଙ୍କୁ ଉପଯୁକ୍ତ ପଦକ୍ଷେପ ନେବାକୁ ହେବ ଯେଉଁଥିରେ ଆର୍ଥିକ ପକ୍ଷଟିକୁ ଧ୍ୟାନ ଦେବାକୁ ହେବ ଯାହା ସରକାରଙ୍କ ହାତରେ ରହିଛି । ଏହା ସତ୍ୟ ଯେ , ପରିବର୍ତ୍ତିତ ପରିସ୍ଥିତିରେ ପୁରାତନର ସ୍ଥାନ ନୂତନ ଜିନିଷ ଗୁଡିକ ନିଏ ଏବଂ ଏହା ସ୍ୱାଭାବିକ । କିନ୍ତୁ ପୁରାତନର ନିଅଁ ଉପରେ ଧୀରେ ଧୀରେ କିପରି ଆବଶ୍ୟକ ଅନୁଯାୟୀ ପରିବର୍ତ୍ତନ ହୋଇଛି, ସେହି ପରିବର୍ତ୍ତନର ଧାରାକୁ ଭୁଲିଗଲେ ଚଳିବ ନାହିଁ । ବାସ୍ତବରେ ପରିବର୍ତ୍ତନର ଧାରାବାହିକତାକୁ ନବୁଝିଲେ ମନୁଷ୍ୟ ସମାଜ ଆଗକୁ ବଢ଼ିପାରିବ ନାହିଁ ।

ସୁଜନପୁର, ଯାଜପୁର
ଦୂରଭାଷ : ୯୪୩୭୨୮୮୦୨୮

## ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭



ଧାରାବାହିକ ଉପନ୍ୟାସ

# ମହାନାୟକ

## କ୍ଷୀରୋଦ ଦାସ

**ସମକାଳୀନ ଓଡ଼ିଆ କଥା ସାହିତ୍ୟର ଏକ ଦମ୍‌ଦାର ସ୍ୱର କ୍ଷୀରୋଦ ଦାସ। କେତେବେଳେ ସୁଦୂର ଅତୀତର ଅଭୁଲା ସ୍ମୃତି ତ କେତେବେଳେ ଆମ ସମୟର ଯନ୍ତ୍ରଣା, ଜଞ୍ଜାଳ, ସଂପର୍କ ଓ ସଂଘାତିକୁ ନିଜ କାହାଣୀ ତଥା ଉପନ୍ୟାସରେ ବିଶ୍ୱସ୍ତ ଭାବେ ପରଷି ଦେବାରେ ସେ ସିଦ୍ଧହସ୍ତ। ତାଙ୍କ କାହାଣୀ ଭିତରେ କେଉଁ କଳ୍ପଲୋକର ରୂପକଥା ନଥାଏ, ଥାଏ ଆମ ଆଖପାଖର ଚିତ୍ର, ଥାଆନ୍ତି ଆମ ଆଖପାଖର ମଣିଷମାନେ। ଓଡ଼ିଆ ଘରର ରୀତିନୀତି, ହାନିଲାଭ, ପ୍ରେମ ପ୍ରଣୟ, ସୁଖଦୁଃଖକୁ ବେଶ୍ ରୁଚିପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କରିବାରେ ସେ ଅନେକ ସଫଳତାର ଅଧିକାରୀ।**

ଭାଗ-୧୪

*(ପୂର୍ବପ୍ରକାଶ ଉତ୍ତାରୁ*

ତାଙ୍କର ମୁହଁର ଭାବଭଙ୍ଗୀ ଦେଖି କଣ୍ଡକ୍ଟର ଅପ୍ରତିଭ ହୋଇଯାଇ କହିଲା – "ଖରାପ ଭାବିଲେ କି ଆଜ୍ଞା! "ରଙ୍ଗ ମହଲ" ଯାତ୍ରା ପାର୍ଟିରେ ଆପଣଙ୍କୁ ହୀରୋରୋଲ୍ କରୁଥିବାର ଅନେକବାର ଦେଖିଛି ମୁଁ। ମୁଁ ଆଜ୍ଞା ଭାରି ଯାତ୍ରାପ୍ରିୟ। ଆପଣ ମୋର ପ୍ରିୟ ଯାତ୍ରା କଳାକାର। ଆପଣଙ୍କ ପାର୍ଟି ଯେଉଁଠି ପଡିଥାଉନା କାହିଁକି, ମୁଁ ସେ ସୁଯୋଗ ହାତଛଡା କରେନି। ସେଇଥିପାଇଁ ଆପଣଙ୍କୁ ମହାରାଜ ବୋଲି ଡାକିଦେଲି। ଯଦି ଆପଣଙ୍କର ମନକଷ୍ଟ ହୋଇଥାଏ, ତେବେ ମୋତେ କ୍ଷମା କରିବେ...

କ୍ଷମା! ସେଇଟା କ'ଣ ଏତେ ଶସ୍ତା, ଯାହାକୁ ପାରେ ତାକୁ ଅକାତରେ ବାଣ୍ଟି ଦିଆଯାଇପାରେ! ପରପୁରୁଷ ସହିତ ଅନ୍ତରଙ୍ଗ ହେଉଥିବା ନାରୀକୁ ବି କ'ଣ କ୍ଷମା କରିଦିଆଯାଏ।

କିଛି ନକହି ଚୁପ୍‌ଚାପ୍ ଘନଦାଦା ଓହ୍ଲାଇ ପଡିଲେ ବସ୍‌ରୁ।

ବାଦାମବାଡି ବସ୍‌ଷ୍ଟାଣ୍ଡରେ ସକାଳ ଆଠଟା ବେଳର ଭିଡ ପତଳା ଥିଲା। ଅଟୋ ଗୋଟାଏ ଧରି ସେ ଯାଇ ପହଞ୍ଚିଗଲେ ମେସ୍‌ରେ।

ସକାଳୁ ସକାଳୁ ଘନଦାଦାଙ୍କୁ ଦେଖି ମେସ୍‌ରେ ତାଜୁବ ହୋଇଗଲେ ସମସ୍ତେ। ଚାରିଦିନ ପାଇଁ ଯାଇଥିଲେ, ରାତାରାତି ଫେରିଆସିଲେ! ଏ ଘଟଣାର କିଛି ଟେର୍ ପାଇଲେନି କେହି। ତାଙ୍କ ଥମ୍‌ଥମ୍ ମୁହଁକୁ ଦେଖି କେହି କିଛି ପଚାରିବାକୁ ସାହସ କଲେନି ସିନା, ହେଲେ ସମସ୍ତେ ଆଶଙ୍କା କଲେ ଯେ କିଛି ଗୋଟାଏ ଘଟିଛି ନିଶ୍ଚେ।

ଖବରପାଇ ଚାଉଳିଆଗଞ୍ଜରେ ରହୁଥିବା ମାଲିକ ଗଦାବାବୁ ଆସି ପହଞ୍ଚିଲେ। ଘନଦାଦାଙ୍କ ମୁହଁକୁ ଚାହିଁ ଆତଙ୍କିତ ହୋଇ ପଡିଲେ ସେ। ଅନ୍ୟମାନଙ୍କୁ ବାହାରକୁ ପଠାଇ ଦେଇ ସେ ବସିଲେ ଘନଦାଦାଙ୍କ ପାଖରେ ଏବଂ ପଚାରିଲେ –

: ଘରେ ଖବର ସବୁ ଭଲ ତ ଘନ!

ଘନଦଦା ନିରୁତ୍ତର।

: କେଉଁଠି କିଛି ଅସୁବିଧା ହୋଇନି ତ!

ଘନଦାଦା ପୂର୍ବପରି ନିରବ।

ଗଦାବାବୁ ଜାଣିଗଲେ କଞ୍ଚା ଦୁଃଖଟାଏ ଭୋଗୁଛି ତାଙ୍କ ଯାତ୍ରାପାର୍ଟିର ମୁଖ୍ୟ କଳାକାର। ତାଙ୍କ ଦୁଃଖରେ ହସ୍ତକ୍ଷେପ ନକରି ସେ ଧୀରେ ଉଠିଗଲେ ବାହାରକୁ ଏବଂ ମ୍ୟାନେଜର ହୋତା ବାବୁଙ୍କୁ ଡାକି କହିଲେ – "ଘନ ଉପରେ ଟିକେ ନଜର ରଖିଥିବ। ତା' ସାଙ୍ଗରେ କେହି ଲାଗିବନି।"

ମଙ୍ଗରାଜପୁର ଦୁର୍ଗାମଣ୍ଡପ ପଡିଆରେ ଚାରିରାତି ଯାତ୍ରା। 'ରଙ୍ଗ ମହଲ' କରିବ ଦୁଇ ରାତି। 'ଜିକ୍-ଜ୍ୟାକ୍' ପାର୍ଟି ଦୁଇରାତି। ଦଶହରା ଆଉ ମାତ୍ର ଏକୋଇଶ ଦିନ ରହିଲା। ଆରମ୍ଭ ହୋଯାଇଥିଲା 'ରଙ୍ଗ ମହଲ' ପାର୍ଟିର ଜୋର୍‌ସୋର ରିହରସାଲ। ମା' ମୃତ୍ୟୁ ଜନିତ ଦୁଃଖରୁ ମୁକୁଳି ନାଇଁ, ଗଦାବାବୁଙ୍କ ଫୋନ୍ କଲ ପାଇଁ ପାର୍ଟିର ମୁଖ୍ୟ ନାୟିକା ମେଘନା ଆସି ପହଞ୍ଚିଗଲା।

ସମସ୍ତଙ୍କ ମନରେ ଆଶଙ୍କା, ଏତେ କମ୍ ଦିନ ଭିତରେ ନୂଆବହି କେମିତି ମୁଖସ୍ତ କରାଯାଇ ପାରିବ।



: ଆରେ ତମେମାନେ ନଈ ନଦେଖୁଣୁ ପୋଷାକ କାଇଁକି ଓହ୍ଲାଇଉ? କଳାକାରମାନଙ୍କ ମନବଳ ବଢ଼ାଇବାକୁ ଗଦାବାବୁ କହିଲେ – 'ଘନ ଅଛି ମାନେ କାହାର କିଛି ଚିନ୍ତା କରିବାର ନାହିଁ। ସେ ଏକା ମାଧିଆ ବାଇଶି ପଳ। ତା' ନିର୍ଦ୍ଦେଶନାରେ ଯେଉଁ ଯେଉଁ ପେଣ୍ଡାଲରେ 'ରଙ୍ଗ-ମହଲ' ଠିଆ ହୋଇଛି, କୋଉଠି ହାରିଛି? ତମମାନଙ୍କ ଦାୟିତ୍ୱ ହେଲା ସଂଳାପ କେବଳ ଘୋଷି ପକା। ତା'ପରେ ଘନ ଉପରେ ଛାଡି ଦିଅ ସବୁ ଦାୟିତ୍ୱ।"

କିନ୍ତୁ ଲାଗଲାଗ ଚାରିଦିନ ଧରି ରିହରସାଲ୍ ଘରକୁ ଆସିଲେ ନାହିଁ ଘନଦାଦା। ତାଙ୍କ ନିଜ ବଖରାରୁ ମଧ ସେ ବାହାରୁ ନଥିଲେ ବାହାରକୁ। ଅପେରାର ହୀରୋ ତଥା ନିର୍ଦ୍ଦେଶକ ଯଦି ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ମୁହଁଛପା ଦେଇ ଘରକୋଣରେ ବସିବ, ତେବେ ଅନ୍ୟମାନଙ୍କ ମନବଳ ଯେ କେତେ ତଳିତଳାନ୍ତ ହେବ, ସେକଥା ଅନୁଭବ କରି ସେଦିନ ସଂଜବେଳେ ଗଦାବାବୁ ଯାଇ ପହଞ୍ଚିଲେ ଘନଦାଦାଙ୍କ କୋଠରୀରେ।

: ବାପ ଘନ, ଗାଁ'ରୁ ଆସିଲା ଦିନଠାରୁ ଆଜି ପର୍ଯ୍ୟନ୍ତ ତୋ'ର ହାବଭାବ, ଚାଲିଚଳନ ଦେଖି ମତେ ବଡ ତାଜୁବ ଲାଗୁଛି। ଅନ୍ୟମାନେ ସାହସ କରି ତୋ ପାଖ ମାଡୁ ନାହାନ୍ତି। ମୁଣ୍ଡ ଉପରେ ଯାତ୍ରା। ପୁଣି ଦଶରା ବଜାର। ତୋ ମନରେ କ'ଣ ଅଛି କହ...

ହାତରେ ଧରିଥିବା ସିଗାରେଟ୍‌ର ଶେଷାଂଶକୁ ବାହାରକୁ ଫିଙ୍ଗିଦେଇ ଘନଦାଦା ମ୍ଳାନ କଣ୍ଠରେ କହିଲେ : ଆପଣ ବେଫିକର ରୁହନ୍ତୁ। 'ରଙ୍ଗ-ମହଲ'ର ସମ୍ମାନକୁ ଭୂଲୁଣ୍ଠିତ ହେବାକୁ ଦିଆଯିବନି। ଠିକଣା ସମୟରେ ସବୁ ଠିକ୍ ହୋଇଯିବ।"

: ସିଏ ଯାତ୍ରା ଡାଇଲଗ୍‌ଗୁଡା ମୋ ଆଗରେ ମାରନା। ଦି'ଦିଟା ନୂଆ ବହି। ତାହା ପୁଣି ବିଶିଷ୍ଟ ନାଟ୍ୟକାର ଯୋଗ୍ୟଧର ସାମଲଙ୍କ ଲେଖା। ରିହରସାଲ ଏଯାଏ ଆରମ୍ଭ ହୋଇନି କହିଲେ ଚଳେ। ସେଥିରେ ତୁ ମୋତେ ଭୂଆଁ ବୁଲାଉଛୁ ଯେ ସବୁ ଠିକ୍ ହୋଇଯିବ! କେମିତି ଠିକ୍ ହେଇଯିବ? ଶୁଣ୍, ମୋ ନାକ ନିଶ ଯେମିତି ତଳେ ନପଡେ, ସେଇ ଦାୟିତ୍ୱ ଯଦି ନେବାର କଥା ନେ, ନଚେତ୍ ଯାତ୍ରା ପାର୍ଟି ଭାଙ୍ଗିଦେଇ ମୋର ମୁଁ ପଳେଇବି ଗାଁ'କୁ। ତମେ ସବୁ ଏଇଠି ବସି ବା...କୁ ବନ୍ଧୁକ ମାରୁଥା...।"

କେବେ ରାଗୁନଥିବା ଗଦାବାବୁଙ୍କ ସ୍ୱର ଭାରି ଶାଣିତ ଶୁଭୁଥିଲା। ସରି ନଥିଲା ତାଙ୍କ କଥା–

"ଏଇଠୁ ଉଠି ଏବେ ମୋ ସାଙ୍ଗରେ ଚାଲେ ଆଖଡା ଘରକୁ। ସେଠି ସମସ୍ତେ ତୋତେ ଅପେକ୍ଷା କରିଛନ୍ତି। ମେଘନା, ମାଳିନୀ, ଟୀନା, ରେଣୁ, ସୌଦାମିନୀ, ମଞ୍ଜୁ, ବଟ, ରାଖାଲ, ଚଇଁ, ପଦନି, ଚକରା, ହାଡିଆ ହେରିକା ସମସ୍ତେ ଆସି ସାରିଲେଣି।

ଯେମିତି ସମଗ୍ର ଶରୀରରେ ଅସମ୍ଭବ ପୀଡା, ପାଦେ ଚାଲିବାକୁ ବି ଦେହରେ ଧାପେ ବଳ ନାଇଁ, ସେହିପରି ବାଧବାଧକତାରେ ଉଠିଲେ ଘନଦାଦା।

*(କ୍ରମଶଃ)*





## ଦୌଡୁ ଦୌଡୁ

### ଗଜାନନ ମିଶ୍ର

ଆସିଲା ସେ ନାଗ,
କହିଲା, କଣ ଖାଇଛୁ?
ବେହି ପୋ, ଲାଜ
ନାଇଁ ମୁହଁରେ ଯାହା!

ସୁଝାଇଥାନ୍ତି ରାଗ
କାହା ଆଗରେ ଆଉ?
ବୁଦ୍ଧିବଣା ଏତେବେଳକୁ।

ବାଡି ଦୁଆରୁ ଫେରି
ଦେଖେଁ ତ କେଉଁଆଡେ
ହେଲାଣି ଫେରା।

ଦେଖୁ ଦେଖୁ ପୁଣି
ଖସିଲା ଆକାଶରୁ
ମୋ ଘର ଉପରେ।

ଆକ୍ତାମାକ୍ତା ମୁଁ,
ପାରୁ ନି ଜାଣି ପହଂଚିଲିଣି
କୋଉଠି ଦୌଡୁ ଦୌଡୁ।

*ତପୋବନ, ଟିଟିଲାଗଡ, ବଲାଙ୍ଗିର*



## ଅଧା ଲେଖା କବିତା

### କବିତା ମହାନ୍ତି

କେତେବେଳେ କବିତାର ଶୀର୍ଷକଟି ଥାଏ
ଆଉ କେବେ ପ୍ରଥମ ପଦ ଲେଖୁ ଲେଖୁ
କାମବାଲୀ ମାଉସୀର ଡାକ
'ମା ଯାଉଛି, ଆସିବିନି କାଲି ସକାଳୁ'
ପୁଣି ରୋଷେଇୟା ର ତାଗିଦ୍
'ଅଟା ସରିଛି, ଘିଅ ନାହିଁ
ଆଗରୁ କହି ରଖୁଛି
ଛୁଟିରେ ଚାରିଦିନ ଯିବି'
ନିଜକୁ ସମ୍ଭାଳି ନେଇ ପୁଣି କଲମ ଧରିଲେ
କବିତା କି ଆଉ ଲେଖି ହୁଏ!
ସକାଳ ସମୟ ସୁନ୍ଦର୍
ସୁଚିନ୍ତନର, ସୃଜନର, ସାହିତ୍ୟର
ସେଥିପାଇଁ ତ ବାଲକୋନୀରେ ଗଛ ଗୁଡ଼ିକୁ ଚାହିଁ
ଟିକେ ଆକାଶକୁ, ଆଉ କୁନି ଚଢ଼େଇକୁ ଦେଖି
ବସିଯାଏ କାଗଜ କଲମ ଧରି
ଅଧା ଲେଖା କବିତା ଶେଷ କରିବା ଆଶାରେ
କବିତାର ପଦ ଭାବୁ ଭାବୁ
ସ୍ୱାମୀଙ୍କର ଫରମାଇସ ଆସେ
ଆଉ ଗୋଟେ ଚା କପ୍ ପାଇଁ
ବାସ୍ , ସେଇଠି ସେମିତି ରହି ଯାଆନ୍ତି
ଅଧା ଲେଖା କବିତା ସବୁ
କଅଁଳିଆ ସକାଳ ସରିଯାଏ
ଆଉ ମୁଁ ହଜିଯାଏ
ତେଲ ଲୁଣ ସଂସାର ଭିତରେ
ଏ ଆଡ଼େ ସେ ଆଡେ
ଇତସ୍ତତଃ କାଗଜ ଖଣ୍ଡ ମାନ
ହସୁଥାନ୍ତି ଦାନ୍ତ ନିକୁଟି ମୋ ଆଡେ

ସ୍ୱପ୍ନ ଅଧା ରହିଗଲା ପରି
କବିତା ବି ଅଧା ଲେଖା ହୋଇ ରହେ
ଦିନ ଦିନ, ମାସ ମାସ, ବର୍ଷ ବର୍ଷ
କାହିଁକି ନା ସେ ତାର ଭାଗ୍ୟ ନେଇ ଆସିଥାଏ

*ଶୈଳ ନିବାସ, ବମିଖାଲ ,*
*ଭୁବନେଶ୍ୱର*
*ଦୂରଭାଷ : ୯୯୩୭୭୩୪୮୨୫୦*



## ବର୍ଣ୍ଣବୋଧ

### ସୁଧୀର ମେହେର

ରାତିଟିଏ ପାହିଗଲା ପରେ
ନୂଆଁ ଆଶା, ନୂଆଁ ସମ୍ଭାବନା ନେଇ
ପୁଣି ଗୋଟେ ସକାଳ ଆସେ,
ନିଜକୁ ସଜିଲ୍ କରିନେବାକୁ ହୁଏ-ପୁଣି ଗୋଟେ
ପେଟ ପାଟଣାର ମହାଭାରତ ଯୁଦ୍ଧ ପାଇଁ।

ଭଙ୍ଗା,ଦଦରା ସାଇକେଲ୍ ରେ
ବେଝାଏ ସ୍ୱପ୍ନ ଲଦେ,
ମନରେ ଅସୁମାରୀ ସ୍ୱପ୍ନ ନେଇ
ସାଇକେଲ୍ ଛୁଟାଏ,
ବାଟ ସାରା ଈଶ୍ୱରଙ୍କୁ ନେହୁରା ହୁଏ – ଆଜି ତ
ଦୟାକର ପ୍ରଭୁ!
ବାଳୁତ ଝିଅର ଫ୍ରକ୍ ଠାଏ ଠାଏ ଚିରି ହେଲାଣି
ମାଇପିର ଶାଢି ସାତସିଁଆ,
ପଇସା ହେଲେ-ଝିଅ ପାଇଁ ନୂଆ ଜାମାଟିଏ,
ସିଲଟ ଖଣ୍ଡେ,ଛବି ବହିଟିଏ ଆଣିବି
ଘରେ ଚାଉଳ ମୁଠେ ବି ନାହିଁ
ଚାଉଳ କିଛି ନେବି,
ଧିକ୍କାରି ହୁଏ ନିଜ ଅପାରଗତାକୁ
ବହେ ଗାଳି ଦିଏ ବି ଈଶ୍ୱରଙ୍କୁ,
ଅଭିଯୋଗ କରେ-କାହାକୁ ରାଜଭୋଗ ଦେଉଚୁ ତ
ମୁଠାଏ ପେଜ ଯୁଟୁନି ଆଉ କାହା ଭାଗ୍ୟରେ!
ତୁ କେମିତିକା ଠାକୁର ଯେ!
ଦିନ ତମାମ୍
ଅଖିଆ,ଅପିଆ ଦଶଖଣ୍ଡ ଗାଁ ବୁଲେ,
ସଞ୍ଜହେଲେ ସାଇକେଲ୍ ବୁଲାଏ
ଝିଅର ଫଟା ଫ୍ରକ୍ ଆଖିକୁ ଝଳଝଳ ଦିଶେ
ଗଛ ତଳେ ଠିଆ ହୋଇ ହିସାବ ଯୋଡେ...
ଆଖିରୁ ଥପ୍ ଥପ୍ ଲୁହ ଝରିପଡେ
ନା,ଆଜି ବି ହେବନି ପରା!

ତଥାପି ଦମ୍ଭ ହାରେନି,
ଝିଅ ପାଇଁ ଚକଲେଟ୍ କେଇଟା ଗଣ୍ଠେଇ
ଘରକୁ ଫେରେ,
ଆସନ୍ତା କାଲିକୁ ଭରସା ବାନ୍ଧେ।

ଏମିତି ହିଁ ରାତି ପାହି
ସକାଳ ଆସୁଥାଏ,
କେବେ ମେଣ୍ଟେନା ମନର ଅରମାନ୍
ସରେନା ଯାହା ଜୀବନ ଯାତନା,
ପେଟପାଟଣାର ବର୍ଣ୍ଣବୋଧ ଅହରହ
ଘୋଷା ଚାଲିଥାଏ।

*ଚିଟୈଗୁଡା, ଜୁନାଗଡ,*
*କଳାହାଣ୍ଡି,ପିନ୍-୭୬୬୦୧୪*
*ଦୂରଭାଷ : ୯୫୮୩୫୮୮୮୮୭*



## ସର୍କସ

### ଦେବୀ ପ୍ରସାଦ ନାୟକ

ଚାଲ ସର୍କସ ଦେଖିବା
ପ୍ରଥମେ ଦେଖିବା ଖେଳ
ପେଟ ଚାଖଣ୍ଡକ ପାଇଁ
ସକାଳୁ ରାତିଯାଏଁ
ଚାଲିଛି ଖେଳ
ହସ କାନ୍ଦ, ଦୁଃଖ ସୁଖର।

ଏବେ ଦେଖିବା
ଆସୁଛନ୍ତି କଳା ଧଳା ଧୋତି ପିନ୍ଧା
ହାତୀମାନେ
ଯେଉଁମାନେ
ନିରୀହ, ଅସହାୟମନଙ୍କୁ
ପାଦରେ ଦଳି
ଆଜି ସମାଜରେ ସବୁଠାରୁ ବଡ।

ଦେଖିବା ତ ଏବେ ଆସିବେ ବାଘ
ସବୁଠୁ ବଳବାନ୍
କ୍ଷମତାର ଶାଣିତ ପଞ୍ଜାରେ
ଅନ୍ୟକୁ ରକ୍ତାକ୍ତ କରିଦେଉଥିବା,
ବଳ, କଳ, ପ୍ରତିପତି ରେ ବିଭୂଷିତ
କ୍ଷଣିକ ଭିତରେ ସମାଜକୁ
ଧ୍ୱଂସ କରିଦେଉଥିବା
ମହାବଳ ବାଘ।

ତା ପଛକୁ ଆସିବେ ଘୋଡ଼ାମାନେ
ଦ୍ରୁତ ବେଗରେ ଦୌଡ଼ି ଦୌଡ଼ି
ସମାଜର ବାଘ ମାନଙ୍କୁ
ଅନ୍ୱେଷଣ କରି
କୃତିମ ଅଭିନୟ ମାଧ୍ୟମରେ
ପୁଞ୍ଜିପତି ମାନଙ୍କ ଛତ୍ର ଧରି
ଆଗକୁ ପଥ ଦେଖାଉଥିବା ଘୋଡା।

ଏବେ ଆସୁଛନ୍ତି କୁକୁର ମାନେ
ଛୋଟ ଠାରୁ ବଡ଼ ମାନଙ୍କଠାରୁ
ଛାଟ ଖାଇଖାଇ ନୟାନ୍ତ ଏମାନେ
ପର ହାତକୁ ଚାହିଁଚାହିଁ
ପର ଛାଟ ସହି ନପାରି
ପର ଅଗଣାରେ ସେ
ଏବେ ତ ଲୁହା ଶିକୁଳିରେ ବନ୍ଧା।

ସବା ଶେଷରେ ଆସୁଛନ୍ତି
ଜୋକର୍ ମାନେ ନିଜ ଓଠ ତଳର
ହସକୁ ଚାପି ରଖି
ହସି ହସି ଦେଦମ୍ କରି ପକାଇଥିବା
ଏମାନେ ଦୁଃଖ ଯନ୍ତ୍ରଣାକୁ
ବେଖାତିର କରି ଆସିଛନ୍ତି
ସୁଖ ଓ ଆନନ୍ଦର
ମଞ୍ଜି ମୁଠାଏ ବୁଣିବାକୁ।

ଏମିତି ଚାଲିଛି
ଦୁଇ ଟଙ୍କା, ଦୁଇ ମୁଠା ଚାଉଳ
ଦୁଇ ଡେସିମିଲି ଡିହ ପାଇଁ
ସବୁଦିନ ଏଠି
ଗୋଟେ ଗୋଟେ
ସର୍କସ ।।

*କାମାକ୍ଷାନଗର, ଢେଙ୍କାନାଳ*

## ଯୁଦ୍ଧ

### ପ୍ରିୟଦର୍ଶିନୀ ଦାସ



ସାରାରାତି ସେ ଅନିଦ୍ରା। ଆନନ୍ଦଙ୍କ ଚିନ୍ତା ତାକୁ ଶୁଆଇ ଦିଏନି ଆଜିକାଲି। ବୋଧହୁଏ ଏ ପୃଥିବୀରେ ଯେତିକି ଯୁଦ୍ଧ ହୋଇଛି ତା' ଠାରୁ ଅଧିକ ଆନନ୍ଦ ଓ ଅନୁଭାଙ୍କ ମଧ୍ୟରେ ହୋଇଛି। ଏଇ ଝଗଡ଼ା ଏତେ ପରିମାଣରେ ହେଲାଣି ଯେ ଅନୁଭା ଏବେ ଛାଡ଼ପତ୍ର କଥା ଉଠାଇଲାଣି। ଅନୁଭା କେତେ କ'ଣ କହି ଥାକିଯାଏ। ତା' ଆଖିର ଲୁହ ପୋଛିବାକୁ ପରିବାର ଖୁବ୍ ଦୂରରେ। ଆନନ୍ଦ ସବୁଥର ନୀରବ। ଏଇ ଆନନ୍ଦ ତା' ପ୍ରେମିକ! ଦିନେ ଆନନ୍ଦଙ୍କ ସବୁ ସମୟ କେବଳ ତା'ର ଥିଲା। ଏବେ କାଁ ଭାଁ ଆସନ୍ତି କ୍ୱାର୍ଟରକୁ, ଯଦି କିଛିଦିନ ରହିଲେ ତ ଯୁଦ୍ଧଟିଏ ହେବା ସାର।

ଏମିତି ଏକ ଗୋଧୂଳିବେଳାରେ ଟିୟୁସନ୍ ଯିବା ସମୟରେ ସେ ଭେଟିଥିଲା ଆନନ୍ଦଙ୍କୁ। ପ୍ରଥମ ଦେଖାରୁ ପ୍ରେମ! ଯେବେ ଆନନ୍ଦ ଜଣାଇଥିଲେ 'ଭାରତ ମା'ର ସେବା ପାଇଁ ମୋର ଜନ୍ମ। ଭାରତୀୟ ସେନାରେ ଯୋଗ ଦେବାପାଇଁ ଏବେ ପ୍ରସ୍ତୁତ ହେଉଛି। ମୋ ଦେଶ ପାଇଁ ଏ ଜୀବନ ଉତ୍ସର୍ଗିକୃତ। ଜାଣ ଯେଉଁଦିନ ମୁଁ ଶହୀଦ ହୋଇଯିବି; ସେଇଦିନ ମୋ ଜୀବନ ଧନ୍ୟ । ଏମିତିକା ଭାଗ୍ୟ କେତେଜଣଙ୍କୁ ମିଳେ!' ରାଗିଯାଇଥିଲା ଅନୁଭା। ତା'ର ଏମିତି ରୂପ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଆନନ୍ଦ।

– 'ତୁମେ ତ ସବୁ ଝିଅଙ୍କ ବ୍ୟତିକ୍ରମ! ତୁମେ ଗର୍ବ କରିବାର କଥା। ଏତେ ରଗିଯାଉଛ କାହିଁ?'

– 'ରାଗିବିନି! ରାତିସାରା ଅନିଦ୍ରା ହୋଇ ତୁମେ ସୀମାରେ ଶତ୍ରୁଙ୍କୁ ଜଗିଥିବ; ମୁଁ ଏଠାରେ ଶାନ୍ତିରେ ଶୋଇଥିବି ? ତୁମର କିଛି ହୋଇଗଲେ ମୁଁ....' କଣ୍ଠ ବାଷ୍ପରୁଦ୍ଧ ହୋଇ ଆସୁଥିଲା ଅନୁଭାର। 'ହୁଣ୍ଡି ଟେ' କହି ମୁଣ୍ଡ ଆଉଁସି ଦେଇଥିଲେ ଆନନ୍ଦ।

ସୈନିକ ଜ୍ୱାଇଁଟିଏ ପାଇଁ ସମସ୍ତେ ଖୁସିଥିଲେ। ବାହାଘର ପରେ ଆନନ୍ଦଙ୍କ ସହ ସୁଦୂର ଜାମ୍ମୁ କାଶ୍ମୀର ଚାଲିଯାଇଥିଲା ଅନୁଭା। ସେଇଦିନଠାରୁ ଅନୁଭା ଛାତି ଭିତରେ ଗୋଟେ ଅଜଣା ଭୟ ଖାଇ ଗୋଡ଼ାଏ । ନା ଦିନଟିଏ ଭଲରେ ଶୋଇଛି ନା ଖାଇଛି। ପାଦେ ପାଦେ ଭୟ। ସୈନିକ ପତ୍ନୀମାନେ ଏଇ ଅବସ୍ଥା ଦେଇ ହିଁ ଗତି କରନ୍ତି। ଅନୁଭା ବେଳେବେଳେ ଭାବେ 'ଏ ପୃଥିବୀରେ ଶତ୍ରୁ ବୋଲି କିଛି ନଥାନ୍ତା କି! ସେ ଲୋକମାନଙ୍କର ହେଉ ବା ଦେଶମାନଙ୍କର। କେତେ ଗୁଡିଏ ଅମୂଲ୍ୟ ଜୀବନ ବଞ୍ଚି ଯାଆନ୍ତା। ଆନନ୍ଦଙ୍କ ଭଳି ଅନ୍ୟମାନେ ମଧ ସୀମାରେ ଦିନରାତି କଷ୍ଟ ଭୋଗୁନଥାନ୍ତେ।'

ସେଦିନ ଆନନ୍ଦଙ୍କ ମୁଣ୍ଡ ଫାଟି ଧାରଧାର ରକ୍ତ ବୋହୁଛି ; ବୋଧହୁଏ ବରଫରେ ଅନିର୍ଦ୍ଦିଷ୍ଟ କାଳ ଛିଡା ହୋଇ ତାଙ୍କ ପାଦ ଦୁଇଟି ଫୁଲିଯାଇଛି। ତଥାପି ସେ ଛିଡ଼ା ହୋଇଛନ୍ତି ଏବଂ ହସୁଛନ୍ତି ? । ଯେମିତିକି କଷ୍ଟ ବୋଲି ଜିନିଷଟେ ଏ ଦୁନିଆରେ ନାହିଁ। ଆନନ୍ଦଙ୍କ ବନ୍ଧୁ କହିଦେଇଗଲେ ' ରାତ୍ର ଭୋଜନ ସମୟରେ କିଛି ସନ୍ଦେହ ହେବାରୁ ଆନନ୍ଦ ଦୌଡ଼ି ଯାଇଥିଲା ବରଫାବୃତ ପାହାଡ ଉପରକୁ। ସେଇଠୁ ଗୋଡ ଖସିଯାଇ ସେ ପଡିଯାଇଥିଲା ଗୋଟେ ଗାତରେ। ଦୀର୍ଘ ୪ ଘଣ୍ଟା ପରେ ତାକୁ ଉଦ୍ଧାର କରାଯାଇଛି।' ଆନନ୍ଦଙ୍କ କ୍ଷତବିକ୍ଷତ ଶରୀର ଦେଖି ଅନୁଭା ବେହୋସ୍ ହୋଇଯାଇଥିଲା । ଆନନ୍ଦଙ୍କ ଉପରେ ସେ ଏତେ ରାଗି ଯାଇଥିଲା ଯେ ଅନେକ କଥା ଶୁଣାଇ ଦେଇଥିଲା। 'ସେତିକିରେ ଥାଉ ତୁମର ଏ ଦେଶସେବା। ଦୁନିଆରେ କଣ ଚାକିରୀର ଅଭାବ ଅଛି ଯେ ତୁମେ କରିପାରିବନି । ଶୀଘ୍ର ଏ ସ୍ଥାନ ଛାଡି ଚାଲ ଓଡ଼ିଶା। ତୁମର ଏମିତି ଅବସ୍ଥା ମୁଁ ପୁନର୍ବାର ଦେଖିବାକୁ ଚାହେଁନା।' ପ୍ରତ୍ୟୁତ୍ତରରେ ସେ ପାଇଥିଲା ଗୋଟେ ଚାପୁଡ଼ା।

'ଦେଖ ଅନୁଭା ଏଇ ଦେଶରେ ମୋର ଜନ୍ମ। ମୋର ଭାଗ୍ୟ! ପୁଣ୍ୟଭୂମି ଭାରତର ସୁରକ୍ଷା କରିବାର ଦାୟିତ୍ୱ ମୋତେ ମିଳିଛି। ହୁଏତ ତୁମେ ଜାଣନା ମୋରି ଆଖି ସାମ୍ନାରେ ଶତ୍ରୁ ଗୁଳିରେ ଟଳି ପଡ଼ିଛି ସାଙ୍ଗ। 'ଯାହାକିଛି ହୋଇଯାଉ ସାଙ୍ଗ ଶେଷ ନିଃଶ୍ୱାସ ଯିବା ଯାଏଁ ତୁ ଏଇ ଶତ୍ରୁ ମାନଙ୍କ କବଳରୁ ମୋ ଭାରତ ମା କୁ ସୁରକ୍ଷିତ ରଖିଥିବୁ' ଏଇ ଶେଷ ବାକ୍ୟଟି କହି ସେ ମୋରି କୋଳରେ ଆଖି ବୁଜିଛି । ସୈନିକମାନେ ଯଦି ନଥାନ୍ତେ ତ ଶତ୍ରୁମାନେ ଏ ଦେଶକୁ କେବେଠୁ ଛାରଖାର କରିସାରନ୍ତେଣି। ଏମିତି ବି ହୋଇପାରେ ଦିନେ ଶତ୍ରୁ ତୁମ ଆଖି ଆଗରେ ଛିଡା ହୋଇଥିବ। ଏତେ ସ୍ୱାର୍ଥପର ହୁଅନି ଅନୁଭା। ମୁଁ କିଏ! ମୋରି ପରି କେତେ ମଣିଷ ଏ ଦେଶ ପାଇଁ ଜୀବନ ଦେଇସାରିଛନ୍ତି। ଏଇ ଟିକେ କ୍ଷତ ବିକ୍ଷତ ଶରୀର ଦେଖି ନିଜ ଦେଶକୁ ନେଇ ଏମିତି କୁହନା। ମୁଁ ଜାଣେ ତୁମେ ମୋତେ ଭଲପାଅ; ମୋର ଏ ଅବସ୍ଥା ଦେଖି ତୁମେ ଖୁବ୍ ରଗିଯାଅ। କିନ୍ତୁ ଗର୍ବ କର ଅନୁଭା ଗର୍ବ କର ଏଇ ଦେଶରେ ତୁମ ଜନ୍ମ ଏବଂ ଏଇ ଦେଶର ସେବା ପାଇଁ ତୁମ ସ୍ୱାମୀ ନିୟୋଜିତ। ମୋର ମୃତ୍ୟୁକୁ ଯେତେ ଭୟ ନାହିଁ ମୋ ଦେଶ ଖଣ୍ଡବିଖଣ୍ଡିତ ହୋଇଯିବାର ଭୟ ଖୁବ୍ ବେଶୀ। ମୁଁ ଚାହେଁ ଏଇ ଦେଶର ସେବା କରୁ କରୁ ହିଁ ମୋର ପ୍ରାଣ ଚାଲିଯାଉ।'

ଚୁପ୍ ହୋଇ ଯାଇଥିଲା ଅନୁଭା। ଆନନ୍ଦଙ୍କ ଦେଶପ୍ରୀତି ନିକଟରେ ସେ ହାରି ଯାଇଥିଲା। ସ୍ୱାଭାବିକ ଭାବେ ତା' ପାଟିରୁ ବାହାରି ଆସିଲା 'ହେ ଈଶ୍ୱର! ମୋ ପାଇଁ ନହେଲେ ପଛେ ଏଇ ଆନନ୍ଦଙ୍କ ଭଳି ମଣିଷମାନେ ଭାରତ ମା' କୋଳରେ ଜନ୍ମ ନେଉଥାନ୍ତୁ ପ୍ରତିଥର।' ମୋ ସୁନାଟା କହି ଆନନ୍ଦ ପୋଛି ଦେଇଥିଲେ ଅନୁଭା ଆଖିର ଲୁହ। ଗୋଟେ ଯୁଦ୍ଧର ଅନ୍ତ ଘଟିଥିଲା ସେଇଠି।

**କଟକ**





# ‘ଶିଶୁ ଶ୍ରମ ମୁକ୍ତ ଓଡ଼ିଶା ଆମର ସଂକଳ୍ପ’



**ନବରଙ୍ଗପୁର :** ଶିଶୁ ଶ୍ରମିକ ମାନଙ୍କୁ ଯେକୌଣସି କାର୍ଯ୍ୟ ବା ବୃତ୍ତିରେ ଓ କିଶୋର ଶ୍ରମିକ ମାନଙ୍କୁ ବିପଦସଂକୁଳ କାର୍ଯ୍ୟରେ ନିୟୋଜନ କରିବା ନିରାକରଣ ସମ୍ପର୍କରେ ଏକ ସଚେତନତା ସଭା ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନଙ୍କ ସଭାପତିତ୍ୱରେ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁ ଶ୍ରମିକ ମାନଙ୍କୁ ଯେପରି କାର୍ଯ୍ୟରେ ନିୟୋଜିତ କରା ନ ଯିବ, ସେଥିନିମନ୍ତେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ, ଉଦ୍ଧାର କାର୍ଯ୍ୟ, ଉଦ୍ଧାର ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ, ସାକ୍ଷ୍ୟ ସଂଗ୍ରହ, ଉଦ୍ଧାର ହୋଇଥିବା ଶିଶୁ ଓ କିଶୋର ଶ୍ରମିକ ମାନଙ୍କୁ ଥଇଥାନ ତଥା ଦକ୍ଷତା ବିକାଶ ଓ ସ୍କୁଲ ଛାଡ଼ିଥିବା ଶିଶୁ/କିଶୋର ମାନଙ୍କୁ ପୁନର୍ବାର ସ୍କୁଲକୁ ଫେରାଇ ଅଣାଯିବ, ତା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜନ ସଚେତନତା ପାଇଁ ପ୍ରତି ଗ୍ରାମପଞ୍ଚାୟତ, ବ୍ଲକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ସହରର ମୁଖ୍ୟ ଜାଗା ମାନଙ୍କରେ ୱାଲ ପେଣ୍ଟିଂ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ବିଡିଓ ମାନଙ୍କୁ ଏହି ଶିଶୁ ଶ୍ରମିକ ନିରାକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୂକ୍ତ କରିବାପାଇଁ କହିଥିଲେ। ଉକ୍ତ ସଚେତନତା ସଭାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଟକୃଷ୍ଣ ମିଶ୍ର,ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ, ଅତିରିକ୍ତ ଶ୍ରମ ଅଧିକାରୀ ସଂଗ୍ରାମ ଭୁଆଁ, ଶିଶୁ ମଙ୍ଗଳ କମିଟିର ଅଧକ୍ଷା ଅଜନ୍ତା ଶୁଭଦର୍ଶୀନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଶିଶୁ ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦ୍ରୌପଦୀ କଂହର, ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ସିଡିପିଓ,ଏନ୍ ଜି ଓ କର୍ମକର୍ତ୍ତା,ଶ୍ରମିକ ଟ୍ରେଡ ୟୁନିଅନ କର୍ମକର୍ତ୍ତା ଯୋଗ ଦେଇଥିଲେ। ପ୍ରାୟତ ଶିଶୁ ଶ୍ରମିକ ବୃଦ୍ଧିର କାରଣ ଦାରିଦ୍ର୍ୟ, ପରିବାରର ସ୍ୱଳ୍ପ ଆୟ, ଉପଯୁକ୍ତ ଶିକ୍ଷାର ଅଭାବ, ବହୁ ସନ୍ତାନ, ପିଲାର ପାଠ ପ୍ରତି ଅନାଗ୍ରହ ଯୋଗୁଁ ହୋଇଥାଏ। ଜିଲ୍ଲା ଶ୍ରମ ଅଧିକାରୀ ଙ୍କ ସୁଚନା ଅନୁସାରେ ଗତ ବର୍ଷ ଜିଲ୍ଲାରେ ୭ ଜଣ ଶିଶୁ ଶ୍ରମିକ ଙ୍କୁ ଉଦ୍ଧାର କରାଯାଇଛି ଏବଂ ଚଳିତ ବର୍ଷ ଜୁଲାଇ ୧ ତାରିଖରୁ ବିଭିନ୍ନ ସମ୍ଭାବ୍ୟ ସ୍ଥାନରେ ଚଢ଼ାଉ କରାଯିବ। ବିଭିନ୍ନ ଗ୍ୟାରେଜ, ହୋଟେଲ, ଟା ଷ୍ଟଲ, ବ୍ୟବସାୟିକ ସ୍ଥାନରେ ଯଦି କୌଣସି ଶିଶୁ ଶ୍ରମିକ କାର୍ଯ୍ୟ କରୁଥିବା ଦେଖାଯାଏ, ତେବେ ଅବିଳମ୍ବେ ଜିଲ୍ଲା ଶ୍ରମ ଅଧିକାରୀ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲ୍ଲାପାଳଙ୍କୁ ଅବଗତ କରାନ୍ତୁ। ଏତଦ୍ ବ୍ୟତୀତ ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପଲାଇନ ନମ୍ବର ୧୫୫୩୬୮ ଏବଂ ଚାଇଲ୍ଡ ଲାଇନ ନମ୍ବର ୧୦୯୮କୁ ଯୋଗାଯୋଗ କରନ୍ତୁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ହେବ ...

ବିଜୟର ବିଷୟ ନୁହେଁ ବରଂ କୋଟି କୋଟି ଭକ୍ତଙ୍କ ଆସ୍ଥାକୁ ସ୍ୱୀକାର କରିବାର ଏକ ସମ୍ମାନଜନକ କାର୍ଯ୍ୟ ବୋଲି ସେ ସ୍ପଷ୍ଟ କରିଥିଲେ। ଶ୍ରୀ ମୋଦୀ ଆହୁରି କହିଥିଲେ ଯେ, କାନାଡାରେ ଜି-୭ ଶିଖର ସମ୍ମିଳନୀ ସମାପ୍ତ ହେବା ପରେ ଆମେରିକା ରାଷ୍ଟ୍ରପତିଙ୍କ ଆମେରିକା ଗସ୍ତ ନିମନ୍ତ୍ରଣକୁ ସେ ବିନମ୍ରତାର ସହିତ ଅସ୍ୱୀକାର କରିଥିଲେ, କାରଣ ସେ ଭଗବାନ ଶ୍ରୀଜଗନ୍ନାଥଙ୍କ ପବିତ୍ର ମାଟିକୁ ଆସିବା ଲାଗି ଯୋଜନା କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଅନେକ ଦଶନ୍ଧି ଧରି ଓଡ଼ିଶା ମଧ୍ୟ ଅନେକ ଆହ୍ୱାନକୁ ନେଇ ସଂଘର୍ଷ କରିଆସୁଥିଲା। ଗରିବ କିମ୍ବା ଚାଷୀମାନେ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ପାଇନଥିଲେ। ଦୁର୍ନୀତି ଏବଂ ଲାଲଫିତା ରାଜ୍ ପ୍ରାଧାନ୍ୟ ବିସ୍ତାର କରିଥିଲା। ରାଜ୍ୟସାରା ଭିତ୍ତିଭୂମି ଏକ ଭୟଙ୍କର ସ୍ଥିତିରେ ଥିଲା। ବିକାଶ ପ୍ରକ୍ରିୟାରେ ଓଡ଼ିଶାର ଅନେକ ଅଞ୍ଚଳ କ୍ରମଶଃ ପଛରେ ପଡ଼ିଯାଉଥିଲା। ଏପରି ଆହ୍ୱାନପୂର୍ଣ୍ଣ ସ୍ଥିତି ଓଡ଼ିଶାର ଦୁର୍ଭାଗ୍ୟଜନକ ବାସ୍ତବତା ପାଲଟିଥିଲା। ଗତ ଏକ ବର୍ଷ ଧରି ସେମାନଙ୍କ ସରକାର ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ପୂର୍ଣ୍ଣ ସଂକଳ୍ପ ସହିତ କାର୍ଯ୍ୟ କରିଛି ବୋଲି ସେ ଦୃଢ଼ତାର ସହିତ କହିଥିଲେ।

### ୧୬ ବିଲିୟନ ...

ଏହା ପୂର୍ବରୁ ଏକ ରହସ୍ୟମୟ ଡାଟାବେସ୍‌ରେ ୧୮୪ ନିୟୁତ ରେକର୍ଡ ଅସୁରକ୍ଷିତ ଭାବେ ଏକ ୱେବ୍ ସର୍ଭରରେ ରହିଥିବା ରିପୋର୍ଟ ସାମ୍ନାକୁ ଆସିଥିଲା। ନିକଟରେ ଗବେଷଣାରୁ ଜଣାପଡ଼ିଛି ଯେ ଏହା କେବଳ ଏକ ଆରମ୍ଭ ଥିଲା। ଗବେଷକମାନେ ୩୦ଟି ଡାଟାସେଟ୍ ଆବିଷ୍କାର କରିଛନ୍ତି, ଯେଉଁଥିରେ ପ୍ରତ୍ୟେକରେ ୩.୫ ବିଲିୟନ ରେକର୍ଡ ରହିଛି। ଏହି ତଥ୍ୟରେ ସୋସିଆଲ ମିଡିଆ, ଭିପିଏନ୍ ଲଗଇନ୍ ଏବଂ କର୍ପୋରେଟ୍ ଓ ଡେଭେଲପର ପ୍ଲାଟଫର୍ମ ସମ୍ବନ୍ଧୀୟ ସୂଚନା ଅନ୍ତର୍ଭୁକ୍ତ। ଏହି ଡାଟାସେଟ୍ ଗୁଡ଼ିକ ୨୦୨୫ ଆରମ୍ଭରୁ ମିଳିଛି। ଗବେଷକମାନେ କହିଛନ୍ତି, ଏହା କେବଳ ଏକ ଲିକ୍ ନୁହେଁ, ଏହା ଏକ ବଡ଼ ଧରଣର ଶୋଷଣର ନୀଳନକ୍ସା। ଏଗୁଡ଼ିକ ପୁରୁଣା ଲିକ୍ ନୁହେଁ, ବରଂ ନୂଆ ସାଇବର ଲିକ୍। ଏହି ତଥ୍ୟ ଲିକ୍ ଫିସିଂ ଅଭିଯାନ, ଆକାଉଣ୍ଟ ହସ୍ତାନ୍ତର ଏବଂ ବ୍ୟବସାୟୀକ ଇମେଲ୍ ଆର୍ଟାକ (ବିଇସି) ପାଇଁ ବ୍ୟବହୃତ ହୋଇପାରେ। ଏହି ଡାଟା ଲିକ୍ କାରଣରୁ ଗୁଗଲ୍ ତା’ର ଜିମେଲ ବ୍ୟବହାରକାରୀମାନଙ୍କୁ ପାସୱାର୍ଡ ଓ ଦ୍ୱିସ୍ତରୀୟ ପ୍ରାମାଣିକରଣ (୨ଏଫଏ) ପରି ପୁରୁଣା ଲଗଇନ୍ ପଦ୍ଧତି ବଦଳାଇବାକୁ ଓ ସୋସିଆଲ ଲଗଇନ୍‌କୁ ଅପଣାଇବାକୁ ପରାମର୍ଶ ଦେଇଛି। ଗୁଗଲ୍ କହିଛି, ଆପଣଙ୍କ ଆକାଉଣ୍ଟକୁ ସ୍ୱୟଂଚାଳିତ ଭାବେ ସୁରକ୍ଷିତ କରୁଥିବା ଉପକରଣ ବ୍ୟବହାର କରନ୍ତୁ ଯାହା ଆପଣଙ୍କୁ ସ୍କାମ୍ରୁ ରକ୍ଷା କରିବ। ପାସକି ହେଉଛି ଏକ ଲଗଇନ୍ ପଦ୍ଧତି ଯାହା ପାସୱାର୍ଡକୁ ବାୟୋମେଟ୍ରିକ୍ ପ୍ରାମାଣିକରଣ ଦ୍ୱାରା ବଦଳାଇଥାଏ, ଯେପରିକି ସ୍ମାର୍ଟଫୋନ୍‌ରେ ଫିଙ୍ଗରପ୍ରିଣ୍ଟ, ମୁହଁ ସ୍କାନ୍ କିମ୍ବା ପାଟର୍ନ ଲକ୍। ଏସବୁକୁ ପରିବର୍ତ୍ତନ କରିପାକୁ ପରାମର୍ଶ ଦେଇଛି ଗୁଗୁଲ। ଗୁଗଲ୍ ଏହାକୁ “ଫିସିଂ ପ୍ରତିରୋଧୀ” ବୋଲି ବିବେଚନା କରୁଛି।

### ‘ଧାମ’ ପରେ ...

ସଂକୀର୍ତ୍ତନ କରି ଦୀଘା ମନ୍ଦିରକୁ ପ୍ରବେଶ କରିଥିଲେ କିଛି ମହିଳା। ସେହି ମହିଳାଙ୍କ କାନ୍ଧରେ ରହିଥିଲା କ୍ଷୀରରୁ ପ୍ରସ୍ତୁତ ଖୁଆ ପ୍ୟାକେଟ୍। ହଳଦିଆ କପଡ଼ା ଘୋଡ଼ାଯାଇଥିବା ଜରି ପ୍ୟାକେଟ୍ ଭର୍ତ୍ତି ପ୍ରାୟ ୩୦୦ କିଲୋଗ୍ରାମ ଖୁଆ ଦୀଘା ମନ୍ଦିରକୁ ଅଣାଯିବା ପରେ ଏଠାରେ ପ୍ରସାଦ ଭାବେ ଲାଗି କରାଯାଇଥିଲା। ପରେ ଏହାକୁ ୨୩ଟି ଜିଲ୍ଲାକୁ ଜିଲ୍ଲାପାଳଙ୍କ ଜରିଆରେ ପଠାଯାଇଛି। ସେଠୁ ୩୪୧ ବ୍ଲକକୁ ବିଡିଓଙ୍କୁ ମାଧ୍ୟମରେ ବାଣ୍ଟିବାର ବ୍ୟବସ୍ଥା କରିଛନ୍ତି ମମତା ସରକାର। ଏ ଖୁଆ ସହ ସ୍ଥାନୀୟ ଅଞ୍ଚଳରୁ ଖୁଆ ସଂଗ୍ରହ କରି, ସେଥିରୁ ପେଡ଼ା ଓ ଗଜା ପ୍ରସ୍ତୁତ ପରେ ଏହାକୁ କାଗଜ ପ୍ୟାକେଟରେ ପୁରାଇ ଘର ଘର ବଣ୍ଟାଯାଉଛି। ଦୁଆରେ ରାସନ୍ ଅଭିଯାନ ନାଁରେ ରାସନ୍ ଡିଲରଙ୍କ ଜରିଆରେ ଗତ ୧୭ରୁ ଆରମ୍ଭ ହୋଇଥିବା ଏ ବଣ୍ଟା ଅଭିଯାନ ଜୁନ୍ ୨୭ ରଥଯାତ୍ରା ଦିନ ଶେଷ ହେବ। ପଶ୍ଚିମବଙ୍ଗର ପ୍ରତି ଘରେ ଯେମିତି ଏ ପ୍ରସାଦ ପହଞ୍ଚିବ, ସେଥିପାଇଁ ସରକାରୀ ଭାବେ ଜିଲ୍ଲାପାଳ, ବିଡିଓ ଓ ରାସନ୍ ଡିଲରଙ୍କୁ ଏ ଦାୟିତ୍ୱ ଦିଆଯାଇଛ। ଏପଟେ ପେଡ଼ା ଓ ଗଜାକୁ କାଗଜ ପ୍ୟାକେଟରେ ଭରି, ଏହାକୁ ମହାପ୍ରସାଦ କହି ଘରେ ଘରେ ବାଣ୍ଟିବା ଘଟଣାକୁ ସହଜରେ ଗ୍ରହଣ କରି ପାରିନାହାନ୍ତି ପୁରୀ ଶ୍ରୀମନ୍ଦିର ସହ ଜଡ଼ିତ ବିଭିନ୍ନ ନିଯୋଗର ସେବାୟତ ତଥା ଜଗନ୍ନାଥ ସଂସ୍କୃତି ପ୍ରେମୀ। ଜଗନ୍ନାଥ ସଂସ୍କୃତିକୁ ଅପମାନ ହେବା ଭଳି ଏଭଳି କାର୍ଯ୍ୟ ନକରିବାକୁ ଅପିଲ୍ କରିବା ସହ ମମତାଙ୍କ ଏଭଳି ଉଦ୍ୟମକୁ ସବୁ ମହଲରେ ଘୋର ନିନ୍ଦା କରାଯାଇଛି। କୁହାଯାଉଛି, ଲଗାତର ତୃତୀୟ ଥର ପାଇଁ ପଶ୍ଚିମବଙ୍ଗରେ କ୍ଷମତାରେ ଥିବା ମମତାଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାର ବିରୋଧରେ ବଢିବାରେ ଲାଗିଛି ସରକାର ବିରୋଧୀ ହ୍ୱାୱା। ବିରୋଧୀ ବିଜେପି ବି ସକ୍ରିୟ ଭୂମିକା ନେଇ ମମତାଙ୍କୁ ଏଥର ଗାଦିରୁ ହଟାଇବାକୁ ପଣ କରିଛି। ପୂର୍ବରୁ ମମତା ହିନ୍ଦୁ ବିରୋଧୀ ବୋଲି ଅଭିଯୋଗ ହେବା ଏବଂ ତାଙ୍କ ଉପରେ ଏକାଧିକ ବାର ହିନ୍ଦୁ ବିରୋଧୀ ଟ୍ୟାଗ୍ ଲାଗିଥିବାରୁ ଏଭଳି ପ୍ରସାଦ ଯୋଜନା କରି ମମତା ତାଙ୍କ ଭାବମୂର୍ତ୍ତି ବଦଳାଇବାକୁ ଉଦ୍ୟମ କରୁଥାଇପାରନ୍ତି ବୋଲି ମଧ୍ୟ ରାଜନୈତିକ ମହଲରେ ଚର୍ଚ୍ଚା।

### ବିଜେପି କରିଛି ...

ଯାହା ରାଜନୈତିକ ଦଳଙ୍କୁ ସାଧାରଣ ନିର୍ବାଚନର ୯୦ ଦିନ ମଧ୍ୟରେ ଓ ବିଧାନସଭା ନିର୍ବାଚନର ୭୫ ଦିନ ମଧ୍ୟରେ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରିବାକୁ ହୋଇଥାଏ। ତେବେ ଏହି ବିବରଣୀ ଦାଖଲ କରିବାରେ ରାଜନୈତିକ ଦଳମାନେ ବେଶ୍ ବିଳମ୍ବ କରିଥିବା ଏଡିଆର କହିଛନ୍ତି। ରିପୋର୍ଟ ଅନୁସାରେ ଆମ ଆଦମୀ ପାର୍ଟି (ଆପ)ର ବ୍ୟୟ ବିବରଣୀ ୧୬୮ ଦିନ ବିଳମ୍ବରେ ମିଳିଥିବା ବେଳେ ବିଜେପିର ବ୍ୟୟ ବିବରଣୀ ୧୩୯ ଦିନରୁ ୧୫୪ ଦିନ ବିଳମ୍ବରେ ମିଳିଥିଲା। ଏଡିଆର ଅନୁସାରେ କେବଳ କଂଗ୍ରେସ ନିର୍ଦ୍ଧାରିତ ସମୟ ମଧ୍ୟରେ ଲୋକସଭା ଓ ବିଧାନସଭା ନିର୍ବାଚନର ଏକ ସମନ୍ୱିତ ବ୍ୟୟ ରିପୋର୍ଟ ଦାଖଲ କରିଥିଲା। ବ୍ୟୟ ସୂଚୀରେ ନିର୍ବାଚନ ପ୍ରଚାର ଶୀର୍ଷ ସ୍ଥାନରେ ଥିବା ବେଳେ ଏଥି ପାଇଁ ପାର୍ଟିମାନେ ୨୦୦୮ କୋଟି ଟଙ୍କା ବ୍ୟୟ କରିଛନ୍ତି, ଯାହା ସେମାନଙ୍କ ମୋଟ ଘୋଷିତ ବ୍ୟୟର ୫୩%ରୁ ଅଧିକ ଥିଲା। ଏହା ପଛକୁ ଯାତ୍ରାବ୍ୟୟ ୭୯୫ କୋଟି ଟଙ୍କା ଦର୍ଶାଇଛନ୍ତି। ପ୍ରାର୍ଥୀମାନେ ଏକକାଳୀନ ପୈଠ ରୂପେ ୪୦୨କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ପାର୍ଟିମାନେ ଡିଜିଟାଲ ମାଧ୍ୟମରେ ନିର୍ବାଚନ ପ୍ରଚାର ନିମନ୍ତେ ୧୩୨ କୋଟି ଟଙ୍କା ବ୍ୟୟ କରିଛନ୍ତି। ୩୨ଟି ରାଜନୈତିକ ଦଳଙ୍କ ଦ୍ୱାରା ନିର୍ବାଚନ ପ୍ରଚାର ପାଇଁ କରାଯାଇଥିବା ମୋଟ ଖର୍ଚ୍ଚରୁ ଜାତୀୟ ଦଳଙ୍କ ଦ୍ୱାରା ୧୫୧୧.୩୦ କୋଟି ଅର୍ଥାତ ୭୫.୨୫ ପ୍ରତିଶତ ବ୍ୟୟ କରିଥିବା ବେଳେ ଆଞ୍ଚଳିକ ଦଳଙ୍କ ଦ୍ୱାରା ୪୯୬.୯୯ କୋଟି ଟଙ୍କା ଅର୍ଥାତ ୨୪.୭୫% ଖର୍ଚ୍ଚ କରାଯାଇଛି।

### ଏଣିକି ଅନ୍‌ଲାଇନ ...

ବିଭାଗୀୟ ସଚିବ ଏବଂ ଅଧିକାରୀ ସ୍ତରରେ ଅନୁଷ୍ଠିତ ପ୍ରଥମ ବୈଠକରେ ଏହାର ରୂପରେଖକୁ ନେଇ ଆଲୋଚନା ହୋଇଛି। ତେବେ ଜଣେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କୁ ଏଥିପାଇଁ କେତେ ଟଙ୍କା ପୈଠ କରିବାକୁ ପଡ଼ିବ, ତାହା ସ୍ଥିର କରିବେ ସରକାର। ଏହାଦ୍ୱାରା ଆମ୍ବୁଲାନ୍ସ କର୍ମଚାରୀ କିମ୍ବା ସଂସ୍ଥା ଆଦାୟ କରୁଥିବା ମନ ଇଚ୍ଛା ଭଡ଼ା ସହ ଦଲାଲଙ୍କ ଉପରେ ରୋକ୍ ଲଗାଯାଇପାରିବ ବୋଲି ପରିବହନ ମନ୍ତ୍ରୀ ଆଶା ରଖିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱରରେ ଏହା ପ୍ରଚଳିତ ହେବ। ଏଥିପାଇଁ ଭୁବନେଶ୍ୱରର ପଞ୍ଜିକୃତ ଆମ୍ବୁଲାନ୍ସ ସେବା ସଂଘ ସହ କଥାବାର୍ତ୍ତା ଚଳାଇଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ।ତେବେ ଆମ୍ବୁଲାନ୍ସ ସଂଘ କହିଛି, ଭଡ଼ା କେତେ ରହିବ ଏବଂ କେଉଁ ସମୟରେ ମିଳିବ, ତାହା ଏ ଯାଏଁ ଚୁଡ଼ାନ୍ତ ହୋଇନି। ତଥାପି ଏହି ପ୍ରସ୍ତାବିତ ଯୋଜନାକୁ ଆମ୍ବୁଲାନ୍ସ ସଂଘ ଓ ସାଧାରଣ ଜନତା ସ୍ୱାଗତ କରିଛନ୍ତି।

### ପ୍ରଭାବିତ ...

ସଂସଦରେ ସିଟ୍ ସଂଖ୍ୟାର ପୁନର୍ଗଠନ ଉପରେ ପ୍ରଭାବ ପକାଇବ। ୨୦୦୧ରେ ସୀମା ନିର୍ଦ୍ଧାରଣ ଉପରେ ରୋକ ଲାଗିଥିଲା, ଯାହାକି ୨୦୨୬ ପରେ ହଟିବ। ୨୦୨୭ ଜନଗଣନା ଆଧାରରେ ନୂଆ ସୀମା ସ୍ଥିର କରାଯିବ। ଏହାଦ୍ୱାରା ଲୋକସଭା ଓ ବିଧାନସଭା କ୍ଷେତ୍ରର ସଂଖ୍ୟା, କ୍ଷେତ୍ରଫଳ ଓ ପ୍ରତିନିଧିତ୍ୱରେ ବଡ଼ ପରିବର୍ତ୍ତନ ଆଣିପାରେ। ଦ୍ରୁତ ଭାବେ ଜନସଂଖ୍ୟା ବଢୁଥିବା ରାଜ୍ୟ ଯେପରିକି ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ ଆଦି ରାଜ୍ୟକୁ ଅଧିକ ଲୋକସଭା ଆସନ ମିଳିପାରେ। ୨୦୨୩ରେ ପାରିତ ନାରୀ ଶକ୍ତି ବନ୍ଦନ ଅଧିନିୟମ (ମହିଳା ସଂରକ୍ଷଣ ଆଇନ) ଅନୁସାରେ, ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ସିଟ୍ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ଏହି ସଂରକ୍ଷଣ ଜନଗଣନା ଓ ସୀମାନିର୍ଦ୍ଧାରଣ ପରେ ଲାଗୁ କରାଯିବ। ଅର୍ଥାତ ୨୦୨୭ର ଜନଗଣନା ପରେ ୨୦୨୮ରେ ସୀମାନିର୍ଦ୍ଧାରଣ କରାଯିବ। ତା’ପରେ ମହିଳା ସଂରକ୍ଷଣ ଲାଗୁ କରାଯିବ। ଏହି ବ୍ୟବସ୍ଥା ୨୦୨୯ ସାଧାରଣ ନିର୍ବାଚନରେ ଲାଗୁ ହୋଇପାରେ। ବର୍ତ୍ତମାନ ଲୋକସଭାର ସିଟ୍ ସଂଖ୍ୟା ୫୪୩ ରହିଥିବା ବେଳେ ତାହା ୧୯୭୧ର ଜନଗଣନା ଆଧାରରେ ସ୍ଥିରୀକୃତ ହୋଇଛି । ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି ପରେ ବି ସିଟ୍ ସଂଖ୍ୟା ସ୍ଥିର ରହିଛି। ଏହାଦ୍ୱାରା ପ୍ରତି ସାଂସଦ ଜନସଂଖ୍ୟା ଅନୁପାତ ଅସମାନ ହୋଇଯାଇଛି। ୨୦୨୭ ପରେ ସୀମାନିର୍ଦ୍ଧାରଣ ଆଧାରରେ ଏହି ସିଟ୍ ସଂଖ୍ୟା ୬୫୦ରୁ ଅଧିକ ହୋଇପାରେ। ବଡ଼ ରାଜ୍ୟକୁ ଅଧିକ ପ୍ରତିନିଧିତ୍ୱ ଓ ଛୋଟ ରାଜ୍ୟକୁ ସନ୍ତୁଳନ ବଜାୟ ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇପାରେ।

### ଦେଶରେ ...

ଭୁବନେଶ୍ୱର, ଫରିଦାବାଦ ଓ ଗୌହାଟୀରେ ଆଧୁନିକ ଟାଇମ୍ ଲ୍ୟାବ୍ ତିଆରି ହୋଇଛି। ଏଗୁଡ଼ିକୁ ପରମାଣୁ ଘଡ଼ି, ନେଟୱାର୍କ ଟାଇମ ପ୍ରୋଟକଲ (ଏନଟିପି) ଓ ପ୍ରିସିଜନ ଟାଇମ ପ୍ରୋଟକଲ (ପିଟିପି)ରେ ସୁସଜ୍ଜିତ କରାଯାଉଛି। ପରମାଣୁ ଘଡ଼ି କୋଟିକୋଟି ବର୍ଷରେ ମାତ୍ର ୧ ସେକେଣ୍ଡ ଭୁଲ ହୁଏ। ଏଣୁ ପ୍ରମାଣିତ ହେଉଛି ଆମେକୁ ଏବେ ମାଇକ୍ରୋ ସେକେଣ୍ଡ ପର୍ଯ୍ୟନ୍ତ ସଠିକତା ମିଳିବ। ଏହା ଦ୍ୱାରା ବିଦ୍ୟୁତ ଗ୍ରିଡ, ଦୂରସଞ୍ଚାର, ବ୍ୟାଙ୍କିଙ୍ଗ, ରେଳବାଇ, ବଜାର ଓ ଡିଜିଟାଲ ନେଣଦେଣ ଭଳି କ୍ଷେତ୍ରରେ ଅଧିକ ସଠିକତା ଓ ପାରଦର୍ଶିତା ମିଳି ପାରିବ ଓ କଲ ଡ୍ରପ ସମସ୍ୟା ଦୂର ହେବ। ଡାଟା ଟ୍ରାନ୍ସଫର ଓ ୫-ଜି ନେଟୱାର୍କର କାର୍ଯ୍ୟକ୍ଷମତା ବଢିବ। ଖାଉଟି ବ୍ୟାପାର ସଚିବ ନିଧି ଖରେ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଅନେକ ସିଷ୍ଟମ ବିଦେଶୀ ସମୟ ଉପରେ ନିର୍ଭରଶୀଳ। ଏହା ସାଇବର ସୁରକ୍ଷା ଓ ଡାଟା ବ୍ୟାଙ୍କ ନିମନ୍ତେ ବିପଦଜନକ। ଏଥିରୁ ବର୍ତ୍ତିବା ପାଇଁ ଦେଶକୁ ନିଜର ସୁରକ୍ଷିତ ସମୟ ପ୍ରଣାଳୀ ଦରକାର, ଯାହା ଆଇନତଃ ମାନ୍ୟ ହେବା ସହ ଡିଜିଟାଲ ରୂପେ ସୁରକ୍ଷିତ ଓ ବୈଶ୍ୱିକ ଷ୍ଟାଣ୍ଡାର୍ଡର ହେବ। ପୂରା ଦେଶରେ ଏକ ବିଶ୍ୱସନୀୟ ସମୟପ୍ରାଣାଳୀ ଯୋଗୁ ଡିଜିଟାଲ ପୈଠ ସୁରକ୍ଷିତ ହୋଇ ପାରିବ। ଟ୍ରେନ ଓ ବିମାନ ସମୟ ଅଧିକ ସଠିକ ହୋଇ ପାରିବ। ସାଇବର ଅପରାଧ ହ୍ରାସ ହେବ।

### ସରକାରୀ ...

ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେଉଁ ଉପାୟ ଓ କି କି ଆଧୁନିକ ଯନ୍ତ୍ରପାତି ବ୍ୟବହାର କଲେ ସରକାରୀ ବିଭାଗଗୁଡ଼ିକ ଏଭଳି କାର୍ଯ୍ୟ ପାଇଁ ସକ୍ଷମ ହୋଇପାରିବେ ତା’ର ମତାମତ ସମ୍ପୃକ୍ତ ବିଭାଗଗୁଡ଼ିକୁ ମଗାଯାଉ ଓ ଏନେଇ ମାସକ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କୁ ନୋଟସିଟ୍ ପଠାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏହାରି ଭିତରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଉଦବେଗ ପ୍ରକାଶ କରିବାକୁ ମାସେରୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି। ତଥାପି ସରକାରୀ ବିଭାଗଗୁଡ଼ିକ ୧୦ ବର୍ଷର ରିପୋର୍ଟ ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରିନାହାନ୍ତି। ଯଦିଓ ମୁଖ୍ୟମନ୍ତ୍ରୀଙ୍କ ଏଭଳି ରିପୋର୍ଟକୁ ନେଇ ବିଭାଗରେ କମ୍ପନ ଲାଗି ରହିଛି। ମୁଖ୍ୟ ସଚିବ ମନୋଜ ଆହୁଜା ଗତ ମେ’ ୨୨ ତାରିଖରେ ରାଜ୍ୟର ସମସ୍ତ ୫ଟି ଇଞ୍ଜିନିୟରିଂ ବିଭାଗର ସଚିବଙ୍କୁ ଚିଠି ଲେଖି ଜୁନ୍ ୨ ତାରିଖ ସୁଦ୍ଧା ଇଞ୍ଜିନିୟରିଂ ବିଭାଗଗୁଡ଼ିକ ଦ୍ୱାରା ଆଉଟସୋର୍ସିଂ ସଂସ୍ଥା ଦ୍ୱାରା ସମ୍ପାଦିତ ହୋଇଥିବା କାର୍ଯ୍ୟ (ସର୍ଭେ-ଡିଜାଇନଠୁ ଆରମ୍ଭ କରି ଡିପିଆର ପ୍ରସ୍ତୁତି ପର୍ଯ୍ୟନ୍ତ)ର ତାଲିକା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଏନେଇ ଏକ ସମୀକ୍ଷା ବୈଠକ ମଧ୍ୟ ମୁଖ୍ୟ ସଚିବଙ୍କ ଦ୍ୱାରା ହୋଇସାରିଛି। ଏସବୁ ପରେ ମଧ୍ୟ ବିଭାଗଗୁଡ଼ିକ ୧୦ ବର୍ଷର ହିସାବକୁ ଏକଜୁଟ କରିପାରିନଥିବା ସୂଚନା ମିଳିଛି। ବେସରକାରୀ ଆଉଟସୋର୍ସିଂ ସଂସ୍ଥାଗୁଡ଼ିକ ସହ ଉପର ସ୍ତରରେ ଚାଲିଥିବା ମଧୁଚନ୍ଦ୍ରିକା ପଦାରେ ପଡ଼ିଯିବାର ଭୟ ଓ ସରକାରୀ ବିଭାଗ-ସଂସ୍ଥା ଏସବୁ କାର୍ଯ୍ୟ ପାଇଁ ଅପାରଗ ବୋଲି ଲିଖିତ ଭାବେ ଦେବାକୁ ଥିବାରୁ ଏହି ରିପୋର୍ଟ ପ୍ରସ୍ତୁତିରେ ବିଳମ୍ବ ହେଉଥିବା ଜଣାପଡ଼ିଛି। ଯଦି ଅସମର୍ଥିତ ସୂତ୍ରକୁ ବିଶ୍ୱାସ କରାଯାଏ, ତା’ହେଲେ ବିଗତ କିଛି ବର୍ଷ ମଧ୍ୟରେ କେବଳ ଜଳସମ୍ପଦ ବିଭାଗ ନିଜର ପ୍ରକଳ୍ପ ସର୍ଭେ-ଡିଜାଇନଠୁ ଆରମ୍ଭ କରି ଡିପିଆର ପ୍ରସ୍ତୁତି ପାଇଁ ଆଉଟସୋର୍ସିଂ ସଂସ୍ଥାଗୁଡ଼ିକୁ ପ୍ରାୟ ୫୦୦ କୋଟି ଟଙ୍କା ଦେଇଛି।

**ସମ୍ପତ୍ତି ପାଇଁ ରକ୍ତ ସମ୍ପର୍କ ଭୁଲିଗଲା ଭାଇ; ସାମାନ୍ୟ ଟଙ୍କା ପାଇଁ ହତ୍ୟା**

# ବକ୍ସିବଜାର କେସ୍‌ରେ ତିନି ଅଭିଯୁକ୍ତ ଗିରଫ

**କଟକ :** ସମ୍ପତ୍ତି ପାଇଁ ସମ୍ପର୍କ ନେଲା ଜୀବନ। ଲୋଭ ସାମ୍ନାରେ ତୁଚ୍ଛ ହେଲା ଭାତୃଭାବ। ଭାଇକୁ ମାରିବାକୁ ପଛେଇଲାନି ଭାଇ। କଟକ ବକ୍ସିବଜାର ଅଶୋକ ବାରିକ୍ ହତ୍ୟା ମାମଲାରେ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି ସ୍ପେଶାଲ୍ ସ୍କ୍ୱାଡ୍ ଓ କ୍ୟାଣ୍ଟନ ଥାନା ପୁଲିସ। ସମ୍ପତ୍ତି ଓ ପାରିବାରିକ ବିବାଦକୁ ନେଇ ହତ୍ୟାକାଣ୍ଡ ଘଟିଥିଲା ଡିସିପି କହିଛନ୍ତି। ଏହି ଘଟଣାରେ ଜଣେ ଅଭିଯୁକ୍ତ ଏବେବି ଫେରାର୍ ରହିଛି। ତାକୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ପୁଲିସ୍ ଚଢ଼ାଉ ଜାରି ରଖିଛି ବୋଲି କହିଛନ୍ତି ଡିସିପି ରିଷିକେଶ ଖିଲାରୀ। ସମ୍ପତ୍ତି ଆଉ କିଛି ଟଙ୍କା ପାଇଁ ଭାଇ ବୋହୂ, ଭାଇ ଓ ପୁତୁରା ମିଳିତ ଭାବେ ଜଘନ୍ୟ କାଣ୍ଡ ଭିଆଇଥିଲେ। ଏହି ହତ୍ୟା ମାମଲାରେ ଅଶୋକ ବାରିକଙ୍କ ଭାଇ, ଭାଇ ବୋହୂ ଓ ପୁତୁରାଙ୍କୁ ଗିରଫ କରିଛି ସ୍ପେଶାଲ୍ ସ୍କ୍ୱାଡ୍ ଓ କ୍ୟାଣ୍ଟନ ମେଣ୍ଟ ଥାନା ପୁଲିସ୍। ଗତ ମଙ୍ଗଳବାର ବକ୍ସିବଜାର ଅଞ୍ଚଳରେ ଏହି ଘଟଣା ଘଟିଛି। ଅଶୋକ ବାରିକ୍ କଟକ ବକ୍ସିବଜାର ସିଡିଏ ମାର୍କେଟରେ ଶୋଇଥିବା ବେଳେ ତାଙ୍କ ଦୁଇ ଭାଇ, ଭାଇ ବୋହୂ ଓ ପୁତୁରା ପହଞ୍ଚି ଛୁରୀରେ ପ୍ରଥମେ ବେକକୁ କାଟିବା ସହ କଟୁରୀରେ ହାଣି ହତ୍ୟା କରିଥିଲେ। ସମସ୍ତ ଅଭିଯୁକ୍ତ ଦୁଇଟି ବାଇକରେ ପହଞ୍ଚିବାପରେ ଅଭିଯୁକ୍ତ ମାନେ ମୁହଁରେ ରୁମାଲ ଘୋଡ଼ାଇ ମଶାରୀ ଭିତରେ ପଶି କଟୁରୀରେ ହାଣି ଥିବା ପୁଲିସ ହାତରେ ପ୍ରମାଣ ଲାଗିଛି। ହତ୍ୟାକାଣ୍ଡ ପାଇଁ ପୂର୍ବରୁ ସମସ୍ତେ ଯୋଜନା ପ୍ରସ୍ତୁତ ହୋଇଥିଲା। ଗତ ମଙ୍ଗଳବାର ରାତିରେ ଏହି କାଣ୍ଡ ଘଟାଇଥିଲେ। ମୃତ ଅଶୋକଙ୍କ କଟକ ଗୋପାଳପୁର ନିକଟରେ ଥିବା ସମ୍ପତ୍ତି କିଛି ବର୍ଷ ତଳେ ବିକ୍ରି ହୋଇଥିଲା। ସେଥିରୁ ମିଳିଥିବା ଭାଗ ଟଙ୍କା ଏବଂ ଶଙ୍କରପୁର ଅଞ୍ଚଳ ଥିବା ସମ୍ପତ୍ତିକୁ ଅନ୍ୟ ଭାଇମାନେ ମାଗିଥିଲେ। ଯାହାକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ ବିବାଦ ଉପୁଜି ଥିଲା। ତେଣୁ ଅଶୋକ ଦଶ ବର୍ଷ ହେଲା ଘର ଛାଡ଼ି ବକ୍ସିବଜାର ଅଞ୍ଚଳରେ ରହୁଥିଲେ। ସେହି ସମ୍ପତ୍ତିକୁ ହାତେଇବା ପାଇଁ ଅଶୋକଙ୍କୁ ଭାଇ, ଭାଇ ବୋହୂ ଓ ପୁତୁରା ହତ୍ୟା କରିଛନ୍ତି ବୋଲି ଡିସିପି ରିଷିକେଶ ଖିଲାରୀ କହିଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍ ଟିମ୍ ଏବଂ ସାଇଣ୍ଟିଫିକ୍ ଟିମକୁ ନେଇ ଗଠିତ ତଦନ୍ତକାରୀ ଦଳ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଘଟଣାରେ ସମ୍ପୃକ୍ତ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି

# ସରକାରୀ ଯୋଜନାରୁ ବଞ୍ଚିତ କୁଟିଆ କନ୍ଧ

**କଳାହାଣ୍ଡି :** ଦେଶର ଅମୃତ କାଳରେ ମୌଳିକ ସୁବିଧା ଖୋଜୁଛି କୁଟିଆ କନ୍ଧ ସମ୍ପ୍ରଦାୟର ଆଦିବାସୀ। କଳାହାଣ୍ଡି ଲାଞ୍ଜିଗଡ଼ ବ୍ଲକର ଜାମ୍‌ଟୁଆଁ ଗାଁ। ଏଠାରେ ୧୫ରୁ ଅଧିକ ଆଦିବାସୀ ପରିବାରରେ ଶହେରୁ ଅଧିକ ଲୋକେ ବସବାସ କରନ୍ତି। ମାତ୍ର ଏବେବି ଏମାନେ ମୌଳିକ ସମସ୍ୟା ଭିତରେ ଜର୍ଜରିତ। ରାତି ସହ ଏଠି ଅନ୍ଧାର ଯେମିତି ମିତ ବସନ୍ତି। ବିଜୁଳି ଆଲୁଅ ଆଜି ଏବି ବହୁ ଦୂରରେ। ଲାଞ୍ଜିଗଡ଼ ଶିଳ୍ପାଞ୍ଚଳର ଆଲୋକ ମାଳା ଏମାନଙ୍କୁ ଦେଖା ଯାଏ ହେଲେ ଘରେ ଜଳି ପାରୁନି ବିଜୁବତୀ। ରୁହିଂସ୍ରଜନ୍ତୁ ଭୟରେ ସଞ୍ଜ ହେଲେ ତାଟିକବାଡ ପଡେ। ଗାଁରେ ଅପାଠୁଆ ବେଶୀ, ପାଠୁଆ କମ। ଗାଁରେ ସ୍କୁଲ ନଥିବାରୁ ପିଲାଙ୍କ ପାଠ ପଢା ପଞ୍ଚମରେ ଶେଷ। ୪ କିଲୋମିଟର ପାହାଡ଼ିଆ ରାସ୍ତା ଦେଇ ପିଲାଙ୍କୁ ସ୍କୁଲ ଯିବାକୁ ପଡୁଥିବାରୁ ଏଠାରେ ଅଧାରୁ ବନ୍ଦ କରିବାକୁ ପଡେ ପାଠ ପଢା ଡୋରୀ। ପାହାଡି ଗାଁରେ ପାନୀୟ ଜଳ ସମସ୍ୟା ଉତ୍କଟତର। ପାନୀୟ ଜଳ ଯୋଗାଣ ପାଇଁ ଏଠି ସୋଲାର ଟାଙ୍କି ଅଛି ସତ କିନ୍ତୁ ଏଥିରେ ସବୁ ବେଳେ ପାଣି ଆସେ ନାହିଁ। ଫଳରେ ବର୍ଷା ଦିନେବି ଝରଣା ପାଣି ଏଠି ଭରଷା। ଘାଟି ଉପରେ ଦରଖଣ୍ଡିଆ ପିଚୁ ରାସ୍ତା ଟିଏ ଅଛି ଯାହାର ମରାମତି ବହୁ ବର୍ଷ ହେଲା ହୋଇନି ଫଳରେ ଯାତାୟତରେ ସମସ୍ୟା ଏଠି ବର୍ଷ ତମାମ ଲାଗିରୁହେ। ଯୋଜନା ମାଳ ମାଳ ହେଲେ ଲୋକେ ପାଉ ନାହାନ୍ତି ଯୋଜନାର ଲାଭ। ବର୍ଷ ବର୍ଷ ଧରି ସମସ୍ୟା ଭିତରେ ଦୁର୍ଗମବାସୀ।

# ଡିବିରୀ ଭରସାରେ ସୀମାନ୍ତ ଗାଁ

**କୋଟିଆ :** ଡିବିରୀ ଭରସାରେ ସୀମାନ୍ତ ଗାଁ। ସଂଧ୍ୟା ନଇଁଲେ ଏଠାରେ ଡିବିରୀ ଭରସା। ଗାଁରେ ଆଜିବି ରାତି ହେଲେ ରାଜ କରୁଛି ଅନ୍ଧାର। ସଂଧ୍ୟା ନଇଁଲେ ଏଠି ଡିବିରୀ ଭରସା। ଏହି ଧିପିଧିପି ଆଲୁଅରେ ହୁଏ ଘରର ରୋଷେଇ। ଏଥିରେହିଁ ହୁଏ ପାଠ ପଢା। ଦୀର୍ଘ ଶହେବର୍ଷରୁ ଉର୍ଦ୍ଧ୍ୱ ହେବ ଗାଁରେ ବସବାସ କରି ଆସୁଛନ୍ତି। ହେଲେ ପହଞ୍ଚି ପାରିନି ସରକାରୀ ଯୋଜନା। ସରକାର ବିଦ୍ୟୁତକୁ ନେଇ ଅନେକ ଯୋଜନା କରିଛନ୍ତି। ମାତ୍ର ବିଗତ ସରକାରଙ୍କ ଦୁର୍ବଳ ମନୋଭାବ ଯୋଗୁଁ ଗାଁକୁ ହୋଇପାରିଲାନାହିଁ ବିଦ୍ୟୁତ୍ ସଂଯୋଗ। କୋରାପୁଟ ପଟାଙ୍ଗି ବ୍ଲକ ଅନ୍ତର୍ଗତ ବହୁ ଚର୍ଚ୍ଚିତ କୋଟିଆ ପଞ୍ଚାୟତର। ଏଠାରେ ଥିବା ସୁଲିଆମାରି, କାଟ୍ରାଗୁଡା, ଗୁମେଲପଦର, ତଳକାଣ୍ଟି ପ୍ରଭୃତି ଚାରିଖଣ୍ଡ ଗାଁରେ ଆଜିବି ଅପହଞ୍ଚ ବିଦ୍ୟୁତ ସେବା। ଗାଁରେ ବିଦ୍ୟୁତ୍ ସଂଯୋଗ ପାଇଁ ସରପଞ୍ଚଙ୍କଠୁ ଆରମ୍ଭ କରି ସାଂସଦ ଏବଂ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଲିଖିତ ଦାବି ଜଣେଇଥିଲେ କିନ୍ତୁ ଫଳପ୍ରଦ ହୋଇନି। ବିଦ୍ୟୁତ ସେବା ନାଁରେ ଗାଁକୁ ସୋଲାର ସଂଯୋଗ କରାଗଲା ମାତ୍ର ୫ ବର୍ଷ ଭିତରେ ସବୁ ଅଚଳ। ଫଳରେ ଆଜିବି ଏଇ ପାହାଡିଆ ଗାଁରେ ଜଙ୍ଗଲୀ ମଣିଷ ଦୁଃଖ କଷ୍ଟରେ ଜୀବନ ଯାପନ କରୁଛନ୍ତି। କୋଟିଆକୁ ନେଇ ଏତେ ଟଣା ଓଟରା କିନ୍ତୁ ୨୪ବର୍ଷର ବିଜେଡ଼ି ସରକାରରେ ଗାଁକୁ ବିଦ୍ୟୁତ ସଂଯୋଗ ହୋଇ ପାରିଲା ନାହିଁ କି ହୋଇ ପାରିଲା ନାହିଁ ଗାଁର ବିକାଶ। ବର୍ତ୍ତମାନର ମୋହନ ସରକାରଙ୍କ ଉପରେ ଭରସା ରଖିଛନ୍ତି ଗ୍ରାମବାସୀ।

**ସରକାରୀ ଜମି ହଡପ ଅଭିଯୋଗ ପରେ ପ୍ରଶାସନର ତତ୍ପରତା**

# ଷ୍ଟଲ, କୋଠା ଭାଙ୍ଗିବାକୁ ଜିଲ୍ଲାପାଳଙ୍କ ନୋଟିସ



**ନବରଙ୍ଗପୁର :** ରାଜ୍ୟରେ ବିଜେଡି ଶାସନ ସତ୍ତାରେ ଥିବା ବେଳେ କିଛି ଦଳୀୟ ପ୍ରତିନିଧି ଓ ବରିଷ୍ଠ କର୍ମୀ ନିଜ କ୍ଷମତାର ଦୁରୁପ ଯୋଗ କରି ସରକାରୀ ଜମି ସବୁରେ ମାଡିବସି କେଉଁଠି କୋଠା, କେଉଁଠି ଷ୍ଟଲ ତ ଆଉ କେଉଁଠି ଆଉ କଣ ସବୁ ନିର୍ମାଣ କରି ଚାଲିଥିଲେ। ସ୍ଥାନୀୟ ଜନତା ଯେତେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କର ଅଭିଯୋଗ ଶୁଣିବାକୁ କେହି ନଥିଲେ, ଓଲଟା ସେମାନଙ୍କୁ ଡରେଇ ଧମକାଇ ଚୁପ ରଖୁଥିଲେ। ବିଜେଡି ନେତାମନ୍ତ୍ରୀଙ୍କ ଗୁଣ୍ଡାରାଜକୁ ଭୟକରି ସାଧାରଣ ଲୋକେ ମୁହଁ ଖୋଲିବାକୁ ଭୟ କରୁଥିଲେ। ହେଲେ ରାଜ୍ୟରେ ବିଜେପି ସରକାର ଶାସନକୁ ଆସୁଆସୁ ଏବେ ସବୁ ଗୁମର ଧୀରେ ଧୀରେ ଖୋଲିବାକୁ ବସିଛି। ଏମିତି କିଛି ଗୁମର ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରୁ ବି ବାହାରିଛି। ବିଜେପି ସରକାର ଶାସନକୁ ଆସିବାପରେ ସ୍ଥାନୀୟ ଲୋକ ନିର୍ଭୟରେ ସରକାରୀ ଜମି ହଡପ କରାଯିବ, ସରକାରୀ ଜମି ଉପରେ ବେନିୟମ ଭାବେ ଷ୍ଟଲ, କୋଠା ନିର୍ମାଣ କରିବା ଆଦି ଅଭିଯୋଗ ଜିଲ୍ଲାପାଳଙ୍କୁ ବାରମ୍ବାର ଦେବା ପରେ ଜିଲ୍ଲାପାଳ ମଧ୍ୟ ବର୍ତ୍ତମାନ ଆକ୍ସନ ମୁଡ଼ରେ ଥିବା ଜଣାପଡିଛି। କିଛି ବିଜେଡି ନେତା ନିଜ କ୍ଷମତାର ଦୁରୁପ ଯୋଗ କରି ଯେଉଁ ଯେଉଁ ସରକାରୀ ଜାଗା ସବୁ ମାଡି ବସିଥିଲେ, ସେସବୁ ଜାଗା ଗୁଡ଼ିକୁ ଚିହ୍ନଟ କରି ତା ଉପରେ ନିର୍ମିତ କୋଠା, ଷ୍ଟଲ ଆଦିକୁ ଭାଙ୍ଗିଦେବା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ଏକ ନୋଟିସ ହୋଇଥିବା ସୂଚନା ମିଳିଛି। ବର୍ତ୍ତମାନ ଦେଖିବାକୁ ବାକି ରହିଲା ରାଜସ୍ୱ ବିଭାଗ କେବେ ପଦକ୍ଷେପ ନେଉଛି ଓ ଦୋଷୀ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ନିଆ ଯାଉଛି, ଦେଖିବାକୁ ଚାହିଁ ରହିଛନ୍ତି ଜନତା ଜନାର୍ଦ୍ଦନ,ତାହା ସମୟକୁ ଅପେକ୍ଷା ?




ଜୁନ୍‌ରୁ ସେପ୍ଟେମ୍ବର ମାସରେ ପ୍ରବାହିତ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଭାରତରେ ବୃଷ୍ଟି ଭାରସାମ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ରୌଦ୍ରତାପର ପ୍ରଖରତାରେ ବସୁନ୍ଧରା ଯେତେବେଳେ ଅସ୍ତବ୍ୟସ୍ତ ସେତିକିବେଳେ ଭସାବାଦଲ, ବିଦ୍ୟୁତ୍ ର ଝଲକ ଓ ବଜ୍ରର ଗୁରୁ ଗମ୍ଭୀର ଶବ୍ଦକୁ ସାଥିରେ ଘେନି ମୌସୁମୀ ଧରା ସ୍ପର୍ଶ କରେ। ମୌସୁମୀ ଆସିଲେ ଚିରହରିତ୍ ହୋଇଉଠେ ଶୁଷ୍କ ମାଟି । ସବୁଜିମାରେ ଭରିଯାଏ ଚଉଦିଗ। ଫଳ ଓ ଶସ୍ୟପୂର୍ଣ୍ଣା ହୁଏ ଧରିତ୍ରୀ। ଝାଞ୍ଜିର ଝାଉଁମରା ଝରଣାରୁ ଝରିଆସେ ଶୀତଳ ବାରିଧାରା। ଯେତେବେଳେ ଇନ୍ଦ୍ରଧନୁ ବର୍ଷାଭିଜା ଆକାଶରେ ଉଙ୍କିମାରେ, ବର୍ଷାଧୂଆ ଧରା ସତେ ଯେମିତି ଅୟସୀ ରାଜହଂସି ଭଳି ଡେଣାଝାଡେ। ଭିଜା ମାଟିର ଅପୂର୍ବ ବାସ୍ନାରେ ଶିହରୀତ ହୋଇଉଠେ ବସୁଧା । ସତେ ଯେମିତି ନୂତନ ସମ୍ଭାବନାରେ ସୃଜନଶୀଳ ଧରିତ୍ରୀର ଉତ୍ପାଦନ ଶକ୍ତି ପୁଣି ବିକଶିତ ହେଇଉଠେ। ମୌସୁମୀ ଆସିଲେ କୃଷକ ଆଖିରେ ନାଚେ ଶ୍ୟାମଳୀ କେଦାରର ଲହରୀ । ସବୁଜ ଘାସର ଆସ୍ତରଣ ଉପରେ ନାଲି ଟୁକୁ ଟୁକୁ ସାଧବ ବୋହୂ ଲୋହିତ ବର୍ଣ୍ଣ ଧାରଣ କରେ। ଅସରାଏ ବର୍ଷା ପରେପରେ ପଙ୍କ ଭିତରେ ଲୁଚିଥିବା ବେଙ୍ଗଙ୍କ କେଁକଟର ଶବ୍ଦରେ କମ୍ପିଉଠେ ମେଦିନୀ। ପିଲାମାନେ କାଗଜ ଡଙ୍ଗା ଗଢି ବର୍ଷା ସ୍ରୋତରେ ଭସାଇ ଦେଇ ଗାଇ ଉଠନ୍ତି- ଭାସି ଯା ମୋର କାଗଜ ଡଙ୍ଗା ଭାସି ଯା... । କଦମ୍ବର ରୋମାରେ ପୁଲକିତ ହୁଏ ଧରା। ଆମ ସାମାଜିକ ଚଳଣୀ ଜୀବନ-ଜୀବିକା ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବର୍ଷା। ଆମେ ବର୍ଷାକୁ ଦେବତା ଭାବରେ ପୂଜା କରୁ, ପ୍ରଣାମ କରୁ ଏବଂ ତାର ଆର୍ଶୀବାଦ ଲୋଡିଥାଉ।



ପ୍ରେମାନନ୍ଦ ପାଣିଗ୍ରାହୀ



ଭାରତୀୟ ଉପମହାଦେଶର ଜୀବନ ଯେମିତି ଏହି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦ୍ୱାରା ନିରୁପିତ ହୋଇଥାଏ । ଜୁନ୍ ପ୍ରଥମ ସପ୍ତାହରେ ଭାରତର ଦକ୍ଷିଣ ଭୁଭାଗରେ ମୌସୁମୀ ବାୟୂ ପ୍ରବେଶ କରି ଜୁଲାଇ ମଧ୍ୟଭାଗ ସୁଦ୍ଧା ସମଗ୍ର ଦେଶରେ ପରିବ୍ୟାପ୍ତ ହୋଇଥାଏ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଅବଦାନ ମୋଟ ବର୍ଷାର ୮୫ ଶତାଂଶ । ପ୍ରତିବର୍ଷ ମେ ୨୦ତାରିଖରେ ଦକ୍ଷିଣ -ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ୍ ନିକୋବର ଦ୍ୱୀପପୁଞ୍ଜ ଓ ଜୁନ୍ ପହିଲାରେ କେରଳ ଉପକୂଳ ଛୁଇଁଥାଏ । କେରଳ ଉପକୂଳ ଛୁଇଁବାର ପ୍ରାୟ ଏକ ସପ୍ତାହ ମଧ୍ୟରେ ଓଡିଶା ଛୁଇଁଥାଏ । ପୂର୍ବରୁ ଓଡିଶାକୁ ମୌସୁମୀ ପ୍ରବେଶ ସମୟ ସରକାରୀ ଭାବେ ଜୁନ ୧୦ ତାରିଖକୁ ଧରା ଯାଉଥିବା ବେଳେ କିଛି ବର୍ଷ ହେବ ଜୁନ ତୃତୀୟ ସପ୍ତାହରେ ମୌସୁମୀ ପ୍ରବେଶ କରୁଛି । ରାଜ୍ୟର ହାରାହାରୀ ତାପମାତ୍ରା ଗତ ଦୁଇ ଦଶନ୍ଧି ଧରି ୦.୫ ଡିଗ୍ରୀ ବୃଦ୍ଧି ପାଇଛି । ତା ସହିତ ରାଜ୍ୟକୁ ମୌସୁମୀର ପ୍ରବେଶ ଓ ପ୍ରସ୍ଥାନ ସମୟରେ ବି ପରିବର୍ତ୍ତନ ହୋଇଛି । ସାଧାରଣତଃ ଜୁନ ରୁ ସେପ୍ଟେମ୍ବର ସମୟକୁ ବର୍ଷା ଋତୁ କୁହାଯାଏ । ଜୁନ ପହିଲାରେ କେରଳ ଦେଇ ଭାରତକୁ ପ୍ରବେଶ କରୁଥିବା ମୌସୁମୀ ବାୟୁ ଚାରି ମାସ ବର୍ଷା କରାଇ ସେପ୍ଟେମ୍ବର ଶେଷ ବା ଅକ୍ଟୋବର ପ୍ରଥମ ସପ୍ତାହ ବେଳକୁ ଭାରତ ଅତିକ୍ରମ କରେ । ଏବେ କିନ୍ତୁ ମୌସୁମୀ ଓଡିଶାରୁ ଫେରିବା ବେଳକୁ ଅକ୍ଟୋବର ଦ୍ୱିତୀୟ ସପ୍ତାହ ହେଉଛି । ବାତ୍ୟା,ମହାବାତ୍ୟାର ଭୟ ଅକ୍ଟୋବରରେ ରହୁଛି। ମୌସୁମୀର ପ୍ରଭାବ ଓ ବର୍ଷା କରିବାର କ୍ଷମତା ପ୍ରାୟ ସବୁ ବର୍ଷ ସମାନ ରହୁ ନାହିଁ । ଜଳବାୟୁ ପରିବର୍ତ୍ତନର ପ୍ରଭାବ ମୌସୁମୀର ଗତି ଓ ଶକ୍ତି ଉପରେ ପ୍ରଭାବ ପକାଉଛି। ବୈଜ୍ଞାନିକଙ୍କ ମତରେ ସବୁ ମେଘ ବା ଭସା ବାଦଲରେ ବର୍ଷା ହୁଏ ନାହିଁ । ବାଦଲରେ ଥିବା ଜଳକଣା ଯଦି ଆବଶ୍ୟକ ଅନୁଯାୟୀ ଘନୀଭୂତ ନହୁଏ ତାହାଲେ ବର୍ଷା ହେବାର ସମ୍ଭାବନା ନିଶ୍ଚିତ ଭାବରେ ହ୍ରାସ ପାଇଥାଏ। ସାଧାରଣତଃ ଜୁନ ପହିଲାରୁ ସେପ୍ଟେମ୍ବର ଶେଷ ପର୍ଯନ୍ତ ଏହି ଚାରି ମାସରେ ଆମ ରାଜ୍ୟରେ ୧୧୪୦ ମିଲିମିଟର ବର୍ଷା ହେବା କଥା। ଜୁନ୍‌ରେ ୨୧୦ ମି.ଲି,ଜୁଲାଇରେ ୩୪୦ମି.ଲି,ଅଗଷ୍ଟରେ ୩୪୫ ମି.ଲି ଓ ସେପ୍ଟେମ୍ବରରେ ୨୪୨ ମି.ଲି ବର୍ଷା ହେବା କଥା । ନିର୍ଦ୍ଧାରିତ ସମୟ ମଧ୍ୟରେ ୯୬ ଶତାଂଶରୁ ୧୦୪ ଶତାଂଶ ମଧ୍ୟରେ ବର୍ଷା ହେଲେ ରାଜ୍ୟ ସରକାର ସମେତ ଭାରତୀୟ ପାଣିପାଗ ବିଭାଗ ଏହାକୁ ସ୍ୱାଭାବିକ ବର୍ଷା ବୋଲି ବିବେଚନା କରିଥାନ୍ତି । ଚାଷକାମ ପାଇଁ ଏହା ଉତ୍ତମ ବିବେଚନା ହୋଇଥାଏ। ଦେଶରେ ବର୍ଷକରେ ହେଉଥିବା ମୋଟ ବର୍ଷାର ୭୦ ଶତାଂଶ ମୌସୁମୀ ଋତୁରେ ହୋଇଥାଏ।

ଦକ୍ଷିଣ -ପଶ୍ଚିମ ମୌସୁମୀ ବାୟୁର ଆଗମନ କୃଷିକ୍ଷେତ୍ର ପାଇଁ ବେଶ୍ ମହତ୍ୱପୂର୍ଣ୍ଣ । ବର୍ଷକର ୭୫ ପ୍ରତିଶତ ବର୍ଷା ଏଥିରୁ ମିଳେ । ଅଧା ଚାଷ ଜମି ଏହି ବର୍ଷାରେ ସବୁଜ ବଳୟ ସୃଷ୍ଟି କରେ। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ କରାଯାଉଥିବା ଚାଷକୁ ଖରିଫ ଚାଷ କୁହାଯାଏ। ଦେଶର ମୁଖ୍ୟ ଭାଗ ଫସଲ ଖରିଫ୍ ଋତୁରେ କରାଯାଏ। ଆମ ଦେଶର ଚାଷ ବିଶେଷ କରି ଖରିଫ୍ ଚାଷ ପାଇଁ ମୌସୁମୀ ବର୍ଷାର ବେଶ୍ ଆବଶ୍ୟକତା ରହିଥାଏ। ୭୦ ରୁ ୮୦ ପ୍ରତିଶତ ଚାଷୀ ଚାଷକାର୍ଯ୍ୟ ନିମନ୍ତେ ବର୍ଷା ଉପରେ ନିର୍ଭର କରନ୍ତି। ସ୍ୱାଭାବିକ ମୌସୁମୀ ବର୍ଷା ପତିତ ଜମିକୁ ଶ୍ୟାମଳା କରିଥାଏ, ଜଳର ଉତ୍ସଗୁଡିକୁ ଜଳପୂର୍ଣ୍ଣ କରିଥାଏ ଏବଂ ରୌଦ୍ରତାପ ରୁ ପ୍ରାଣୀ ଓ ଉଦ୍ଭିଦ ସମାଜକୁ ଉଦ୍ଧାର କରି ଆଶ୍ୱସ୍ତ କରିଥାଏ । ଭଲ ବର୍ଷା ହେଲେ ଚାଷ ଭଲ ହୁଏ, କୃଷି ଉତ୍ପାଦନ ବଢ଼େ, ଚାଷ ଉପରେ ନିର୍ଭର କରୁଥିବା ଲୋକମାନଙ୍କର ଆୟ ବଢେ। ଫଳରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଘଟିଥାଏ । ଭାରତୀୟ ଅର୍ଥ ବ୍ୟବସ୍ଥାରେ କୃଷି କ୍ଷେତ୍ରର ଯୋଗଦାନ ପ୍ରାୟ ୨୦ ପ୍ରତିଶତ। ମୌସୁମୀ ବାୟୁ ବିଫଳ ହେଲେ ଏହାର ପ୍ରଭାବ ସିଧାସଳଖ ଚାଷ ଉପରେ ପଡେ। ଚାଷ ବାଧାପ୍ରାପ୍ତ, ଶସ୍ୟହାନି ଏବଂ ଅର୍ଥନୀତି ଉପରେ ନକରାତ୍ମକ ପ୍ରଭାବ ପଡେ। କ୍ଷୁଦ୍ର, ନାମମାତ୍ର ଚାଷୀ ଏବଂ ଦିନମଜୁରୀଆ ଶ୍ରେଣୀର ଲୋକେ ଫସଲ ହାନି ହେଲେ ବିଶେଷ ପ୍ରଭାବିତ ହୋଇଥାନ୍ତି। କାମ ନ ପାଇ ଏମାନେ ଋଣଗ୍ରସ୍ତ ହେବା ସହ ଭିଟାମାଟି ଛାଡି ଦାଦନ ହେବାକୁ ପଛାଇ ନଥାନ୍ତି। ଦରଦାମ ବୃଦ୍ଧି ସମସ୍ୟା ଖାଉଟିଙ୍କୁ କଷ୍ଟ ଦିଏ।

ମୌସୁମୀ ଆସିଲେ କୃଷକ ଆଖିରେ ନାଚେ ଶ୍ୟାମଳୀ କେଦାରର ଲହରୀ । ସବୁଜ ଘାସର ଆସ୍ତରଣ ଉପରେ ନାଲି ଟୁକୁ ଟୁକୁ ସାଧବ ବୋହୂ ଲୋହିତ ବର୍ଣ୍ଣ ଧାରଣ କରେ। ଅସରାଏ ବର୍ଷା ପରେପରେ ପଙ୍କ ଭିତରେ ଲୁଚିଥିବା ବେଙ୍ଗଙ୍କ କେଁକଟର ଶବ୍ଦରେ କମ୍ପିଉଠେ ମେଦିନୀ। ପିଲାମାନେ କାଗଜ ଡଙ୍ଗା ଗଢି ବର୍ଷା ସ୍ରୋତରେ ଭସାଇ ଦେଇ ଗାଇ ଉଠନ୍ତି- ଭାସି ଯା ମୋର କାଗଜ ଡଙ୍ଗା ଭାସି ଯା... । କଦମ୍ବର ରୋମାରେ ପୁଲକିତ ହୁଏ ଧରା। ଆମ ସାମାଜିକ ଚଳଣୀ ଜୀବନ-ଜୀବିକା ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବର୍ଷା। ଆମେ ବର୍ଷାକୁ ଦେବତା ଭାବରେ ପୂଜା କରୁ, ପ୍ରଣାମ କରୁ ଏବଂ ତାର ଆର୍ଶୀବାଦ ଲୋଡିଥାଉ।





ଭାରତରେ ଏବର୍ଷ ଏଲ୍‌ନିନୋର ପ୍ରଭାବ ଫିକା ରହିବ। ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଲା-ନିନା ସ୍ଥିତି ଯୋଗୁଁ କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗର ଶୀତଳ ହେବ ଯାହା ଭାରତୀୟ ମୌସୁମୀ ପାଇଁ ଅନୁକୂଳ। ଲାନିନା ସକ୍ରିୟ ରହିଲେ ଗ୍ରୀଷ୍ମ ଋତୁରେ ଭାରତରେ ଉଷ୍ମତା କମ୍ ରହିଥାଏ। ଏଲ୍-ନିନୋ ସକ୍ରିୟ ରହିଲେ ଉଷ୍ମତା ତୀବ୍ରତର ହୋଇଥାଏ। ଏଲ୍-ନିନୋ ସାଧାରଣତଃ ଅସ୍ୱାଭାବିକ ଭାବେ ପୂର୍ବ ପ୍ରଶାନ୍ତ ମହାସଗର ଅଞ୍ଚଳରୁ ପ୍ରଭାହିତ ହୋଇ ଦକ୍ଷିଣ ଆମେରିକାରେ ପ୍ରବଳ ବୃଷ୍ଟିପାତ କରାଇଥାଏ। କିନ୍ତୁ ପଶ୍ଚିମାଞ୍ଚଳର ଶେଷ ଭାଗ ଏହାର ପ୍ରଭାବରେ ବୃଷ୍ଟି ହୀନତାର ସମ୍ମୁଖୀନ ହୁଏ । ତେଣୁ ଭାରତରେ ଏହାର ପ୍ରଭାବ ପଡିଥାଏ। ଆଶାନୁରୂପକ ବର୍ଷା। ନହେଲେ କେଉଁଠି ବେଙ୍ଗ-ବେଙ୍ଗୁଲୀ ବିବାହ କରାଯାଏ ତ କେଉଁଠି ପୂଜା ପାଠ କରାଯାଏ। ବର୍ଷା ଛିଟାରେ ରଙ୍ଗୀନ ହୋଇଯାଇଥିବା ପ୍ରକୃତିକୁ ଉପଭୋଗ କରିବା ପାଇଁ ପର୍ଯ୍ୟଟକମାନେ ବି ଉପଯୁକ୍ତ ସ୍ଥାନ ଖୋଜନ୍ତି । ଝରଣା ଆଉ ଜଳପ୍ରପାତଗୁଡିକର ଫୁଲି ଉଠୁଥିବା ରୂପ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରେ । ପହିଲି ମୌସୁମୀର ଝିପ୍ ଝିପ୍ ବର୍ଷା ଦେହ ଓ ମନରେ ସୃଷ୍ଟି କରେ ଅପୂର୍ବ ଶିହରଣ । ବର୍ଷାର ସ୍ୱର ହୃଦୟକୁ କରେ ଭାବପ୍ରବଣ ।

ଦୂରଭାଷ : ୯୪୩୭୭୨୯୩୮୪



ଏକମାତ୍ର

ଭୁବନେଶ୍ୱର, ୨୩ - ୨୯ ଜୁନ୍, ୨୦୨୫





## ପରିମଳ ବ୍ୟବସ୍ଥାକୁ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

# ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ଦେବାକୁ ସିଏମ୍‌ସିକୁ ନିର୍ଦ୍ଦେଶ

**କଟକ :** କିଛି ଦିନ ହେବ ଝାଡାବାନ୍ତି ଓ ହଇଜା ରୋଗ ବ୍ୟାପୁଥିବା ବେଳେ କଟକ ସହରର ପରିମଳ ବ୍ୟବସ୍ଥାକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ବିଶେଷକରି ସହରର ବିପର୍ଯ୍ୟସ୍ତ ପରିମଳ ସହ ଦୂଷିତ ଖାଦ୍ୟ ବିକ୍ରି ଓ ପାନୀୟ ଜଳ ଯୋଗାଣ ଅବ୍ୟବସ୍ଥା ସମ୍ପର୍କରେ ଆଡଭୋକେଟ କମିଟି ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ହାଇକୋର୍ଟ କଟକ ମହାନଗର ନିଗମ (ସିଏମସି) ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ତଲବ କରିଛନ୍ତି। ଝାଡାବାନ୍ତି ଓ ହଇଜା ନିରାକରଣ ପାଇଁ କଣ ପ୍ରତିକାରମୂଳକ ପଦକ୍ଷେପ



ଗ୍ରହଣ କରାଯାଇଛି ସେ ନେଇ ସତ୍ୟପାଠ ଦାଖଲ କରିବାକୁ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। କଟକ ସହର ସମସ୍ୟା ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଝାଡାବାନ୍ତି ବ୍ୟାପୁଥିବା ବେଳେ କଟକ ଜିଲ୍ଲାର ମଧ କେତେକ ଅଞ୍ଚଳରେ ଏହି ରୋଗ ବ୍ୟାପୁଥିବା ଜଣାପଡିଛି। ଏଭଳି ସ୍ଥିତିରେ କଟକ ସହରରେ ମଧ ଦୂଷିତ ଜଳ ଓ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପାଇଁ ରୋଗ ବ୍ୟାପିବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଏଣୁ ଏହାର ପ୍ରତିକାର ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ ଉପରେ ଅଦାଲତ ଗୁରୁତ୍ୱାରୋପ କରିଥିଲେ। କଟକ ଅତିରିକ୍ତ ଜିଲ୍ଲାପାଳ, ସିଏମସି କମିସନର, ସିଟି ଇଞ୍ଜିନିୟର ଓ ୱାଟକୋର ଅଧିକାରୀ ଭର୍ଚୁଆଲରେ ଉପସ୍ଥିତ ରହି ସେମାନଙ୍କ ପକ୍ଷ ରଖିଥିଲେ। ସହରରେ ମୋଟ ୩ହଜାର ନଳକୂପରୁ ୨ହଜାର ନଳକୂପର ବିଶୋଧନ କରାଯାଇଛି ଓ ବିଭିନ୍ନ ରାସ୍ତାକଡ ଖାଦ୍ୟ ସାମଗ୍ରୀ ପ୍ରତିଷ୍ଠାନରେ ଚଢଉ କରାଯାଉଛି ବୋଲି କୁହାଯାଇଥିଲା। ଅନ୍ୟପଟରେ ରାସ୍ତାକଡ ଖାଦ୍ୟ ପସରାକୁ ୭ଦିନ ବନ୍ଦ ରଖାଯିବା ଉଚିତ ବୋଲି ଆଡଭୋକେଟ କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା ବେଳେ ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ ବିଚାର କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୩ରେ ହେବ ବୋଲି ଧାର୍ଯ୍ୟ କରାଯାଇଛି।

## ରଥଯାତ୍ରା ପାଇଁ ପୁରୀରେ ମନ୍ତ୍ରୀସ୍ତରୀୟ କମିଟିର ମାରାଥନ୍ ସମୀକ୍ଷା

# ପାନୀୟ ଜଳ, ସ୍ୱାସ୍ଥ୍ୟ, ଗମନାଗମନକୁ ଫୋକସ୍



**ପୁରୀ :** ରଥଯାତ୍ରା ପାଇଁ ପୁରୀରେ ମନ୍ତ୍ରୀସ୍ତରୀୟ କମିଟିର ମାରାଥନ୍ ସମୀକ୍ଷା। କମିଟି ଅଧକ୍ଷା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ରଥ ଖଳା, ମୁଖ୍ୟ ଚିକିତ୍ସାଳୟ, ଶ୍ରୀଗୁଣ୍ଡିଚା ମନ୍ଦିର, ବଡ଼ଦାଣ୍ଡରେ ସ୍ଥିତି ସମୀକ୍ଷା କରିଛନ୍ତି କମିଟି। ପାନୀୟ ଜଳ, ସ୍ୱାସ୍ଥ୍ୟ, ଗମନାଗମନକୁ ଦିଆଯାଇଛି ଫୋକସ୍। ଡାଇରିଆ, ହିଟ୍ ଷ୍ଟ୍ରୋକକୁ ନଜରରେ ରଖି ନିଆଯାଇଛି ପଦକ୍ଷେପ। ସୁରକ୍ଷା ଓ ଶୃଙ୍ଖଳା ସମେତ ସ୍ୱାସ୍ଥ୍ୟ ବିଭାଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଥର ଖାଦ୍ୟରେ ଅପମିଶ୍ରଣକୁ ଆଦୌ ବରଦାସ୍ତ କରାଯିବ ନାହିଁ। ସ୍ୱାସ୍ଥ୍ୟ ସେବାର ଅପବ୍ୟବହାର ନକରି ନିଡ୍ ବେସଡ୍ ହେଲଥ୍ ସର୍ଭିସ୍ ଯୋଗାଇଦେବାକୁ ଗୁରୁତ୍ୱ ଦିଆଯାଇଛି ବୋଲି କହିଛନ୍ତି ପ୍ରଭାତୀ ପରିଡା। ସ୍ୱାସ୍ଥ୍ୟସେବାକୁ ସିସିଟିଭି କ୍ୟାମେରା ମାଧ୍ୟମରେ ମନିଟରିଂ କରାଯିବ। ପ୍ରସ୍ତୁତ ରହିବ ୭୪ଟି ଆମ୍ବୁଲାନ୍ସ। ଡାଇରିଆକୁ ଦୃଷ୍ଟିରେ ରଖି ୩ଟି ଟିମ୍ ଗଠନ ହୋଇଛି। ୨ ଟିମ୍ ସହରାଞ୍ଚଳରେ ପାଣି ସାମ୍ପୁଲ ଟେଷ୍ଟ କରୁଥିବା ବେଳେ ଗୋଟିଏ ଟିମ୍ ସଦର ପାଣି ସାମ୍ପୁଲ୍ ଟେଷ୍ଟ ପାଇଁ ମୁତୟନ ରହିଛନ୍ତି। ୨୪୦ ଅତିରିକ୍ତ ବେଡ୍ ପ୍ରସ୍ତୁତ ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କେବଳ ୫୦ ବେଡ୍ ପ୍ରସ୍ତୁତ ରହିଛି। ହିଟ୍ ଷ୍ଟ୍ରୋକ ପାଇଁ ରହିଛି ୪୦ଟି ବେଡ୍। ଏମ୍ସ ତରଫରୁ ଆଇଡିଏଚ୍‌ରେ ୪୦ ବେଡ୍ ବିଶିଷ୍ଟ ଆଇସିୟୁ ପ୍ରସ୍ତୁତ ରହିଛି। ସେପଟେ ଏନ୍‌ଫୋର୍ସମେଣ୍ଟକୁ ତ୍ୱରାନ୍ୱିତ କରାଯାଇଥିବା କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ଆଗମନ ଓ ଏବେ ରାଜ୍ୟରେ ଡାଇରିଆ ପରିସ୍ଥିତିକୁ ନଜରରେ ରଖି ଖାଦ୍ୟ ଚେକିଂ ଓ ପାଣି ଟେଷ୍ଟିଂକୁ ଗୁରୁତ୍ୱ ଦିଆଯାଇଛି।

# ସ୍ୱାସ୍ଥ୍ୟ ପାଇଁ ଯୋଗ ହିଁ ଆବଶ୍ୟକ : ବିଶ୍ୱ ରଞ୍ଜନ

**ପୁରୀ :** ଅନ୍ତର୍ଜାତୀୟ ଯୋଗ ଦିବସ ପ୍ରତିବର୍ଷ ଜୁନ ୨୧ ତାରିଖକୁ ‘ଅନ୍ତର୍ଜାତୀୟ ଯୋଗ ଦିବସ’ ଭାବେ ପାଳନ କରାଯାଏ। ସମଗ୍ର ବିଶ୍ୱରେ ଯୋଗର ପ୍ରଚାର ପ୍ରସାର କରିବା ତଥା ଲୋକଙ୍କୁ ଯୋଗ ପ୍ରତି ଉତ୍ସାହିତ କରିବା ହେଉଛି ଏହି ଦିବସର ଉଦ୍ଦେଶ୍ୟ ଯୋଗ। ଏକ ଶାରୀରିକ, ମାନସିକ ଏବଂ ଅଧ୍ୟାତ୍ମିକ ଅଭ୍ୟାସ। ଏହାର ଉତ୍ପତ୍ତି ଭରତରେ ହୋଇଥିଲ। ବିଶ୍ୱ ସ୍ତରରେ ଏହି ଯୋଗ ଦିବସ ପାଳନ ଉଦ୍ୟମ ପ୍ରଥମେ ଭାରତ ତରଫରୁ ହିଁ ନିଆଯାଇଥିଲା। ଦୈନିକ ଜୀବନ ଚର୍ଯ୍ୟାରେ ଯୋଗକୁ ସାମିଲ କରି ଏକ ସୁସ୍ଥ ଜୀବନ ଶୈଳୀ ଅତିବାହିତ କରିବାକୁ ଏହି ଦିବସ ବାର୍ତ୍ତା ଦେଇ ଥାଏ। ପ୍ରାଚୀନ ସଂସ୍କୃତିର ଅମୂଲ୍ୟ ଉପହାର ହେଉଛି ଯୋଗ। ପ୍ରତିଦିନ ଯୋଗାଭ୍ୟାସ କରିବା ଦ୍ୱାରା ଆମ ମନ ଶାନ୍ତ ରହେ ଏବଂ ଶରୀରକୁ ଶକ୍ତି ମିଳେ। ବିଶେଷଜ୍ଞଙ୍କ ମତରେ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଯୋଗ ଦିବସ ପାଳନ ପରମ୍ପରା ଆରମ୍ଭ କରିଛନ୍ତି। ସେ ୨୦୧୪ ସେପ୍ଟେମ୍ବର ମସିହାରେ ୨୭ରେ ମିଳିତ ଜାତିସଂଘ ବୈଠକରେ ଏ ନେଇ ପ୍ରସ୍ତାବ ରଖିଥିଲେ। ୨୦୧୪ ଡିସେମ୍ବର ୧୧ରେ ପ୍ରତିବର୍ଷ ଜୁନ୍ ୨୧କୁ ‘ଯୋଗ ଦିବସ’ ଭାବେ ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା। ୨୦୧୫ ମସିହା ଜୁନ ୨୧କୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଇଛି। ସେହି ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ପାଖାପାଖି ୩୫ ହଜାରରୁ ଅଧିକ ଲୋକ ଏବଂ ୮୪ ଦେଶର ପ୍ରତିନିଧି ନୂଆଦିଲ୍ଲୀର ରାଜପଥରେ ପାଖାପାଖି ୩୫ ମିନିଟ୍ ଧରି ଯୋଗର ୨୧ଟି ଆସନ କରିଥିଲେ। ଆତ୍ମନିୟନ୍ତ୍ରଣ, ଆତ୍ମ-ଶୃଙ୍ଖଳା ଓ ଆତ୍ମ ଜ୍ଞାନ ପ୍ରଦାନ କରିବାରେ ଯୋଗ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଦୈନନ୍ଦିନ ଯୋଗାଭ୍ୟାସ ମାନସିକ ଓ ଅଧ୍ୟାତ୍ମିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ। ଏହି ଦିବସ ପାଳନ ଅବସରରେ ସାରା ଦେଶରେ ଯୋଗ



ଶିବିରମାନ ଆୟୋଜନ କରାଯାଇ ଜନ ସାଧାରଣ ମାନଙ୍କୁ ନିୟମିତ ଯୋଗାଭ୍ୟାସ କରିବା ପାଇଁ ଉତ୍ସାହିତ କରାଯାଏ। ଜନ ସାଧାରଣଙ୍କର ସବୁଠାରୁ ମାରାତ୍ମକ ଶତ୍ରୁ ହେଉଛି ମାନସିକ ଚାପ ବା ଷ୍ଟ୍ରେସ୍ ଯାହା ଯୋଗୁ ସମାଜରେ ଉଚ୍ଚ ରକ୍ତଚାପ ହାର ବଢ଼ି ଚାଲିଛି। ଏହି ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ଆମ ଦେଶରେ ଏହି ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୧୦ କୋଟିରୁ ଅଧିକ। ଏହାର ସରଳ ଆରୋଗ୍ୟ ପଦ୍ଧତି। ପରମାନନ୍ଦ ବା ପରମ ସୁଖର ଅନୁଭବ। ଶରୀର ଓ ମନ ଏତେ ଅଙ୍ଗାଙ୍ଗୀ ଭାବେ ସଂଯୁକ୍ତ ଯେ, ଗୋଟିକ ଉପରେ କୌଣସି ଏକ ପ୍ରଭାବ ସ୍ୱତଃ ଅନ୍ୟଟିକୁ ପ୍ରଭାବିତ କରି ପକାଏ। ତେଣୁ ଯୋଗ କଲେ ଏ ପର୍ଯ୍ୟକୁ ଉନ୍ନୀତ ହୋଇଯାଏ। ଫଳରେ ମନ ଏକ ଉନ୍ନତ ପର୍ଯ୍ୟାୟକୁ ଉନ୍ନତି ହୋଇ ଯାଏ। ଫଳରେ ମନ ହୋଇ ଯାଏ ସମ୍ପୂର୍ଣ୍ଣ ପ୍ରଶାନ୍ତ ହେବା ସଂଗେ ସଙ୍ଗେ ଶରୀରର କୋଷଗୁଡ଼ିକ ମେଟା ବୋଲିଜମ ତଥା ଚୟା ପ୍ରଚୟ ପ୍ରକ୍ରିୟା ହୋଇ ପଡ଼େ ସମ୍ପୂର୍ଣ୍ଣ ମନ୍ଥର। ଧ୍ୟାନ କରିବା ସମୟରେ ଚିନ୍ତା ପ୍ରକ୍ରିୟାର ଉତ୍ତେଜିତ ଅବସ୍ଥା ପ୍ରଶମିତ ହୋଇ ଜାତ ହୋଇଥାଏ ଯିବ କୋଷୀୟ ସନ୍ତୁଳନ ଅବସ୍ଥା ବା ସମବସ୍ଥା। ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ଅତ୍ୟନ୍ତ ଅନୁକୂଳ। ସୁତରାଂ ଯୋଗ କଲେ ଉଚ୍ଚ ରକ୍ତଚାପ କମିଯାଏ। ହୃଦରୋଗ ଏବଂ ଡାଇବେଟିସ୍ ହ୍ରାସ ପାଏ। ଉଣା ହୋଇଯାଏ କ୍ରୋଧ ଓ ମାନସିକ ଚାପ। ଧ୍ୟାନ କି ଯୋଗ କରିବା ସମୟରେ ମନରେ ଏକାଗ୍ରତା ରହିବା ନିହାତି ଦରକାର। ଏଥିସହ ମନରେ ଶାନ୍ତ ଭାବନା ଜାତ ହେଲେ ଯୋଗର ମନ ଲାଖି ରହେ। ନିଷ୍ଠା, ଅଧବସାୟ ତଥା ଧ୍ୟେୟ ଥିଲେ ମନ ଧୀରେ ଧୀରେ ବୋଲ ମାନେ ଏବଂ ଉଦ୍‌ବେଳିତ ଅବସ୍ଥା ଧୀରେ ଧୀରେ ଶାନ୍ତ ପଡ଼େ। ଶୀତଳ, ଶୁଦ୍ଧ, ଶକ୍ତ ଏବଂ ଅଫୁରନ୍ତ ଆନନ୍ଦର ଉତ୍ସ। ମନ ଅସୁସ୍ଥ ହୋଇ ଉଦ୍‌କ୍ଷିପ୍ତ ତଥା ଉଦ୍‌ଭିଗ୍ନ ରହିଲେ ତାହା ଅନେକ ରୋଗର କାରଣ ହୋଇ ପଡ଼େ। ଯୋଗ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ। ଏହା କେବଳ ଯୋଗୀ ମାନଙ୍କ ନିମନ୍ତେ ଅଭିପ୍ରେରିତ ନୁହେଁ। ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଜୀବନରେ ଉତ୍ତମ ସ୍ୱାସ୍ଥ୍ୟ, ମାନସିକ ଶାନ୍ତି ଏମ୍ବ ସନ୍ତୋଷ ତଥା ମାନସିକ ଚାପରୁ ମୁକ୍ତି ଚାହୁଁଥିବାରୁ ପ୍ରତ୍ୟେକ ଯୋଗ କରି ପାରିବେ ଏବଂ କରିବା ବାଞ୍ଛନୀୟ ମଧ। ସେଥିପାଇଁ ଯୋଗକୁ ଜୀବନର ବିଜ୍ଞାନ ବୋଲି କୁହା ଯାଇଛି। ଭାରତ ହିଁ ଯୋଗର ଜନ୍ମ ଭୂମି। ବଡ ଗର୍ବ ତଥା ଗୌରବର ବିଷୟ, ନିତ୍ୟାନ୍ତ ଆବଶ୍ୟକ ଓ ଶରିରବୃତିୟ ଏବଂ ମନସ୍ତାତ୍ତ୍ୱିକ ସାଧନ ପ୍ରଣାଳୀଟି ସାରା ବିଶ୍ୱରେ ସ୍ୱୀକୃତ ଲାଭ କରିଛି। ଏହାର ଫଳ ସ୍ୱରୂପ ପୃଥିବୀର ସବୁ ରାଷ୍ଟ୍ରରେ ପ୍ରତିବର୍ଷ ଜୁନ୍ ୨୧ ତାରିଖରେ ପାଳିତ ହୋଇ ଯାଉଛି ବିଶ୍ୱ ଯୋଗ ଦିବସ। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗର ଉପକାରିତା ସଂପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇବା ଏବଂ ନିୟମିତ ଯୋଗ ଅଭ୍ୟାସ କରିବା ନିମନ୍ତେ ପ୍ରେରଣା ପ୍ରଦାନ କରିବା।

## ଜିଲ୍ଲାସ୍ତରୀୟ ଯୋଗ ଆସନ ପ୍ରତିଯୋଗିତା

**ନବରଙ୍ଗପୁର :** ସ୍ଥାନୀୟ ଷ୍ଟାଡିୟମ ପରିସରରେ ଥିବା ଇଣ୍ଡର ଷ୍ଟାଡିୟମ ରେ ଯୋଗାସନ ସ୍ପୋର୍ଟସ ଏକାଡେମୀ ଏବଂ ପେଞ୍ଚକ ସିଲଟ ସଂଘ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଯୋଗ ଆସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗ ବୟସ ର ପ୍ରତିଯୋଗୀ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସମାଜ ସେବୀ ଜଗନ୍ନାଥ ମହାପାତ୍ର ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି ଏମ. ବାଲା କୃଷ୍ଣ ରାଓ, ସ୍ୱତନ୍ତ୍ର ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ମାରାଥନ ଖେଳାଳୀ ଚିତ୍ତରଞ୍ଜନ ପାତ୍ର, ଅଧ୍ୟାପକ ଅଖିଳ ଭଟ୍ଟ, ଆଶାକିରଣ ଅଧକ୍ଷ ଜଗନ୍ନାଥ ବେହେରା ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଯୋଗାସନ ପ୍ରତିଯୋଗିତାରେ ବିଚାରକ ଭାବରେ ଯୋଗ ଗୁରୁ କୃଷ୍ଣ ମୋହନ ପଟ୍ଟନାୟକ, ଶ୍ରିବାଣି ତ୍ରିପାଠୀ, ଅଳକା ଜବନି ଜୀବିକା ଏବଂ ରିମଝିମ୍ ସିଂ ପ୍ରମୁଖ ଯୋଗ ଦେଇ ଥିବା ବେଳେ ଅଫିସିଆଲ୍ ଭାବରେ ଶାନ୍ତିଲତା ପଟ୍ଟନାୟକ, ତିଳୋତ୍ତମା ପଟ୍ଟନାୟକ, ହିମାଂଶୁ ପଟ୍ଟନାୟକ, ଆଶୁତୋଷ ପୂଜାରୀ, ତ୍ରିପତି ବେହେରା ଏବଂ ୱାଣି ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।


PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

Contact : 8658607286


# ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ରାଶି ବୃଦ୍ଧି

**ଭୁବନେଶ୍ୱର :** ଗ୍ରୀଷ୍ମ ଛୁଟି ସରିବା ପରେ ସାରା ରାଜ୍ୟରେ ସ୍କୁଲ ଖୋଲିଛି। ପ୍ରଥମ ଦିନରୁ ହିଁ ସ୍କୁଲରେ ମଧ୍ୟାହ୍ନଭୋଜନ ମିଳିଛି। ଏପରିସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସମସ୍ତ ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ରାଶିକୁ ପୁଣି ବୃଦ୍ଧି କରାଯାଇଛି। ଉଭୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ୨ ଟଙ୍କା ୯୨ପଇସା ଲେଖାଏ ବୃଦ୍ଧି ହୋଇଛି। ପୂର୍ବରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ କେନ୍ଦ୍ର ସରକାର ଯଥାକ୍ରମେ ୬.୭୮ଟଙ୍କା ଓ ୧୦.୧୭ଟଙ୍କା ଦେଉଥିବାବେଳେ ରାଜ୍ୟ ସରକାର ୧.୪୫ଟଙ୍କା ଓ ୧.୬୫ଟଙ୍କା ପ୍ରଦାନ କରୁଥିଲେ। ଏବେ ପ୍ରାଥମିକ ବିଦ୍ୟାଳୟରେ ମିଲ୍ ପିଛା ୧୧.୧୫ଟଙ୍କା ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୪.୭୪ ଟଙ୍କାକୁ ବୃଦ୍ଧି ହୋଇଛି। ଏହି ନୂତନ ଦର ପିଛିଲା ଭାବେ ମେ’ ପହିଲାରୁ ଲାଗୁହେବ। ସୂଚନାଯୋଗ୍ୟ ଉଭୟ କେନ୍ଦ୍ର-ରାଜ୍ୟ ଭାଗିଦାରୀରେ ଏହି ପିଏମ୍-ପୋଷଣ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ମଧ୍ୟାହ୍ନ ଭୋଜନରେ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ଭାବେ ସପ୍ତାହକୁ ୩ଟି ଲଡୁ ଏବଂ ଗୋଟିଏ ଅଧିକ ଅଣ୍ଡା ଦିଆଯାଉଥିବାରୁ ଦର ବଢ଼ାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।




PLOT FOR SALE

MOUZA : JUJHAGADA

(Back side of Nandankanan Zoo)

BHUBANESWAR

Contact : 865807286 / 8917571455



MOUZA : BEGUNIA BOREHI

(NEAR CV RAMAN COLLEGE)

TAMANDO - YELLOW ZONE

BHUBANESWAR

30th Approch Road

Contact : 8658607286 / 8917571455


# କଂଗ୍ରେସର ଆନ୍ଦୋଳନ ଡାକରା ସୈତାନର ବେଦ ପାଠ ସଦୃଶ : ବିଜେପି

**ଭୁବନେଶ୍ୱର :** ଓଡ଼ିଶା କଂଗ୍ରେସର ସଭାପତି ଭାବେ ଗତ ଫେବୃୟାରୀରେ ଭକ୍ତ ଚରଣ ଦାସଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେବେଠାରୁ ଦଳର ସଭାପତି ଦୌଡରେ ଅନ୍ୟ ଯେଉଁମାନେ ଥିଲେ ସେମାନେ ଭକ୍ତ ଦାସଙ୍କୁ ବିରୋଧ କରି ଆସୁଛନ୍ତି। ଏବେ ବି ସେମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ଏବେ ବାରବାଟୀ ବିଧାୟିକା ସୋଫିଆ ଫିରଦୌଶ ଓ କଂଗ୍ରେସର ନାରୀନେତ୍ରୀ ଦିଲ୍ଲୀରେ ଖବରଦାତା ସମ୍ମିଳନୀ କରିବା ପରେ ଏହା ସ୍ପଷ୍ଟ ହୋଇଛି। କଂଗ୍ରେସ ଦଳ ନାରୀ ସୁରକ୍ଷାକୁ ନେଇ ଯେଉଁଭଳି ଭାବେ ଦିଲ୍ଲୀ ଦରବାରରେ ପ୍ରଶ୍ନ ଉଠାଇଛି ଏହା ସୈତାନର ବେଦ ପାଠ ସଦୃଶ ବୋଲି ବିଜେପି ମୁଖପାତ୍ର ମନୋଜ ମହାପାତ୍ର ଓ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶର୍ଯ୍ୟା ବିଶ୍ୱାଳ କହିଛନ୍ତି। ଶ୍ରୀ ମହାପାତ୍ର କହିଛନ୍ତି ଯେ, ସେମାନଙ୍କ ମାନସିକ ଦେବାଳୟପଣ ଏପରି ବଢ଼ିଯାଇଛି ଯେ, ଯାହାଫଳରେ ସେମାନେ ଆଉ ଓଡ଼ିଶାରେ ପ୍ରଶ୍ନ ପଚାରିବାକୁ ସାହାସ କରୁନାହାନ୍ତି। ଦଳର ମୁଖିଆଙ୍କ ପାଖ ଲୋକ ହୋଇ କେମିତି ପୁନର୍ବାର ସଭାପତି ଦୌଡ଼ରେ ରହିବେ ସେନେଇ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଗତ ୨୪ ବର୍ଷ ଧରି ବିଜେଡି ସରକାରରେ ଥିଲା, ଏହା ପୂର୍ବରୁ କଂଗ୍ରେସ ଦଳ ସରକାରରେ ଥିଲା। ମାତ୍ର ନାରୀ ସୁରକ୍ଷା ପାଇଁ ଉଭୟ ଦଳ କୌଣସି ପଦକ୍ଷେପ ନେଇ ନ ଥିଲେ। ଏବେ ନାରୀ ସୁରକ୍ଷା ପାଇଁ ବେଦ ପାଠ କରିବା ଅତ୍ୟନ୍ତ ହାସ୍ୟାସ୍ପଦ। କଂଗ୍ରେସ ସରକାରରେ ଥିଲାବେଳେ ନାରୀ ସୁରକ୍ଷା ପାଇଁ ଯେଉଁ ଭଳି ହୀନ କାର୍ଯ୍ୟ କରିଥିଲା ତା’ର ଫଳ ସ୍ୱରୁପ ସାଧାରଣ ନିର୍ବାଚନରେ ୧୦୦ଟି ବିଧାସଭା ଆସନରୁ ଅମାନତ ହରାଇଛି। ଏବେ ଦଳର ଗୋଷ୍ଠୀ କନ୍ଦଳକୁ ଲୁଚାଇବାକୁ ଯାଇ ଗୋପାଳପୁର ଗଣଦୁଷ୍କର୍ମ ପ୍ରସଙ୍ଗରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଭକ୍ତ ଗଠନ କରିଛନ୍ତି। ଝାଡ଼ଖଣ୍ଡର ରାଂଚିରେ କଂଗ୍ରେସ ଦଳର ସରକାର ରହିଛି। କିଛି ଦିନ ତଳେ ସେଠାରେ ଏକ ୬ ଜଣ ମହିଳାଙ୍କୁ ଏକାବେଳେ ଗଣଦୁଷ୍କର୍ମ ହୋଇଥିଲା। ମାତ୍ର ସେମାନଙ୍କ ବିରୋଧରେ କଂଗ୍ରେସ କ’ଣ



କାର୍ଯ୍ୟାନୁଷ୍ଠାନ ନେଇଛି ? କଂଗ୍ରେସ ଶାସିତ ଅଧିକାଂଶ ରାଜ୍ୟରେ ଏଭଳି ବହୁତ ଘଟଣା ଘଟୁଛି। ମାତ୍ର ସେଠାରେ କ’ଣ ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପଠାଯାଉ ନାହିଁ ? କଂଗ୍ରେସ ସରକାର ସମୟରେ ରାଜ୍ୟରେ ଅଞ୍ଜନା, ଅର୍ଚ୍ଚନା, ଅନ୍ନପୂର୍ଣ୍ଣା, ଛବିରାଣୀ ବିଲୁଆଖାଇ ଠୋଟା ପର୍ଯ୍ୟନ୍ତ ସବୁଠି ନାରୀ ଅସୁରକ୍ଷିତ ହୋଇପଡ଼ିଥିଲେ। ସେତେବେଳେ ଓଡ଼ିଶା ସଚିବାଳୟରେ ଥିବା ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ଏକ ରଙ୍ଗଶାଳାରେ ପରିଣତ ହୋଇଯାଇଥିଲା। କେତେଜଣ ମହିଳାଙ୍କୁ ଲଣ୍ଡିତ ହେବାକୁ ପଡ଼ିଥିଲା। ଏହାକୁ ଭୁଲିଯାଇଥିବା କଂଗ୍ରେସ ଦଳ ବର୍ତ୍ତମାନ ନାରୀ ସୁରକ୍ଷାକୁ ନେଇ ପ୍ରଶ୍ନପଚାରିବା ଧର୍ମକୁ ଆଖିଠାର। ବିଜୁ ଜନତା ଦଳର ସରକାରରେ ପ୍ରତିଦିନ ୯ ଜଣ ମହିଳା ବଳାତ୍କାରର ଶିକାର ହେଉଥିଲେ। ମାତ୍ର ବର୍ଷ ଶେଷକୁ କେବଳ ୯ ଜଣ ଦଣ୍ଡିତ ହେଉଥିଲେ। ବିଜେପି ସରକାରରେ ଏହି ହାର କମିଛି। ବର୍ତ୍ତମାନ ଦଣ୍ଡିତହାର ୩୨ ପ୍ରତିଶତରୁ ଊର୍ଦ୍ଧ୍ୱ। ଏହା ହେଉଛି ଆମ ଓଡ଼ିଶା ପୋଲିସର ସଫଳତା। ରେମୁଣାରେ ହୋଇଥିବା ମାମଲାରେ ମାତ୍ର ୩ମାସ ମଧ୍ୟରେ ଦୋଷୀଙ୍କୁ ଦଣ୍ଡ ଦିଆଯାଇଥିଲା। କିନ୍ତୁ ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ନିର୍ଭୟା ମାମଲା ପରେ ସୁପ୍ରିମ କୋର୍ଟ ଏକ ନିର୍ଦ୍ଦେଶ ଦେଇଥିଲେ ଯେ, ଦୁଷ୍କର୍ମ ମାମଲାରେ କିମ୍ବା ଏଭଳି ଅପରାଧିକ ଘଟଣାରେ ପୀଡ଼ିତା ନାମ ଅବା ଠିକଣା ପ୍ରଘଟ କରଯିବା ନାହଁ। କୌଣସି ଗଣମାଧ୍ୟମରେ ଏହା ପ୍ରକାଶ କରଯିବ ନାହିଁ। ଏଥିପାଇଁ ୨ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ଆଇନ୍ ରହିଛି। ମାତ୍ର କଂଗ୍ରେସ ଦଳ ଏହି ନିୟମକୁ ଉଲ୍ଲଂଘନ କରି କେବଳ ଫଟୋ ଉଠାଇବା ପାଇଁ ସେଠାକୁ ଯାଉଛନ୍ତି। ଏନେଇ ଓଡ଼ିଶା ପୋଲିସ ସେମାନଙ୍କ ବିରୋଧରେ ପୌଜଦାରୀ ମୋକଦ୍ଦମା ରୁଜୁ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି। ସେହିପରି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ବିଶ୍ୱାଳ କହିଛନ୍ତି ଯେ, ଗୋପାଳପୁର ଗଣଦୁଷ୍କର୍ମ ମାମଲା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ବିଗତ ଦିନରେ ବିଜେଡି ସରକାର ସମୟରେ ଅନେକ ଗଣଦୁଷ୍କର୍ମ ହେଉଥିଲା। ମହିଳା ପ୍ରତି ଅପରାଧ ବଢ଼ିଯାଇଥିଲା। ସେତେବେଳେ କଂଗ୍ରେସ ଚୁପ୍ ବସିଥିଲା। ଅପରପକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳାମାନଙ୍କ ପ୍ରତି ହେଉଥିବା ହିଂସା ବିରୋଧରେ କଡ଼ା ଆଇନ ଆଣିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମହିଳାଙ୍କ ପ୍ରତି ହେଉଥିବା ନିର୍ଯାତନା ସଂଖ୍ୟା କମିବ। ଏସବୁ ଅପରାଧ କିପରି ନ ଘଟିବ ସେନେଇ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**